

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୧ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 21 August 2025

Vol.No. 36 ■ No.220 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ମେଟ୍ରୋ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୦/୮ (ନି.ପ୍ର): ଭୁବନେଶ୍ୱର ମେଟ୍ରୋ ପାଇଁ ଫିଟୁଛି ବାଟ । କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ରାଜ୍ୟ ସରକାର । କେନ୍ଦ୍ର ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରୀ ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ଶ୍ରୀ ତୋଖାନ ସାହୁ ରାଜ୍ୟସଭାରେ ଉତ୍ତର ରଖି କହିଛନ୍ତି କି ମେଟ୍ରୋ ରେଳ ପ୍ରକଳ୍ପଗୁଡ଼ିକ ବ୍ୟୟସାପେକ୍ଷ। ତେଣୁ ଏହି ପ୍ରକଳ୍ପଗୁଡ଼ିକର ଦୀର୍ଘକାଳୀନ କାର୍ଯ୍ୟକ୍ଷମତା ଏବଂ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ମେଟ୍ରୋ ନୀତି ୨୦୧୭ ର ବ୍ୟବସ୍ଥା ଅନୁଯାୟୀ ଯୋଜନା କରାଯାଇଛି। ଓଡ଼ିଶା ସରକାର ପୂର୍ବରୁ ଭାରତ ସରକାରଙ୍କ ସୂଚନା ଏବଂ ଆର୍ଥିକ ସହାୟତା ବିନା ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହିତ ଆଗକୁ ବଢ଼ିଥିଲେ। ଓଡ଼ିଶା ସରକାର ବର୍ତ୍ତମାନ ସୂଚନା ଦେଇଛନ୍ତି ଯେ ସେମାନେ ଦୀର୍ଘକାଳୀନ କାର୍ଯ୍ୟକ୍ଷମତା, ସ୍ଥାୟୀତ୍ୱ ଏବଂ ସହରାଞ୍ଚଳ ଗତିଶୀଳତା ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ଗତିଶୀଳତା ଯୋଜନାର ସାମଗ୍ରିକ ଦୃଷ୍ଟିକୋଣ ଅନୁଯାୟୀ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପର୍ଯ୍ୟାୟ ର ପୁନଃମୂଲ୍ୟାୟନ ଏବଂ ପୁନର୍ଗଠନ କରୁଛନ୍ତି। ଓଡ଼ିଶା ସରକାର ସୂଚନା ଦେଇଛନ୍ତି ଯେ ଫିଜିବୁଲିଟ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱରୁ ମେଟ୍ରୋ ପ୍ରକଳ୍ପର ମୂଳ ସମ୍ଭାବ୍ୟତା ଫଳାଫଳ ଅନୁଯାୟୀ, ୨୦୨୮, ୨୦୩୧, ୨୦୪୧, ୨୦୫୧ ଏବଂ ୨୦୫୪ ବର୍ଷ ପାଇଁ ଦୈନିକ ଯାତ୍ରୀ ସଂଖ୍ୟା ଯଥାକ୍ରମେ ୬୭,୩୬୭, ୭୨,୨୧୪, ୯୮,୮୩୫, ୧,୪୨,୭୪୦ ଏବଂ ୧,୬୦,୫୬୪ ହେବ।

# ଗିରଫ ହେଲେ ପଳାଇବ ପ୍ରଧାନମନ୍ତ୍ରୀ- ମୁଖ୍ୟମନ୍ତ୍ରୀ- ମନ୍ତ୍ରୀ ପଦ

## ହୋହଲ୍ଲା ଭିତରେ ଲୋକସଭାରେ ୩ ବିଲ୍ ଆଗତ କଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ



ନୂଆଦିଲ୍ଲୀ,୨୦/୮ : କେନ୍ଦ୍ର ସରକାର ବୁଧବାର ଲୋକ ସଭାରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ ଆଗତ କରିବାକୁ ଯାଉଛନ୍ତି। ଯଦି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀଙ୍କୁ କୌଣସି ଗୁରୁତର ଅପରାଧିକ ମାମଲାରେ ଗିରଫ କରାଯାଏ, ତେବେ ତାଙ୍କୁ ପଦରୁ ହଟାଇ ଦିଆଯାଇପାରିବ। ବିଲ ମାଧ୍ୟମରେ ସରକାର ଏ ସମ୍ପର୍କରେ ଏକ ଆଇନ କରିବାକୁ ଯାଉଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ ୨୦୨୫, ୧୩୦ତମ ସମ୍ବିଧାନ ସଂଶୋଧନ ବିଲ ୨୦୨୫ ଏବଂ ଜମ୍ମୁ ଏବଂ କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ ୨୦୨୫ ଆଗତ କରାଯିବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସଂସଦରେ ତିନୋଟି ବିଲ ପ୍ରସ୍ତାବ ଦେବେ। ଏହି ବିଲ ରେ ଏକ ବ୍ୟବସ୍ଥା ଅଛି ଯେ ଯଦି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ୫ ବର୍ଷ ପାଇଁ ଜେଲ ଦଣ୍ଡ ଦିଆଯାଏ, ତେବେ ତାଙ୍କୁ ଗିରଫଦାରୀର ୩୧ତମ ଦିନରେ ପଦରୁ ହଟାଇ ଦିଆଯାଇପାରିବ। ଏବେ ତିନୋଟି ବିଲ ବିଷୟରେ ବିସ୍ତୃତ ଭାବରେ ଜାଣନ୍ତୁ। କେନ୍ଦ୍ରଶାସିତ ଅଞ୍ଚଳ ସରକାର ଆଇନ, ୧୯୬୩ (୧୯୬୩ ର ୨୦) ଅନୁଯାୟୀ, ଗୁରୁତର ଅପରାଧିକ ଅଭିଯୋଗ ଯୋଗୁଁ ଗିରଫ ଏବଂ ଅଟକ ଥିବା ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ବହିଷ୍କାର କରିବାର କୌଣସି ବ୍ୟବସ୍ଥା ନାହିଁ। ଏପରି ପରିସ୍ଥିତିରେ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ଏକ ଆଇନ ପ୍ରଣୟନ କରିବାର ଆବଶ୍ୟକତା ଅଛି। ତେଣୁ, ଏଥିପାଇଁ, କେନ୍ଦ୍ରଶାସିତ ଅଞ୍ଚଳ ସରକାର ଆଇନ, ୧୯୬୩ର ଧାରା ୪୫ ସଂଶୋଧନ କରିବାକୁ ପଡିବ। ଏହି ବିଲ ମାଧ୍ୟମରେ ଏକ ଆଇନ ପ୍ରଣୟନ କରାଯାଇପାରିବ। ସମ୍ବିଧାନ ଅନୁଯାୟୀ, ଗୁରୁତର ଅପରାଧିକ ଅଭିଯୋଗରେ ଗିରଫ ଏବଂ ଅଟକ ଥିବା ମନ୍ତ୍ରୀଙ୍କୁ ବହିଷ୍କାର କରିବାର କୌଣସି ବ୍ୟବସ୍ଥା ନାହିଁ, ତେଣୁ ଏପରି କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ କିମ୍ବା କେନ୍ଦ୍ର ମନ୍ତ୍ରୀ ପରିଷଦର କୌଣସି ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ଏବଂ ଜାତୀୟ ରାଜଧାନୀ ଦିଲ୍ଲୀର ମନ୍ତ୍ରୀ ପରିଷଦର କୌଣସି ମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ଏକ ଆଇନଗତ ଢାଞ୍ଚା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମ୍ବିଧାନର ଧାରା ୭୫, ୧୬୪ ▶▶ପୃଷ୍ଠା ୭

## ବିଜେଡି ହାତରୁ ଖସିଲା ଧର୍ମଶାଳା : ଅନାସ୍ଥା ପୂର୍ବରୁ ଇସ୍ତଫା

ଯାଜପୁର, ୨୦/୮ (ନି.ପ୍ର): ଯାଜପୁର ଧର୍ମଶାଳା ରାଜନୀତିରେ ହଟଚମଟ । ଅନାସ୍ଥା ପୂର୍ବରୁ ବ୍ଲକ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି ପ୍ରଭାତ ବଳବନ୍ତରାୟ । ଏହା ସହ ବିଜେଡି ହାତରୁ ଖସିଛି ଧର୍ମଶାଳା ବ୍ଲକ । ହାଇଭୋଲଟେଜ ଲଢ଼େଇ ପୂର୍ବରୁ ହାତ ଟେକି ଦେଇଛନ୍ତି ପ୍ରଭାତ । ୪୫ ପଞ୍ଚାୟତ ବିଶିଷ୍ଟ ଧର୍ମଶାଳା ବ୍ଲକରେ ୨୦୧୭ରୁ ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିଲେ ପ୍ରଭାତ । ନୂଆ ସରକାର ଆସିବା ପରେ ପ୍ରଭାତଙ୍କ ନାଁରେ ସରକାରୀ କାର୍ଯ୍ୟରେ ସହଯୋଗ କରୁନଥିବା ଅଭିଯୋଗ କରି ୩୮ ସରପଞ୍ଚ ଆଣିଥିଲେ ଅନାସ୍ଥା । ୨୨ ତାରିଖରେ ଅନାସ୍ଥା ଭୋଟ୍ ପୂର୍ବରୁ ଇସ୍ତଫା ଦେଇଛନ୍ତି ପ୍ରଭାତ । ଚର୍ଚ୍ଚା ହେଉଛି, ସ୍ୱାଧୀନ ବିଧାୟକ ହିମାଂଶୁ ସାହୁଙ୍କ ରାଜନୈତିକ ଗୋଟି ଚାଳନାରେ ଅନାସ୍ଥାରେ ହାରିଯିବାର ଆଗୁଆ ଆଭାସ ପାଇଥିଲେ ପ୍ରଭାତ। ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣ ଦର୍ଶାଇ ବ୍ଲକ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି ପ୍ରଭାତ। ହେଲେ ଭିଡିଓ ବାର୍ତ୍ତାରେ ପଞ୍ଚାୟତ ପ୍ରତିନିଧିଙ୍କ ସୁରକ୍ଷା ଦୃଷ୍ଟିରୁ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବା କହିଥିଲେ। କିନ୍ତୁ ସରପଞ୍ଚମାନେ ଆଣିଥିବା ଅଭିଯୋଗକୁ ନେଇ ପଦୁଟିଏ କହିନଥିଲେ ପ୍ରଭାତ। ଅନ୍ୟପଟେ ପୂର୍ବ ବ୍ଲକ ଅଧ୍ୟକ୍ଷଙ୍କ ନାଁରେ ଦୁର୍ନୀତି ଅଭିଯୋଗ ଥିବା କହି ଘେରିଛନ୍ତି ସ୍ୱାଧୀନ ବିଧାୟକ ହିମାଂଶୁ ସାହୁ । ପ୍ରଭାତଙ୍କ ଇସ୍ତଫା ସହ ଧର୍ମଶାଳା ରାଜନୀତି କଡ଼ ଲେଉଟାଇଛି । ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଅଭେଦ୍ୟ ଗଡ଼ ଭାଙ୍ଗିଛି ।

## କେବେ ଶୃଙ୍ଖଳିତ ହେବ ଶ୍ରୀମନ୍ଦିର ଭିତର ଦର୍ଶନ ?



ଭୁବନେଶ୍ୱର, ୨୦/୮ (ନି.ପ୍ର): ଶ୍ରୀମନ୍ଦିରରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ପ୍ରାୟ ବର୍ଷେ ହେଲା ଯୋଜନା ଚାଲିଛି । କିନ୍ତୁ ଏପର୍ଯ୍ୟନ୍ତ ନା କାମ ସରୁଛି ନା ଶ୍ରଦ୍ଧାଳୁ ଧାଡ଼ିରେ ଯାଇ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରୁଛନ୍ତି । ଆଗକୁ କାର୍ତ୍ତିକ ମାସ ଆସୁଥିବାରୁ କେବେ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ସେନେଇ ଉଠିଲାଣି ପ୍ରଶ୍ନ । ଆଗକୁ ଆସୁଛି ପାର୍ବଣ ସହ କାର୍ତ୍ତିକ ମାସ । ଲକ୍ଷାଧିକ ଭକ୍ତ ପୁରୀ ଆସିବେ। ବାହାରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥା ଥିବା ବେଳେ ଭିତର ଦର୍ଶନ ଅଦ୍ୟାବଧି ହୋଇପାରିଲା ନାହିଁ । ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଜାନୁଆରିରୁ ପୁରୀରେ ଭିତର ଦର୍ଶନ ଲାଗି ଧାଡ଼ି ବ୍ୟବସ୍ଥା ଲାଗୁ ହେବ। କିନ୍ତୁ ଜାନୁଆରିରୁ ଅଗଷ୍ଟ ସରିବାକୁ ବସିଲାଣି, ଧାଡ଼ି ବ୍ୟବସ୍ଥା ହୋଇପାରିଲାନି । ୧୬ ପିଲାର ବିଶିଷ୍ଟ ଅଞ୍ଚଳରେ ୬ ଥାକିଆ ଦର୍ଶନ ବ୍ୟବସ୍ଥା ଆପଣାଇବାକୁ ଆରମ୍ଭ ହୋଇଥିଲା ପ୍ରୟାସ । ଭିତର ଦର୍ଶନ ସମୟରେ ସାତ ପାହାଚ ଦ୍ୱାରରେ ପ୍ରବେଶ କରି ଭକ୍ତ ଘଣ୍ଟି ଦ୍ୱାର ଓ ଗାରଦ ଦ୍ୱାରରେ ▶▶ପୃଷ୍ଠା ୭

## ଅଗ୍ନି-୫ର ହେଲା ସଫଳ ପରୀକ୍ଷଣ

### ୫୦୦୦ କିଲୋମିଟର ରେଞ୍ଜ ସାଙ୍ଗକୁ ଶବ୍ଦଠାରୁ ୨୪ ଗୁଣ ଅଧିକ ବେଗ



ବାଲେଶ୍ୱର, ୧୯/୮ (ନି.ପ୍ର): ଓଡ଼ିଶାର ଚାନ୍ଦିପୁରରେ ଆଜି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୫ର ସଫଳ ପରୀକ୍ଷଣ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏହି ପରୀକ୍ଷଣରେ ସମସ୍ତ କାର୍ଯ୍ୟକ୍ଷମ ଏବଂ ବୈଷୟିକ ପାରାମିଟର ନିଶ୍ଚିତ କରାଯାଇଥିଲା। ଏହା ଦେଶର ପ୍ରଥମ ଏବଂ ଏକମାତ୍ର ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । ଅଗ୍ନି-୫ ର ରେଞ୍ଜ ୫୦୦୦ କିଲୋମିଟରରୁ ଅଧିକ ରହିଛି। ସମଗ୍ର ଚୀନ୍ ଏହାର ରେଞ୍ଜ ମଧ୍ୟରେ ଆସିଥାଏ, ଯେତେବେଳେ ୟୁରୋପ ଏବଂ ଆଫ୍ରିକାର ଅନେକ ଅଂଶ ମଧ୍ୟ ଏହାର ରେଞ୍ଜ ମଧ୍ୟରେ ଅଛି। ଏହି କ୍ଷେପଣାସ୍ତ୍ର ମଲ୍ଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବଲ୍ ରି-ଏଣ୍ଟ୍ରି ▶▶ପୃଷ୍ଠା ୭

## ରାଜ୍ୟରେ ଜାରି ରହିଛି ମୌସୁମୀ ଜନିତ ବର୍ଷା: ଆହୁରି ୪ ଦିନ ବର୍ଷା ନେଇ ଆକଳନ



ଭୁବନେଶ୍ୱର, ୨୦/୮ (ନି.ପ୍ର): ରାଜ୍ୟରେ ଜାରି ରହିଛି ମୌସୁମୀ ଜନିତ ବର୍ଷା । ଆଗାମୀ ୭ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି। କିଛି କିଛି ସ୍ଥାନମାନଙ୍କରେ ବିଜୁଳି, ଘଡ଼ଘଡ଼ି ଜନିତ ବର୍ଷା ସମ୍ଭାବନା ଥିବା ବେଳେ ଉତ୍ତର ଓଡ଼ିଶାର କିଛି ଜିଲ୍ଲା ଓ ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ସମ୍ଭାବନା ନେଇ ୟେଲୋ ଆଲର୍ଟ ଜାରି କରିଛି ବିଭାଗ । ସେପଟେ ଆସନ୍ତା କାଲି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାର କିଛି କିଛି ସ୍ଥାନମାନଙ୍କରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ଉତ୍ତର ଓଡ଼ିଶାର ବି କିଛି ଜିଲ୍ଲାମାନଙ୍କରେ ବିଜୁଳି ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ଥିବା ବେଳେ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେପଟେ ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇନାହିଁ ବୋଲି ସ୍ପଷ୍ଟ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

## ୧୮ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରି : ସୃଷ୍ଟି ହେବ ୮ ହଜାର ୨ ଶହ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୨୦/୮ (ନି.ପ୍ର): ୮ ଜିଲ୍ଲାରେ ୧୮ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରି ଦେଇଛି ରାଜ୍ୟ ସରକାର ସିଙ୍ଗଲ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି । ଏହାଦ୍ୱାରା ରାଜ୍ୟରେ ୪ ହଜାର ୫୧୫ କୋଟି ଟଙ୍କାର ପୁଞ୍ଜୀନିବେଶ ହେବ । ଏହାଦ୍ୱାରା ୮ ହଜାର ୨ ଶହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ଏହି ଶିଳ୍ପ ପ୍ରତିଷ୍ଠା ହେବ । ଢେଙ୍କାନାଳରେ ହେବ ୫ ଗିଗାଓ୍ୱାଟର ବ୍ୟାଟେରୀ କାରଖାନା । ଏଥିପାଇଁ ୨୮୩ କୋଟି ଟଙ୍କା ଖର୍ଚ୍ଚ ହେବ । ଯାଜପୁରରେ ୯୦ କୋଟି ଖର୍ଚ୍ଚରେ ଜିନ୍ଦଲ କରିବ ସବୁଜ ହାଇଡ୍ରୋଜେନ ପ୍ରକଳ୍ପ । ଗଞ୍ଜାମରେ ପ୍ରତିଷ୍ଠା ହେବ ୨ ଗିଗାଓ୍ୱାଟର ସୌର ପ୍ରକଳ୍ପ । ଏଥିପାଇଁ ୭୫୦ କୋଟି ଖର୍ଚ୍ଚ ହେବ ଓ ୫୧୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଅନୁଗୁଳରେ ୩୫୦ କୋଟି ଟଙ୍କା ଖର୍ଚ୍ଚରେ ହେବ ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ ପ୍ରକଳ୍ପ,

## ଆଫଗାନିସ୍ତାନରେ ଭୟଙ୍କର ବସ୍ ଦୁର୍ଘଟଣା : ୭୯ ଯାତ୍ରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨୦/୮ : ଆଫଗାନିସ୍ତାନରେ ଏକ ଭୟଙ୍କର ବସ୍ ଦୁର୍ଘଟଣାରେ ୭୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ରିପୋର୍ଟ ଅନୁସାରେ, ବସ୍‌ଟି ପ୍ରବାସୀମାନଙ୍କୁ ନେଇ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ପରେ ନିଆଁ ଲାଗି ଜଳି ଯାଇଥିଲା । ସ୍ଥାନୀୟ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ, କିନ୍ତୁ ନିଆଁ ସେତେବେଳକୁ ବସ୍‌ରେ ଅଧିକ ମାତ୍ରାରେ ବ୍ୟାପୀ ଯାଇଥିଲା । ଆଫଗାନ୍ କର୍ତ୍ତୃପକ୍ଷ ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏବଂ ମୃତକ ଓ ଆହତ ପରିବାରଙ୍କୁ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ତାଲିବାନ ମୁଖପାତ୍ର ଅହମଦୁଲ୍ଲା ମୁତାକି କହିଛନ୍ତି, ଇରାନରୁ ଫେରୁଥିବା ଆଫଗାନୀ ନାଗରିକ, ପ୍ରବାସୀଙ୍କୁ ନେଇ ଯାଉଥିବା ବସ୍ ଏକ ଟ୍ରକ୍ ଏବଂ ମୋଟରସାଇକେଲ ସହିତ ଧକ୍କା ହେବା ପରେ ବସ୍‌ରେ ନିଆଁ ଲାଗିଯାଇଥିଲା । ହେରାତ ପୁଲିସ କହିଛି, ବସ୍‌ର ଅତ୍ୟଧିକ ଗତି ଏବଂ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟିଛି। ଗତ ବର୍ଷ ଡିସେମ୍ବରରେ, କେନ୍ଦ୍ରୀୟ ଆଫଗାନିସ୍ତାନର ରାଜପଥରେ ଏକ ବସ୍, ଏକ ଇନ୍ଧନ ଟ୍ୟାଙ୍କର୍ ଏବଂ ଏକ ଟ୍ରକ୍ ସହିତ ହୋଇଥିବା ଦୁଇଟି ଦୁର୍ଘଟଣାରେ ▶▶ପୃଷ୍ଠା ୭

## ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ମାତୃପିତୃ ପୂଜନ ଦିବସ ପାଳିତ



ବାଲେଶ୍ୱର, ୨୦/୮ (ନି.ପ୍ର): ଅରଡ ବଜାର ସ୍ଥିତ ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପୂଜ୍ୟ ମାତାପିତା ରୂପେ ଔପନ୍ୟାସିକ, ପ୍ରାବନ୍ଧିକ ତଥା 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା ଓ ବିଶିଷ୍ଟ କବି, ଲେଖିକା ତଥା 'ସାଗରିକା' ପତ୍ରିକା ଏବଂ ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶ୍ରୀଯୁକ୍ତ ପରିଡ଼ା ତାଙ୍କ ବକ୍ତବ୍ୟରେ ଆମ ମାନଙ୍କ ଜୀବନରେ ପିତା ମାତାଙ୍କ ଭୂମିକା, ଅବଦାନକୁ ଅତି ସୁନ୍ଦର ଶବ୍ଦରେ ପ୍ରମାଣିତ କରିଥିଲେ। ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ମହୋଦୟା ତାଙ୍କ ବକ୍ତବ୍ୟରେ ପିତାମାତାଙ୍କ ସୁକୃତରୁ ପିଲାମାନେ ସୁଖୀ ହେବା ସହ ପିତାମାତାଙ୍କୁ ଚଳନ୍ତି ପ୍ରତିମା ରୂପେ ଦର୍ଶାଇଥିଲେ । ମୁଖ୍ୟ ବକ୍ତା ଭାବେ ସୁବର୍ଣ୍ଣଶ୍ରୀ ମୁଖ୍ୟ ତଥା କବି ଶ୍ରୀ କାଳିପଦ ପଣ୍ଡା ଯୋଗ ଦେଇ ଗଳ୍ପ ମାଧ୍ୟମରେ ବହୁ ଉପାଦେୟ ତଥ୍ୟ ପିତାମାତାଙ୍କ ପାଇଁ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ। ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନେ ମାତା ପିତାଙ୍କ ପୂଜାର୍ଚ୍ଚନା କରି ସେମାନଙ୍କର ଆଶୀର୍ବାଦ ଲାଭ କରିଥିଲେ। ଇତ୍ୟବସରରେ ବିଦ୍ୟାଳୟ ର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସଙ୍କ ଜନ୍ମଦିନ ପାଳନ କରାଯାଇଥିଲା ଓ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। ରେହାନା ବେଗମ୍ ,ସରିତା ବାରିକ, ଆରତୀ ବାଳା ଦାସ, ଆଞ୍ଚଲପ୍ରିୟା ବେହେରା, ଅନୀତା ରାଣୀ ଦାସ, ଅନନ୍ୟା ବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶାନ୍ତି ଲତା ମାଝୀ, ନମିତା ବାଗ୍, ଜୟସ୍ମିତା ପଣ୍ଡା, ମୌ।ସୁମୀ ଚାଟାର୍ଜୀ, ମୋନାଲି ପରିଡ଼ା, ଶରିଫୁଦ୍ଦିନ୍ ମହମ୍ମଦ, ମନିଷା ଦାଶ, ସଞ୍ଜୁଲତା ସ୍ୱାଇଁ, ଭଗବାନ ବେହେରା ପ୍ରମୁଖ କର୍ମଚାରୀଗଣ କାର୍ଯ୍ୟରେ ସହାୟତା କରିଥିଲେ।

## ତେଲ କିଣିବା ନେଇ ଭାରତକୁ ବଡ଼ ଅଫର ଦେଲା ଋଷ : ଆଉ କାମ ଦେବନି ଟ୍ରମ୍ପଙ୍କ ଧମକ



ନୂଆଦିଲ୍ଲୀ,୨୦/୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଋଷରୁ ତେଲ କିଣିବା ନେଇ ଭାରତ ଉପରେ ପ୍ରବଳ ରାଗିଛନ୍ତି । ଯାହାକୁ ନେଇ ୨୫ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛନ୍ତି । ତଥାପି, ଭାରତ ତାର ଆବଶ୍ୟକତା ଅନୁସାରେ ଋଷରୁ ନିରନ୍ତର ତେଲ କିଣୁଛି । ଏହି ସମୟରେ, ଋଷ ଏକ ବଡ଼ ନିଷ୍ପତ୍ତି ନେଇଛି ଏବଂ ଭାରତକୁ ତେଲ କ୍ରୟ ଉପରେ ୫ପ୍ରତିଶତ ରିହାତି ଦେବାକୁ ନିଷ୍ପତ୍ତି ନେଇଛି । ଭାରତରେ ଋଷର ଉପ ବାଣିଜ୍ୟ ପ୍ରତିନିଧି ଏଭଜେନି ଗ୍ରୀଭା କହିଛନ୍ତି, 'ଭାରତକୁ ଋଷ ଅଶୋଧିତ ତୈଳ କ୍ରୟ ଉପରେ ୫ ପ୍ରତିଶତ ରିହାତି ମିଳିବ, ଯାହା ଆଲୋଚନା ଆଧାରରେ ନିଷ୍ପତ୍ତି ନିଆଯିବ ।' ଗ୍ରୀଭା ଆହୁରି କହିଛନ୍ତି ଯେ ରାଜନୈତିକ ପରିସ୍ଥିତି ସତ୍ତ୍ୱେ, ଭାରତ ପ୍ରାୟ ସମାନ ସ୍ତରର ତେଲ ଆମଦାନି ଜାରି ରଖିବ । ସେ ଏହା ମଧ୍ୟ କହିଛନ୍ତି ଯେ ଏହି ରିହାତି ଏକ ବାଣିଜ୍ୟିକ ନୀତି । ଗ୍ରୀଭାଙ୍କ ସହିତ, ଋଷର ମିଶନର ଉପମୁଖ୍ୟ ରୋମାନ ବାବୁଶକିନ୍ ମଧ୍ୟ ଏକ ବିବୃତ୍ତି ଦେଇଥିଲେ । ସେ କହିଥିଲେ ଯେ ପରିସ୍ଥିତି ଚ୍ୟାଲେଞ୍ଜିଂପୂର୍ଣ୍ଣ, କିନ୍ତୁ ଆମ ସମ୍ପର୍କରେ ବିଶ୍ୱାସ ଅଛି । ସେ ଆହୁରି ମଧ୍ୟ କହିଥିଲେ, 'ଆମେ ନିଶ୍ଚିତ ଯେ ▶▶ପୃଷ୍ଠା ୭

# ନେପାଳ ଇସ୍ପାତ ଶିଳ୍ପ ସହିତ ସମ୍ପର୍କକୁ ସୁଦୃଢ଼ କରୁଛି ସେଲ୍



ରାଉରକେଲା, ୨୦/୦୮ (ନି.ପ୍ର): ଭାରତ ଏବଂ ଏହାର ସୀମା ବାହାର ଗ୍ରାହକଙ୍କ ସହିତ ସମ୍ପର୍କ ବୃଦ୍ଧି କରିବାର ନିରନ୍ତର ପ୍ରୟାସ ଦିଗରେ, ସେଲ୍‌ର ଅନ୍ତର୍ଜାତୀୟ ବାଣିଜ୍ୟ ବିଭାଗ ଅଗଷ୍ଟ ୧୩ ତାରିଖରେ ନେପାଳର କାଠମାଣ୍ଡୁରେ ଏକ ଗ୍ରାହକ ସମ୍ମିଳନୀ ଆୟୋଜନ କରିଥିଲା। ସେଲ୍, ଅର୍ଥ ବିଭାଗର ନିର୍ଦ୍ଦେଶକ ଏବଂ ବାଣିଜ୍ୟ ବିଭାଗର ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱରେ ଥିବା ଡକ୍ଟର ଏ.କେ.ପଣ୍ଡାଙ୍କ ନେତୃତ୍ୱରେ ସେଲ୍‌ର ବରିଷ୍ଠ ଅଧିକାରୀଙ୍କ ଏକ ଦଳ ନେପାଳ ଇସ୍ପାତ ଶିଳ୍ପର ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଫଳପ୍ରଦ ଆଲୋଚନା କରିଥିଲେ, ଯାହା ନେପାଳକୁ ସେଲ୍ ଇସ୍ପାତର ରପ୍ତାନି ବୃଦ୍ଧି ପାଇଁ ପଥ ପ୍ରସ୍ତୁତ କରିଥିଲା। ଆରଏସପି ପିପିସି ବିଭାଗର ସିଜିଏମ ସୁଶ୍ରୀ ସୁନିତା ସିଂହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଗ୍ରାହକମାନଙ୍କ ସହିତ ଆଲୋଚନା କରିଥିଲେ।

## ଦେଶିମଦ ଚାଲାଣ ବେଳେ ଚଢଉ: ୨ ଗିରଫ

ଜୟପୁର, ୨୦/୦୮ (ନି.ପ୍ର): ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ନିରୀକ୍ଷକ କାର୍ଯ୍ୟାଳୟ ତରଫରୁ ଆଜି ଚଢଉ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ସାନଜିଉନା ଗ୍ରାମର ଭଗବତୀ ନାୟକ (୫୨) ଓ ରାଣିପୁଟ ଗ୍ରାମର ତ୍ରିନାଥ ମୁଦୁଲି (୫୫) । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ଖବର ପାଇ ସାନ ଜିଉନା ଓ ରାଣିପୁଟ ଗ୍ରାମ ରାସ୍ତାରେ ଚଢ଼ଉ କରି ୧୭ ଲିଟର ଦେଶି ମଦ ଜବତ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶି କାନ୍ତ ଦତ ସୂଚନା ଦେଇଛନ୍ତି।

# ଜଳେଶ୍ୱରରେ ଟିଏମ ଟାଇଟନ ଶୋରୁମର ଦ୍ୱିତୀୟ ବାର୍ଷିକ ଉତ୍ସବ ସହ ଲକି ଡ୍ର ଉଠାଣ



ଜଳେଶ୍ୱର, ୨୦/୦୮ (ନି.ପ୍ର): ଜଳେଶ୍ୱରର ଥାନା ବଜାର ସ୍ଥିତ ପ୍ରଥମ ଥର ପାଇଁ ଆଜି ଦିନରେ ନାମିଦାମୀ ବ୍ରାଣ୍ଡ ର ଟି ଏମ ଟାଇଟନର ଶୋରୁମ ଉଦ୍ଘାଟିତ ହୋଇଥିଲା ।ତେଣୁ ଏହି ପରିପ୍ରେକ୍ଷୀରେ ଏହି ଦ୍ୱିତୀୟ ବର୍ଷର ବାର୍ଷିକ ଉତ୍ସବ ଉପଲକ୍ଷେ ଆଜି ସନ୍ଧ୍ୟା ୭ ଘଟିକା ସମୟରେ ଜଳେଶ୍ୱର ତହସିଲର ତହସିଲଦାର ସତ୍ୟଜିତ ମହାନ୍ତି ପ୍ରଥମେ କେକ୍ କାଟି ଟିଏମ ଟାଇଟନ ଶୋରୁମର ଲକି ଡ୍ର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏକ୍ସିସ ବ୍ୟାଙ୍କର ମ୍ୟାନେଜର ରାଜେନ୍ଦ୍ର ଖଣ୍ଡୁଆଲ,ବର୍ଡନା ପଞ୍ଚାୟତର ସମିତି ସଭ୍ୟ ତ୍ରିଲୋଚନ ଦାସ, ସୋଗୋ ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ ସଞ୍ଜୟ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଥିଲେ। ପରିଚାଳିକା ମମିତା ଦାସ ଓ ତୃପ୍ତିରାଣୀ ମହାନ୍ତି ଅତିଥି ଭାବେ ଯୋଗ ଦେଇ ଟି ଏମ ଟାଇଟନ ଶୋରୁମ ସମ୍ପର୍କରେ ଆଲୋକପାତ କରିଥିଲେ। ଯେଉଁଥିରେ କି ଟାଇଟନ,ଫାଷ୍ଟ୍ରାକ ଏବଂ ରେବନ ଭଳି ବ୍ରାଣ୍ଡର ଚଷମା ଓ ବିଭିନ୍ନ ଡିଜାଇନର ହାତଘଣ୍ଟା ଶୋରୁମରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଆଖି ପରୀକ୍ଷା କରିବାର ସୁବିଧା ମଧ୍ୟ କରାଯାଇଛି। ପାର୍ଥସରଥୀ ଦାସ ମାନସ କୁମାର ମହାନ୍ତି ପରିଚାଳନା କରିଥିଲେ। ହପିଯୁଲ ମଲ୍ଲିକ,ସୁଭ୍ରଜିତ ଦାସ,ସ୍ୱାତି ବେହେରା,ଶୁଭଶ୍ରୀ ଜେନା ସହଯୋଗ କରିଥିଲେ। ଲକି ଡ୍ର ରେ ପ୍ରଥମ ପୁରସ୍କାର ପାଇଥିଲେ ଜଳେଶ୍ୱର ବ୍ଲକ ବାଣୀଦା ଗ୍ରାମର ସୁଜାତା ମହାପାତ୍ର,ଦ୍ୱିତୀୟ ଜଳେଶ୍ୱର ଷ୍ଟେସନ ବଜାର ଶକ୍ତିପଦ ମଣ୍ଡଳ,ତୃତୀୟ ନାମୋ ଗ୍ରାମର ଚନ୍ଦନ ଦାସ,ଚତୁର୍ଥ ଭୋଗରାଇ ବ୍ଲକ କମରଦା ଅଂଚଳର ଅଜୟ ଖଟୁଆ,ପଞ୍ଚମ ଜଳେଶ୍ୱର ସତସଙ୍ଗ ବିହାର ର ଦୀପକ କୁମାର ପଣ୍ଡା, ଷଷ୍ଠ ଚନ୍ଦନେଶ୍ୱର ଅଂଚଳର ଦିବ୍ୟାନ୍ସୀ ମାହାନ୍ତି,ସପ୍ତମ ପଶ୍ଚିମ ବଙ୍ଗ ଦାନ୍ତୁଣ ଥାନା ଅଂଚଳର ତାରକ ନାଥ ଧଳ ଓ ଅଷ୍ଟମ ମିର୍ଜାପୁର ଅଂଚଳର ଆଦିତି ପ୍ରଧାନଙ୍କୁ ମୁଖ୍ୟ ଅତିଥି ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ମନୋଜ କୁମାର ଭୂୟାଁ ଓ ଭୂପତି ଚରଣ ପରିଡ଼ାଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ।

# ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବକୁ ବଲାଙ୍ଗୀର ବିଜେପିର ସ୍ୱାଗତ

ବଲାଙ୍ଗିର, ୨୦/୦୮ (ନି.ପ୍ର): ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବଲାଙ୍ଗୀରବାସୀ ଦାବି କରୁଥିବା ବେଳେ ଗତକାଲି ଲୋକସେବା ଭବନରେ ସମ୍ବଲପୁର ଠାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଏହି ପ୍ରସ୍ତାବକୁ ପ୍ରତିବାଦ କରିଥିବା ବେଳେ ବଲାଙ୍ଗୀର ଜିଲ୍ଲା ବିଜେପିର ନେତାମାନେ ଏହାକୁ ସ୍ୱାଗତ ଜଣାଇଛନ୍ତି । ସୋମବାର ଦିନର ବୈଠକ ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଟ୍ୱିଟ୍ କରିବା ପରେ ପରେ ବଲାଙ୍ଗୀରର ବିଧାୟକ ଏହାର ପ୍ରତିବାଦ କରି ଅସନ୍ତୋଷ ବ୍ୟକ୍ତକରି ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍ କରିବା ସହ ଚିଠି ଲେଖିଛନ୍ତି। ସେପଟେ ବିଧାୟକ କଳିକେଶଙ୍କୁ ଆଜି ବଲାଙ୍ଗୀର ଜିଲ୍ଲା ବିଜେପି ଦଳ ଟାର୍ଗେଟ କରି ସମାଲୋଚନା କରିଛି । ଆଜି ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଭାଜପା ଦଳ ଏକ ଜାତୀୟଦଳ । ତେଣୁ ଦଳୀୟ ନିଷ୍ପତି ଯାହା ନିଆଯାଇଛି ତାକୁ ସ୍ୱାଗତ କରାଯାଉଛି । ଗତ ନିର୍ବାଚନ ସମୟରେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କରାଯିବା ନେଇ ଦଳ ସଂକଳ୍ପ କରିଥିଲା ।ତେଣୁ ଏବେ ସରକାର ସେନେଇ ନିଷ୍ପତି ନେଉଛନ୍ତି ବୋଲି ବିଜେପି ଦଳ କହିଛି । ବିଜେପି ଦଳର ବିଧାୟକ ପ୍ରାର୍ଥି ଥିବା ଗୋପାଳଜୀ ପାଣିଗ୍ରାହୀ, ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ମହିଳାମୋର୍ଚ୍ଚା ସଭାନେତ୍ରୀ ରଂଜିତା ପାଣିଗ୍ରାହୀ, ସାଂସଦଙ୍କ ପ୍ରତିନିଧି ଦୀନେଶ ଶର୍ମା ଓ ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲଙ୍କ ଉପସ୍ଥିତିରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରସ୍ତାବକୁ ସ୍ୱାଗତ କରାଯାଇଥିଲା । ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ ବିଧାୟକ କଳିକେଶଙ୍କୁ ତଥା ବିଜେଡି ଦଳକୁ ଟାର୍ଗେଟ କରି କହିଛନ୍ତି ଯେ, ନବୀନ ପଟ୍ଟନାୟକ ଦୀର୍ଘ ୨୪ ବର୍ଷ ଶାସନରେ ରହିଥିଲେ ହେଁ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟଟିଏ କରିପାରିଲେ ନାହିଁ । ଯଦି ବଲାଙ୍ଗୀରରେ ମହାବିଦ୍ୟାଳୟ ଥାନ୍ତା ତାହେଲେ ବିଶ୍ୱବିଦ୍ୟାଳୟ କରିବାକୁ ସୁବିଧା ହୋଇଥାନ୍ତା । ସମ୍ବଲପୁର ଚିପିଲିମାରେ ପୂର୍ବରୁ ଏକ କୃଷି ମହାବିଦ୍ୟାଳୟ ରହିଛି ତେଣୁ ସେଠାରେ ବିଶ୍ୱବିଦ୍ୟାଳୟ ହେଉଛି । ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଘୋଷଣା କରିଛନ୍ତି ବୋଲି ଗୋପାଳଜୀ ପାଣିଗ୍ରାହୀ କହିଥିଲେ । ତେବେ ଗୋଟିଏ ଦିନରେ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ଆନ୍ଦୋଳନକୁ ନେତୃତ୍ୱ ନେଉଥିବା ଗୋପାଳଜୀ ପାଣିଗ୍ରାହୀଙ୍କ ଏଭଳି ମନ୍ତବ୍ୟକୁ ନେଇ ଅନେକ ସାମ୍ବାଦିକଙ୍କ ଭୃକୁଂଚନ ହୋଇଥିଲା । ରାଜ୍ୟରେ ସରକାର ବଦଳି ବିଜେପି ଆସିବା ପରେ ତାଙ୍କର ମତ ପରିବର୍ତ୍ତନ ନେଇ ଅନେକ ସାମ୍ବାଦିକ ପ୍ରଶ୍ନ କରିଥିଲେ । ବିଜେପି ଏକ ରାଷ୍ଟ୍ରୀୟ ଦଳ ତେଣୁ ଦଳ ଜଣେ ଶୃଙ୍ଖଳିତ କର୍ମୀ ଭାବରେ ଦଳ ଓ ସରକାରଙ୍କର ନିଷ୍ପତିକୁ ଆମେ ସ୍ୱାଗତ କରିବୁ ଓ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ପ୍ରସଙ୍ଗରେ କୃଷିମନ୍ତ୍ରୀଙ୍କ ସହ ଆଲୋଚନା କରିବୁ ବୋଲି କହିଥିଲେ ।

# ଧରଣୀଧର ବିଶ୍ୱବିଦ୍ୟାଳୟର ରସାୟନ ବିଭାଗରେ ଦ୍ୱି-ଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ

କେନ୍ଦୁଝର, ୨୦/୦୮ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୂଲ୍ୟରେ "ଶକ୍ତି ଓ ପରିବେଶ " ବିଷୟବସ୍ତୁକୁ ଆଧାର କରି ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଡ଼କ୍ଟର ଏସ ସି ଖୋଟୋଇ ଓ ଉତ୍ସବର ସଭାପତିତ୍ୱ କରିଥିଲେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ଡ଼କ୍ଟର ପ୍ରଭୁ ପ୍ରସାଦ ଦାସ ।ଆଜି ଉଦଯାପନୀ ଉତ୍ସବ ରେ ବିଦେଶରୁ ଯୋଗଦାନ କରିଥିବା ବିଷୟ ବିଶେଷଜ୍ଞ ମାନେ ହେଉଛନ୍ତି ପ୍ରଫେସର ଲରେନ୍ସ ବର୍କେଲି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ, ଓ ଡ଼କ୍ଟର ସଜିତ୍ ମାଝୀ ଆବୁଧାବି ସାଉଦି ଆରବ। ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନରୁ ଯୋଗ ଦେଇଥିବା ବ୍ୟକ୍ତି ମାନେ ହେଉଛନ୍ତି ଡ଼କ୍ଟର ଲୁବୁନା ଶେଖ୍ ଟାଟା ଷ୍ଟିଲ ଜାମସେଦପୁର, ଡ଼କ୍ଟର ଉମାଶଙ୍କର ଓଝା ଆଇ ଆଇ ଟି ଭୁବନେଶ୍ୱର , ମିନମେଂଟ କନ୍ସଲଟାନସି ର ପରିଚାଳନା ନିର୍ଦ୍ଦେଶକ ଏସ ସି ଖୋଟୋଇ। ଶକ୍ତି ର ସୁରକ୍ଷା ଓ ପରିବେଶ ପ୍ରଦୂଷଣକୁ ରକ୍ଷା କରିବା ପାଇଁ ସମସ୍ତ ବିଶେଷଜ୍ଞ ମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ରର ସାରାଂଶ ସଂଯୋଜକ ଯୋଶବନ୍ତ ନାରାୟଣ ସିଂ ବାବୁ ଉପସ୍ଥାପନା କରିଥିବା ବେଳେ ଡ଼କ୍ଟର ଅନୁପମା ଦାସ ଆଲୋଚନା ଚକ୍ରର ଉପାଦେୟତା ଦର୍ଶାଇ ଥିଲେ ଓ ଡ଼କ୍ଟର ଚନ୍ଦ୍ରଶେଖର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜି ସମୁଦାୟ ତିନୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଓ ସମସ୍ତ ଅଧିବେଶନରେ ସଭାପତିତ୍ୱ ଡ଼କ୍ଟର ଶ୍ରୀଧର ସନ୍ୟାସୀ ଖୁବ୍ କୁଶଳତାର ସହିତ ସମ୍ପାଦନ କରିଥିଲେ। ହାଇବ୍ରିଡ ମୋଡ (ଅନଲାଇନ୍ ଓ ଅଫଲାଇନ)ରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଦୁଇଶହ ରୁ ଅଧିକ ଛାତ୍ର ଛାତ୍ରୀ ଓ ତିରିଶ ରୁ ଅଧିକ ଗବେଷକ ସହିତ ବିଭିନ୍ନ ମହାବିଦ୍ୟାଳୟ ରୁ ଅଧ୍ୟାପକ ଓ ଅଧ୍ୟାପିକା ଏଥିରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼କ୍ଟର ପ୍ରକାଶ ପଲ୍, ଡ଼କ୍ଟର ଡି ଗ୍ରହଚାର୍ଯ୍ୟ, ଶ୍ରୀମତୀ ରୋନିତା ନାୟକ ତଥା ବିଭାଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଗଣ।

## ଗରିବଙ୍କୁ ଦାନ କରି ଫଟୋଗ୍ରାଫି ଦିବସ ପାଳିଲା ସଂଘ

କେନ୍ଦୁଝର, ୨୦/୦୮ (ନି.ପ୍ର): ସାରା ବିଶ୍ୱ ପାଳନ କରୁଛି ବିଶ୍ୱ ଫଟୋଗ୍ରାଫି ଦିବସ। କେନ୍ଦୁଝରରେ କିନ୍ତୁ ଟିକେ ନିଆରା ଢଙ୍ଗରେ ପାଳନ ହୋଇଛି ଏହି ଦିବସ। ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ କେନ୍ଦୁଝର ଫଟୋ ଓ ଭିଡିଓ ସଂଘ ତରଫରୁ ଆଜି କେନ୍ଦୁଝର ପୁରୁଣା ସହର ନିକଟସ୍ଥ ମୁଣ୍ଡା ସାହି,ସମାଧି ସାହି, ପୁଡୁ ଉଆସରେ ଥିବା ପାଖାପାଖି ଶତାଧିକ ଗରିବ ଓ ଅସହାୟ ଲୋକମାନଙ୍କୁ ସଂଘ ତରଫରୁ ଚୁଡା, କଦଳୀ, କେକ, ବିସ୍କୁଟ, ସୋରିଷତେଲ, ସାବୁନ୍ ବଂଟନ କରାଯାଇଛି। ସଂଘର ସଭାପତି ସଞ୍ଜୟ ପ୍ରହରାଜ, ସମ୍ପାଦକ ଆଦିତ୍ୟ ପ୍ରକାଶ ବେଜ, ସଦସ୍ୟ କାହ୍ନୁ ଚରଣ, ଭକ୍ତ ମୁର୍ମୁ, ରାଜେଶ, ଜଗା ବାରିକ, ଆକାଶ ବାରିକ ପ୍ରମୁଖ ବଣ୍ଟନ କାର୍ଯ୍ୟରେ ସହୋଯାଗ କରିଥିଲେ।

# ବିପୁଳ ପରିମାଣରେ ଚୋରା ମହୁଲି ମଦ ଓ ପୋଚ ଜବତ : ୫ ମାମଲା ରୁଜୁ

ଚମ୍ପୁଆ, ୨୦/୦୮ (ନି.ପ୍ର): ଚମ୍ପୁଆ ଅବକାରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ରେ ବହୁ ପରିମାଣ ରେ ଚୋରା ମହୁଲି ମଦ ଓ ପୋଚ ଜବତ ହୋଇ ନଷ୍ଟ କରାଯାଇଥିବା ଜଣାପଡିଛି । ଆଜି କେନ୍ଦୁଝର ଅବକାରୀ ଅଧିକ୍ଷକ ସୀତାରାଣି ପଟ୍ଟାୟତ ଙ୍କ ନିର୍ଦ୍ଦେଶ କ୍ରମେ ରେ ଚମ୍ପୁଆ ବିଭିନ୍ନ ଗ୍ରାମରେ ଚମ୍ପୁଆ ଅବକାରୀ ନିରୀକ୍ଷକ ଏଚ ଜଗା ରାଓ ଙ୍କ ତତ୍ୱାବଧାନ ରେ ଓ ମାଜିଷ୍ଟ୍ରେଟ ସୁଜିତ୍ କୁମାର ସ୍ୱାଇଁ ଙ୍କ ଉପସ୍ଥିତି ରେ ଚମ୍ପୁଆ ଅବକାରୀ ଥାନା ଅନ୍ତର୍ଗତ ବର୍ଦ୍ଧନା ଓ ପାରୁଡ଼ିପଶି ଗ୍ରାମ ରେ ଚଢ଼ାଉ କରାଯାଇ ୧୮୦୦୦ କିଗ୍ରା ମହୁଲ ପୋଚ ଓ ୨୦୦୦ ଲିଟର ଦେଶୀ ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଛି । ଏହି ଯୋଡା , ଝୁମ୍ପୁରା, ବଡବିଲ , ସଦର ଅବକାରୀ ବିଭାଗ ଓ ବାରିଆ ପୁଲିସ୍ ବିଭାଗ ଓ ବାରିଆ ପୁଲିସର ମିଳିତ ଭାବେ ଚଢାଉ କରି ବିପୁଳ ପରିମାଣର ମହୁଲ ପୋଚ ଓ ମଦ ଜବତ କରିଥିବା ଜଣାପଡିଛି। ଏଥି ସହିତ ମଦ ପ୍ରସ୍ତୁତି ସରଞ୍ଜାମ ସବୁ ବିଭାଗ ଜବତ କରିଛି । ତେବେ ଚଢ଼ାଉ ପୂର୍ବରୁ ସୁରାକ ପାଇ ଚୋରା ମଦ କାରବାର ରେ ସଂପୃକ୍ତ ଦୁଇ ଜଣ ବ୍ୟକ୍ତି ସୁବର୍ଣ୍ଣ ମାଝୀ ଓ ରାମ ଦାସ ମାଝୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ବିଭାଗ ପକ୍ଷରୁ ମୋଟ୍ ୫ ଟି ମାମଲା ରୁଜୁ ହୋଇଛି ।ସୂଚନା ଯୋଗ୍ୟ କି ଉକ୍ତ ଗ୍ରାମ ଗୁଡିକ ରେ ଦେଶୀ ରନ୍ଧା ମଦ ଏକ କୁଟୀର ଶିଳ୍ପେ ପାଲଟି ସାରିଥିବା ବେଳେ ଏହି ମଦ ବିଭିନ୍ନ ଅଂଚଳରେ ଅବାଧ ରେ ଉପଲବ୍ଧ ହେଉଥିବାରୁ ଦିନକୁ ଦିନ ସ୍ଥାନୀୟ ଅଂଚଳରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଥିଲା । ଚୋରା ମଦ କାରବାର ଉପରେ ଅଙ୍କୁଶ ଲଗାଇବା କୁ ଆଗକୁ ଏପରି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ଚଢ଼ାଉ ରେ ଚମ୍ପୁଆ, ଯୋଡା, ବଡ଼ବିଲ , ସଦର ଅବକାରୀ ବିଭାଗ , ମୋବାଇଲ ସ୍କ୍ୱାଡ ଓ ବାରିଆ ପୋଲିସ୍ ସାମିଲ୍ ଥିବା ଜଣା ପଡିଛି ।

# ଲଗାଣ ବର୍ଷାରେ ଜୟପୁର ତହସିଲରେ ଭାଙ୍ଗିଲା ୧୩ ଘର

ଜୟପୁର, ୨୦/୦୮ (ନି.ପ୍ର): ଲଘୁଚାପଜନିତ ବର୍ଷା ପ୍ରଭାବରେ ଜୟପୁର ତହସିଲରେ ଆଜି ୧୩ଟି ଘର ଭାଙ୍ଗିଯିବା ସହ ଛପର ଉଡିଯାଇଥିବା ଆକଳନ କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଜୟପୁର ତହସିଲ ଅଧୀନସ୍ଥ କଙ୍ଗା ପଂଚାୟତ ଖୁଟୁଗୁଡା ଗ୍ରାମର ସୁଭଦ୍ରା ଗୌଡ, ଡୁମୁରିଗୁଡା ଗ୍ରାମର ଉର୍ମିଳା ସାହୁ, ଫାମ୍ପୁଣୀ ଗ୍ରାମର ହରି ଭୁମିଆ, କଳାଗୁଡା ଗ୍ରାମର ଅନ୍ଧାରୁ ପୁଜାରୀ, ଜାମୁଣ୍ଡା ପଂଚାୟତ ମାଳିଡମ୍ବଗୁଡା ଗ୍ରାମର ମଞ୍ଜୁଳା ହରିଜନ, କଙ୍ଗା ପଂଚାୟତ ପୁଜାରୀଗୁଡା ଗ୍ରାମର ଦୀନବନ୍ଧୁ ଭତରା, ପୁଟ୍ରା ଗ୍ରାମର ଧନପତି ଭତରା, ବାଲି ପୁଜାରୀପୁଟ ଗ୍ରାମର କାର୍ତ୍ତିକ ଚଲାଣ, କଳସାହାଣ୍ଡିର ଖଗେଶ୍ୱର ବାରିକ, ଆମ୍ବାଗୁଡା ଗ୍ରାମର ସାମୁଏଲ ହରିଜନ, କଙ୍ଗା ପଂଚାୟତ ଦଳେଇଗୁଡା ଗ୍ରାମର କୈଳାଶ ଗାଦବା, ସୋନୁ ଗାଦବା, ଧନପୁର ପଂଚାୟତର ଗୌରୀ ହରିଜନଙ୍କ ଘର ଭାଙ୍ଗି ଯାଇଥିଲା। ଅତିରିକ୍ତ ତହସିଲଦାର ଚିତ ରଞ୍ଜନ ପଟ୍ଟନାୟକ କ୍ଷୟକ୍ଷତିର ଆକଳନ କରବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ପ୍ରଦାନ କରିଥିଲେ। ଏହି ସମୟରେ ତହସିଲ କାର୍ଯ୍ୟାଳୟର କର୍ମଚାରୀ ହରିହର ଶତପଥୀ, ଦିଲୀପ କୁମାର ପ୍ରଧାନ ଓ ରାଜସ୍ୱ ନିରୀକ୍ଷକ ଦିପ୍ତିମୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜୀଉ ଦର୍ଶନ, ସମୁଦ୍ର ସ୍ନାନରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ମନ : ହୋଟେଲ, ଲଜିଙ୍ଗରେ ରୁମ ଭଡା ଅତ୍ୟଧିକ, ଯାଂଚ୍ ନାହିଁ

ପୁରୀ, ୨୦/୦୮ (ନି.ପ୍ର): ଚଳିତ ବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ମାନଙ୍କର ସମାଗମ ବୃଦ୍ଧି ପାଇଛି। ସହରରେ ଥିବା ବିଭିନ୍ନ ହୋଟେଲ, ଲଜିଙ୍ଗ, ଗେଷ୍ଟ ହାଉସ, ହଲିଡ଼େ ହୋମ ତଥା ବେଆଇନ ଭାବେ ନିଜସ୍ୱ ଗୃହକୁ ଯାତ୍ରୀମାନଙ୍କୁ ଭଡା ଲଗାଇଥିବା ଗୃହଗୁଡିକ ବୁକିଂ ହେଉଥିବା ଦେଖିବାକୁ ମିଳୁଛି । ଭଡା ଦେଉଥିବା ଗୃହକର୍ତ୍ତା ମାନେ ଅଧିକ ଭଡା ଆଦାୟ କରୁଥିବା ପର୍ଯ୍ୟଟକମାନେ ଅଭିଯୋଗ କରୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଘରୋଇ ଗୃହରେ ଚାଲିଥିବା ଲଜିଙ୍ଗ ସମେତ କେତେକ ହୋଟେଲ, ହଲିଡ଼େ ହୋମ ଓ ଗେଷ୍ଟ ହାଉସ ଗୁଡିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ଦେଖିବାକୁ ମିଳୁଛି, ଗାଡି ପାର୍କିଙ୍ଗ ନଥିବା ମଧ୍ୟ ନଜରକୁ ଆସିଛି, କେଉଁ ପର୍ଯ୍ୟଟକମାନେ କେଉଁଠାରେ ରହିଲେ ସମ୍ପୃକ୍ତ ଅଂଚଳର ଥାନା ଗୁଡିକକୁ ସୂଚନା ଦେଉନଥିବା ଅଭିଯୋଗ ହେଉଛି। ସ୍ୱର୍ଣ୍ଣାଭ ବେଳାଭୂମିର ଆକର୍ଷଣରେ ପର୍ଯ୍ୟଟକମାନେ ଏଠାକୁ ଆସି ବେଳାଭୂମିରେ ସ୍ନାନ କରି ଏକ ନିଆରା ମଜା ନେଉଛନ୍ତି। ସ୍ନାନ କରିବା ସମୟରେ ଯେପରି କୌଣସି ଅଘଟଣ ନ ଘଟେ ୱାଚ ଟାୱାର ଗୁଡିକରେ ଲାଇଫ ଗାର୍ଡ ମାନେ ସଜାଗ ରହି ଦୃଷ୍ଟି ରଖିଛନ୍ତି। ସେହିଭଳି ପୁରୀ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପର୍ଯ୍ୟଟକମାନଙ୍କର ସୁବିଧା ନିମନ୍ତେ ବହୁପ୍ରକାର ସୁବିଧାର ବ୍ୟବସ୍ଥା କରୁଛନ୍ତି। ଏସବୁ ସତ୍ୱେ ପର୍ଯ୍ୟଟକ ମାନେ ପୁରୀରେ ରହିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଏପରିକି ସହରର ବିଭିନ୍ନ ସାହି ଗଳିକନ୍ଦିରେ ମାଳମାଳ ଲଜ୍ ମାନ ଗଢି ଉଠିବା ଫଳରେ ସାହି ବାସିନ୍ଦା ମାନେ ମଧ୍ୟ ବହୁ ଅସୁବିଧାର ସମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଲଜ ମାଲିକ ତଥା ଗୃହକର୍ତ୍ତା ମାନେ ଲଜିଙ୍ଗ କରିବାର ପରମିସନ ରୂପକ ଲଜିଙ୍ଗ ହାଉସିଙ୍ଗ ବୋର୍ଡ ର ଲାଇସେନ୍ସ, ମ୍ୟୁନିସିପାଲଟି ଲାଇସେନ୍ସ ବଳରେ ଲୋକମାନଙ୍କର ଅସୁବିଧା ପ୍ରତି ହେୟ ଜ୍ଞାନ କରି ନିଜ ନିଜର ପକେଟ ଗରମ କରିବାରେ ପଛଘୁଞ୍ଚା ଦେଉନାହାନ୍ତି। ତେଣୁ ଏ ଦିଗରେ ପୁରୀ ପ୍ରଶାସନ ପରିସ୍ଥିତିକୁ ଅନୁଧ୍ୟାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। କେଉଁ ହୋଟେଲରେ କେତେ ରୁମ ପୌର ସଂସ୍ଥାକୁ କେତୋଟି ରୁମ ଥିବା ଦର୍ଶାଇ ଟିକସ ଦେଉଛି ତାହାର ଖୋଳତାଡ ପାଇଁ ଦାବୀ ହେଉଛି। ପାର୍କିଙ୍ଗ ବ୍ୟବସ୍ଥା, ଅଗ୍ନି ନିରାପତା, ସ୍ୱେରେଜ ବ୍ୟବସ୍ଥା, ପାଣି ଉତ୍ସ ସମ୍ପର୍କରେ ପୌର ସଂସ୍ଥାକୁ ଅବଗତ କରାଯାଉନାହିଁ । ବ୍ରିଟିଶ ଅମଳରୁ ଥିବା ଲଜିଙ୍ଗ ହାଉସ ଫଣ୍ଡକୁ ଭାଙ୍ଗି ପୌର ସଂସ୍ଥାରେ ମିଶାଇ ଦିଆଗଲା ।ପ୍ରତି ବର୍ଷ ହୋଟେଲ, ଲଜିଙ୍ଗ, ଧର୍ମଶାଳା, ହଲିଡେ ହୋମ ମାଲିକମାନେ ଲଜିଙ୍ଗ ହାଉସ ଫଣ୍ଡ ରେ ତଥ୍ୟ ଦେଉଥିଲେ ।ଏପରିକି କୋଣାର୍କ, କାକଟପୁର, ପିପିଲି ଅଂଚଳରେ ଥିବା ହୋଟେଲ ମାଲିକ ମାନେ ପ୍ରତିବର୍ଷ ରୁମ ତଥ୍ୟ, ଇନକମ, କେତେ ପର୍ଯ୍ୟଟକ ଆସିଥିଲେ ସମସ୍ତ ତଥ୍ୟ ଆଫିଡେଭିଟ ଜରିଆରେ ଜଣାଉଥିଲେ ।ପୁରୀରେ ମଧ୍ୟ ଆଉ ହୋଟେଲ ପୌର ସଂସ୍ଥା ଚେକିଂ କରୁନାହିଁ । ଏଥିପ୍ରତି ଜିଲ୍ଲାପାଳ, ପୌରସଂସ୍ଥା ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ସେଲ୍, ଆରଏସପି ରେ 'ରେଳ ଟ୍ରାଫିକ୍ ପରିଚାଳନାରେ ସୁରକ୍ଷା' ଉପରେ ଦୁଇଦିନିଆ କର୍ମଶାଳା ଆରମ୍ଭ



ରାଉରକେଲା, ୨୦/୦୮ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସେଫ୍ଟି ଇଞ୍ଜିନିୟରିଂ ବିଭାଗ (ଏସଇଡ଼ି) ଏବଂ ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗ (ଟି ଆଣ୍ଡ ଆରଏମ) ଦ୍ୱାରା ସେଲ୍ ସୁରକ୍ଷା ସଂଗଠନ (ଏସଏସଓ) ସହଭାଗିତାରେ ଆୟୋଜିତ 'ରେଳ ଟ୍ରାଫିକ୍ ପରିଚାଳନାରେ ସୁରକ୍ଷା' ଉପରେ ଏକ ଦୁଇଦିନିଆ କର୍ମଶାଳା ଅଗଷ୍ଟ ୧୯ ତାରିଖରେ ଆରଏସପି ର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ଆରମ୍ଭ ହୋଇଛି । ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବରେ ଏହି ଉଦଘାଟନୀ ଅଧିବେଶନରେ ଅଧକ୍ଷତା କରିଥିଲେ। ଏହି କର୍ମଶାଳାରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି.ଆର. ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ଏବଂ ଏସଏସଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନୁପ କୁମାର ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଉଦଘାଟନୀ ଅଧିବେଶନରେ ଆରଏସପିର ବହୁ ସିଜିଏମ , ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ସୁରକ୍ଷା ଅଧିକାରୀମାନଙ୍କ ସହିତ ଟାଟା ଷ୍ଟିଲ୍, ଜାମସେଦପୁରର ଅଧିକାରୀ ଏବଂ ସେଲ୍ ର ଅନ୍ୟ ସହଯୋଗୀ ୟୁନିଟ ଗୁଡିକ ମଧ୍ୟ ଯୋଗ ଦେଇଥିଲେ। ଶ୍ରୀ ବର୍ମା ନିଜ ଅଭିଭାଷଣରେ, ସମସ୍ତ ସୁରକ୍ଷା ପଦକ୍ଷେପର ମୂଳ ହେଉଛି 'ଶୂନ୍ୟ କ୍ଷତି' ଏବଂ ପ୍ରତ୍ୟେକ କାର୍ଯ୍ୟ ଏହି ଲକ୍ଷ୍ୟ ହାସଲ କରିବାର ମାନସିକତା ସହିତ କରାଯିବା ଉଚିତ ବୋଲି ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ , 'ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତା ଇସ୍ପାତ ପରି ମଜବୁତ ହେବା ଉଚିତ।' ସେ ଅଂଶଗ୍ରହଣକାରୀମାନଙ୍କୁ ଗଭୀର ଭାବରେ ଚିନ୍ତା କରିବା ସହିତ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁଥିବା ପରିମାପଯୋଗ୍ୟ ଫଳାଫଳ ବାହାର କରିବାକୁ ପରାମର୍ଶ ଦେଇଥିଲେ।

ଶ୍ରୀ ଅନୁପ କୁମାର, ବହୁ ତାଲିମ ଏବଂ ପଦକ୍ଷେପ ସତ୍ତ୍ୱେ, ଅନେକ ସମୟରେ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ତାଙ୍କ ସ୍ୱାଗତ ଅଭିଭାଷଣରେ କହିବା ସହିତ ଦୁର୍ଘଟଣା ପରେ କେବଳ ଏହାର ବିଶ୍ଳେଷଣ କରିବା ପରିବର୍ତ୍ତେ ପ୍ରଥମେ ଏହାକୁ କିପରି ରୋକାଯିବା ସହ ଘଟଣାଗୁଡ଼ିକର ପୁନରାବୃତ୍ତି ନହେବ ତାହା ନିଶ୍ଚିତ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେ ଆହୁରି ମଧ୍ୟ ଯେକୌଣସି ସଙ୍କଟ ସମୟରେ ଶୀର୍ଷ ପରିଚାଳନା ସହିତ ଖୋଲାପଣ ଏବଂ ସମୟୋଚିତ ସୂଚନା ବଣ୍ଟନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଟି ଆଣ୍ଡ ଆରଏମ ବିଭାଗର ସିଜିଏମ ଶ୍ରୀ କୌଶିକ ଶୂନ୍ୟାନି, ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିବାବେଳେ ଏସଇଡ଼ି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ପ୍ରଜ୍ଞା ନାଥ ଏହି ଉଦଘାଟନୀ ସମାରୋହର ପରିଚାଳନା କରିଥିଲେ। କର୍ମଶାଳାର ଶେଷ ଭାଗରେ, ବୈଷୟିକ ଅଧିବେଶନଗୁଡ଼ିକରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ (ବିଏସପି), ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି), ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ (ବିଏସଏଲ), ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ (ଡ଼ିଏସପି), ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ (ଆଇଏସପି) ଏବଂ ଟାଟା ଷ୍ଟିଲ୍, ଜାମସେଦପୁରର ପ୍ରତିନିଧିମାନଙ୍କ ଦ୍ୱାରା ବିସ୍ତୃତ ଉପସ୍ଥାପନା ଏବଂ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ କପଲିଂ/ଡିକପଲିଂ ପ୍ରକ୍ରିୟା, ୱାଗନ୍ ଟିପଲିଂ କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା, ଲୋକୋ ମୁଭମେଣ୍ଟ ଅଭ୍ୟାସ ଏବଂ ଦୁର୍ଘଟଣା ନିବାରଣ ପଦକ୍ଷେପ ସମେତ ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା ସହିତ ଘଟିଥିବା ପ୍ରମୁଖ ଦୁର୍ଘଟଣା ଏବଂ ଏହାର ପରବର୍ତ୍ତୀ ସଂଶୋଧନମୂଳକ ପଦକ୍ଷେପ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଶେଷ ଅଧିବେଶନରେ, ଏକ ବିସ୍ତୃତ ଆଲୋଚନା ଏବଂ ବିଚାର ବିମର୍ଶ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଅଂଶଗ୍ରହଣକାରୀ ମାନେ ସେମାନଙ୍କର ଅନ୍ତର୍ଦୃଷ୍ଟି ଏବଂ ଅଭିଜ୍ଞତା ବାଣ୍ଟିବା ସହିତ ସେଲ୍ ପ୍ଲାଣ୍ଟଗୁଡ଼ିକରେ ରେଳ ଟ୍ରାଫିକ୍ କାର୍ଯ୍ୟରେ ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ସାଧାରଣ ରଣନୀତି ବିକଶିତ କରିବା ଏବଂ ଭିତ୍ତିଭୂମି ସ୍ଥାପନ ଦିଗରେ ଦୃଷ୍ଟି ଆକର୍ଷଣ କରିଥିଲେ।

## ଧାରାବାହିକ:

ଭାଗ-୧୩

# ସଂକ୍ଷିପ୍ତ ଭାଗବତ କଥାମୃତ

## ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୩୨/୩୩ ଶ ଅଧ୍ୟାୟ, ଶ୍ରୀକୃଷ୍ଣଙ୍କର ପୁନଃ ପ୍ରକଟ ଓ ସାନ୍ତ୍ୱନା ପ୍ରଦାନ, ମହାରାସ

ଗୋପୀମାନଙ୍କର ଆକୁଳ ପ୍ରାର୍ଥନା ଏବଂ ଗର୍ବ କାରଣରୁ ବହୁ ଯାତନା ପାଇଲେଣି ବୋଲି ଭାବି ଭାବଗ୍ରାହୀ ତତ୍‌କ୍ଷଣାତ୍ ସେଠାରେ ଆବିର୍ଭୂତ ହେବାରୁ ଗୋପୀମାନେ ଦେଖିଲେ ଶ୍ୟାମସୁନ୍ଦର ମଦନମୋହନ ସେମାନଙ୍କୁ ଚାହିଁ ମୃଦୁ ମୃଦୁ ହସୁଛନ୍ତି । ପତଙ୍ଗ ଅଗ୍ନି ନିକଟକୁ ଧାଇଁଲାପରି ସେମାନେ ବାହୁ ପ୍ରସାରଣ କରି ପ୍ରଭୁଙ୍କ ନିକଟକୁ ଧାଇଁଯାଇ ନିଜ ପଣତକାନୀରେ ବାନ୍ଧି ପକାଇଲେ କାଳେ କୁଆଡେ ଅନ୍ତର୍ଦ୍ଧାନ ହୋଇଯିବେ । କେହି ନିଜର କୁଚ ଯୁଗଳ ପ୍ରଭୁଙ୍କ ବକ୍ଷରେ ଥାପି ଚୁମ୍ବନଦେଇ ଅଧରାମୃତ ପାନକଲେ ତ କେହି ପ୍ରଭୁଙ୍କ ଚରଣକୁ ନିଜ ଛାତିରେ ଚାପିଧରି ତାଙ୍କୁ ଚକ୍ଷୁ କୋଣରେ ଚାହିଁ ରହିଲେ । କେହି ଗହଳି କାରଣରୁ ପ୍ରଭୁଙ୍କ ନିକଟକୁ ଯାଇନପାରି ଚକ୍ଷୁ ବୁଜି ଶୂନ୍ୟକୁ ଆଲିଙ୍ଗନ କରିବାରୁ ପ୍ରଭୁ ସ୍ୱୟଂ ତା ଆଲିଙ୍ଗନ ପାଶରେ ଧରାଦେଲେ । ଗୋପୀଗଣଙ୍କର ବହୁ ଦିନର ତପସ୍ୟାର ଫଳ ସ୍ୱରୂପ ଭଗବାନଙ୍କୁ ନିବିଡ ଅଙ୍ଗସଙ୍ଗ ଲାଭ କରି ପଣ୍ଡିତଙ୍କ ଜ୍ଞାନପ୍ରାପ୍ତି ପରି ସନ୍ତୋଷ ଲାଭ କରି ନିଜ ନିଜର ବସ୍ତ୍ରମାନ ପରିଧାନ କଲେ । ପରେ ଶ୍ରୀକୃଷ୍ଣଙ୍କୁ ଘେରିଯାଇ ବେଶ କରିବାକୁ ଲାଗିଲେ ଓ ମଧୁର କଟାକ୍ଷରେ ଭର୍ତ୍ସନା ସହିତ ଅଭିମାନରେ ପଚାରିଲେ, ହେ ଗୋପୀଜନବଲ୍ଲଭ, ତୁମେ ତ ଆମ ପଞ୍ଚପ୍ରାଣ, ଆମର ସର୍ବସ୍ୱ । ହଠାତ୍ ଆମକୁ ଛାଡି କୁଆଡେ ଚାଲିଗଲ ? ଆମେମାନେ କେତେ କାନ୍ଦିଲୁ । ଆଉ ଆମକୁ ଛାଡି ଚାଲିଯିବନି ତ ? ଶ୍ରୀକୃଷ୍ଣ ମନ୍ଦ ମନ୍ଦ ହସି କହିଲେ ହେ ଗୋପୀକା ବୃନ୍ଦ, ମୁଁ କୁଆଡେ ଯାଇନଥିଲି । ମୁଁ ତ ତୁମରି ରୂପ ନେଇ ତୁମ ମଧ୍ୟରେ ଥିଲି ମାତ୍ର ତୁମେ ମୋତେ ଚିହ୍ନି ନପାରିବାରୁ ନିଜ ରୂପ ଧାରଣ କଲି । ତୁମେମାନେ ମୋତେ ଯେମିତି ଭଜୁଛ ମୁଁ ମଧ୍ୟ ତୁମକୁ ସେତିକି ଭଜୁଛି, ତୁମକୁ ଛାଡି ଯିବି କୁଆଡେ ? ତା'ଛଡା ତୁମେମାନେ ମୋତେ ତ ପଣତରେ ବାନ୍ଧି ଦେଇଛ । ଏହିପରି ଗୋପୀମାନଙ୍କୁ ଉଲ୍ଲସିତ କରି ସେମାନଙ୍କ ସହ ରାସକ୍ରୀଡାରେ ଭଗବାନ ପ୍ରବୃତ୍ତ ହେଲେ । ଗନ୍ଧର୍ବ, କିନ୍ନର, ଯକ୍ଷ, ଦେବତାଦି ପ୍ରଭୁଙ୍କର ମହାରାସ ଦେଖି ଧନ୍ୟ ହେଲେ ଓ ପୁଷ୍ପବୃଷ୍ଟି କଲେ । ଶ୍ରୀକୃଷ୍ଣ ମାୟାରୂପ ଧାରଣ କରି ପ୍ରତ୍ୟେକ ଗୋପୀ ସହ ତାହାର ମନ ଅନୁସାରେ ରମଣ କଲେ । ବୃନ୍ଦାବନ ଭୂମି ରମଣରତ ନାରୀମାନଙ୍କ ବଳୟ, ନୂପୁର, କିଙ୍କିଣି ନିକ୍ୱଣ ସହିତ ଆନନ୍ଦ ଉଲ୍ଲାସର ସ୍ୱରରେ ପରିପୂର୍ଣ୍ଣ ହେଲା । ସେମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣ କୋଟିଏ ଅନଙ୍ଗ ଜିଣି ଅପୂର୍ବ ରୂପମାଧୁରୀ ପ୍ରକାଶ କରି ପ୍ରତିଭାତ ହେଲେ । ଭକ୍ତବତ୍ସଳ ଭଗବାନ ନିଜର ଭକ୍ତ ଗୋପୀମାନଙ୍କୁ ଦୁର୍ଲ୍ଲଭ ଅଙ୍ଗସୁଖ ପ୍ରଦାନ କରି ଧନ୍ୟକଲେ । ରାସ ଜନିତ କ୍ରୀଡା କ୍ଲେଶରୁ କେହି ଗୋପୀର ଶ୍ରମଝାଳ ବହି ପଡିବାରୁ ପ୍ରଭୁ ସ୍ୱହସ୍ତରେ ପୋଛି ପକାଉଥାନ୍ତି । କାହାର କବରୀରୁ ପୁଷ୍ପମାଳା ଖସି ପଡୁଥାଏ କାହାର ବିବସନ ଅଙ୍ଗରୁ ମେଖଳା ଅସମ୍ଭାଳ ହୋଇ ପଡୁଥାଏ । କିଏ ବା ଶ୍ରୀକୃଷ୍ଣଙ୍କ ଦନ୍ତ ନଖ ପୀଡା ନିଜ ଶରୀରରେ ପ୍ରାପ୍ତ ହୋଇ ପୁଲକିତ ହୋଇ ଅସ୍ପଷ୍ଟ ଶବ୍ଦ କରୁଥାଏ ବା କେହି ଶ୍ରୀକୃଷ୍ଣଙ୍କ ସହ ଗଳ୍ପାଳାପରେ ଲିପ୍ତଥାଏ । କେହି ତାଙ୍କ ଶରୀରକୁ ଆଘ୍ରାଣ କରି ପୁଲକିତ ହେଉଥାଏ ତ କେହି ତାଙ୍କ କର୍ଣ୍ଣମୂଳସ୍ଥ କୁଣ୍ଡଳ ତଟରେ ଚୁମ୍ବନ ଦେଇ ତାମ୍ବୁଳ ରଙ୍ଗ ଲେପିତ ହେବାର ଦେଖି ଆନନ୍ଦିତ ହେଉଥାଏ । କେହି ନିଜ ବକ୍ଷୋଜରେ ପ୍ରଭୁଙ୍କ ହାତ ଥାପି ଶରୀରର ଉତ୍ତାପ ହ୍ରାସ କରୁଥାଏ । ପ୍ରତ୍ୟେକ ଗୋପୀକୁ କେବଳ ତା ସହିତ ଏକ ନନ୍ଦ ନନ୍ଦନ ଦେଖାଯାଉଥାଏ ଅନ୍ୟ କାହାକୁ ଦେଖା ଯାଉନଥାଏ । ଏଥିରୁ ଏହା ହିଁ ଜଣାଯାଏ ଯେ ନିଜର ମନ ଅନୁସାରେ ଗୋପୀମାନେ ଆତ୍ମସୁଖ ପ୍ରାପ୍ତ ହୋଇଛନ୍ତି । ଅତଏବ ଏହା ଜୀବାତ୍ମା ଓ ପରମାତ୍ମାର ମିଳନ । ରାସକ୍ରୀଡାନ୍ତେ ଶ୍ରୀକୃଷ୍ଣ ଗୋପୀକାମାନଙ୍କୁ ନେଇ ସ୍ନାନ ପାଇଁ ଜଳରେ ପ୍ରବେଶ କରି ଜଳକ୍ରୀଡା କଲେ । ଏହାପରେ ପ୍ରଭୁ ଗୋପୀକାମାନଙ୍କୁ କହିଲେ,ହେ ଗୋପାଙ୍ଗନାଗଣ, ତୁମେମାନେ ଲୋକାଚାର, ବେଦମତ ସମସ୍ତ ତ୍ୟାଗକରି ଶୁଦ୍ଧ ନିର୍ମଳ ଚିତ୍ତରେ ମୋଠାରେ ଭକ୍ତି ନିବେଦନ କରିବାରୁ ମୁଁ ତୁମ ଭକ୍ତିରେ ବଶହୋଇ ତୁମର ଚିରପୋଷିତ ଅଭୀଷ୍ଟ ଫଳ ପ୍ରଦାନ କଲି । ମୋଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବା କାରଣରୁ ତୁମେମାନେ ମୋହମାୟାରୁ ମୁକ୍ତ ହୋଇସାରିଛ । ତୁମର ଜରାମୃତ୍ୟୁ ନାହିଁ ଏବଂ ମୁଁ ସର୍ବଦା ତୁମ ନିକଟରେ ହିଁ ବାସ କରିବି । ସମସ୍ତ ଭାଗବତ ଲୀଳା ଶ୍ରବଣ କରିସାରି ରାଜା ପରୀକ୍ଷିତ ପଚାରିଲେ ହେ ମୁନିଶ୍ରେଷ୍ଠ, ବିଶ୍ୱ ବ୍ରହ୍ମାଣ୍ଡର ନାଥ ପ୍ରଭୁ ଅଧର୍ମର ବିନାଶ ନିମିତ୍ତ ମନୁଷ୍ୟ ଶରୀର ଧାରଣ କରି ଯଦୁବଂଶରେ ଜାତହେଲେ । ତାଙ୍କ ନାମ ହେଉଛି ମୁକ୍ତିର ପସରା ଅଥଚ ସେ କାହିଁକି ପର ଦାରାରେ ଲିପ୍ତ ହେଲେ ? ଶ୍ରୀଶୁକଦେବ କହିଲେ ଭଗବାନଙ୍କ ମାଧୁର୍ଯ୍ୟ ଲୀଳାକୁ ଶ୍ରବଣ କରିସାରି ତୁମେ ଯେଉଁ ପ୍ରଶ୍ନ ପଚାରିଲ ତାହା ଏହି କାରଣରୁ ଯଥାର୍ଥ ଯେ ଏହା ଏକ ଅତ୍ୟନ୍ତ ଜଟିଳ ପ୍ରଶ୍ନ । ତୁମେ ଜାଣ ଅଗ୍ନି ସର୍ବଭକ୍ଷ ଅଥଚ ତାର ପବିତ୍ରତାରେ ଆଞ୍ଚ ଆସେନାହିଁ । ମାତ୍ର ଯଦି କେହି ସାଧାରଣ ପ୍ରାଣୀ ଅଗ୍ନିର ଆଚରଣ କରେ ତେବେ ସେ ନିଶ୍ଚୟ ନାଶ ଯିବ । ସମୁଦ୍ର ମନ୍ଥନରୁ ଜାତ ଉତ୍କଟ ବିଷକୁ କଣ ଅନ୍ୟ କେହି ଗ୍ରାସ କରିପାରିଥାନ୍ତା ? ତେଣୁ ଯିଏ ବିଶ୍ୱସ୍ରଷ୍ଟା, ବିଶ୍ୱନିୟନ୍ତା, ନିର୍ଗୁଣ ନିରାକାର, ଯାହାଙ୍କର ବନ୍ଧନ ବା ମୋକ୍ଷ ନାହିଁ, ବେଦ ଯାହାଙ୍କ କଳିବାକୁ ଅସମର୍ଥ, ସର୍ବଭୂତରେ ଯାହାଙ୍କ ନିବାସ ଏବଂ ଯିଏ ଆତ୍ମାରାମ, ଯିଏ ସୃଷ୍ଟି,ସ୍ଥିତି ଓ ଲୟର ଏକମାତ୍ର କର୍ତ୍ତା, ଶୁଭାଶୁଭ, ଦୋଷଗୁଣ ମୁକ୍ତ ଭଗବାନଙ୍କ ପ୍ରତି ପାର୍ଥୀବ ନିୟମ ପ୍ରଯୁଜ୍ୟ ହୋଇନପାରେ । ଯେହେତୁ ସେ ଭାବଗ୍ରାହୀ ଯିଏ ଯେଉଁ ଭାବରେ ତାଙ୍କୁ ଡାକିଲା ସେହି ଭାବରେ ପାଇଲା । ସଦ୍‌ଜନଙ୍କ ଉଦ୍ଧାର ନିମନ୍ତେ ତାଙ୍କର ଅବତାର ତେଣୁ ଯିଏ ଯେଉଁ ରୂପରେ ଚାହିଁଲା ସେହି ରୂପରେ ପ୍ରାପ୍ତ ହେଲା । ଭକ୍ତ ଓ ଭଗବାନ ଏକ ଓ ଅଭିନ୍ନ ; ଏଣୁ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କ ମଧ୍ୟରେ ପାର୍ଥକ୍ୟ ନାହିଁ । ସେମାନେ ଏକ ଓ ଅଦ୍ୱିତୀୟ ସ୍ରଷ୍ଟାଙ୍କ ବିଭିନ୍ନ ରୂପମାତ୍ର । ସେମାନଙ୍କ ଦ୍ୱାରା ପ୍ରକଟିତ ମହାଭାବ, ସମସ୍ତ ପାର୍ଥୀବ ବିଚାର ଓ ଯୁକ୍ତିର ଉର୍ଦ୍ଧ୍ୱରେ ।

### ୩୪ଶ ଅଧ୍ୟାୟ, ସୁଦର୍ଶନ ଓ ଶଙ୍ଖଚୂଡ ଉଦ୍ଧାର

ଶ୍ରୀଶୁକଦେବ କହିଲେ ଦିନେ ନନ୍ଦ ଆଦି ଗୋପୀ-ଗୋପାଳମାନେ ଅମ୍ବିକା ପୂଜା ନିମନ୍ତେ ସମସ୍ତ ସମ୍ଭାର ଶକଟରେ ଲଦି ସରସ୍ୱତୀ ନଦୀ କୂଳରେ ଉପସ୍ଥିତ ହୋଇ ବିଧିବିଧାନର ସହିତ ହରଗୌରୀଙ୍କୁ ପୂଜା କରି ଗୋ, କାଞ୍ଚନ ଓ ମିଷ୍ଟାନ୍ନ ଦାନକଲେ । ସମସ୍ତେ ନୃତ୍ୟଗୀତାଦି ମଧ୍ୟରେ ଉତ୍ସବ ପାଳନ କରି ରାତ୍ରରେ ଶୟନ କରିବାକୁ ଗଲେ । ରାତ୍ରରେ ଗୋଟାଏ ସର୍ପ ଆସି ନନ୍ଦଙ୍କୁ କଣ୍ଠ ପର୍ଯ୍ୟନ୍ତ ଗିଳି ଦେବାରୁ ସେ ଅତ୍ୟନ୍ତ ବ୍ୟାକୁଳ ହୋଇ କୃଷ୍ଣ ବଳରାମଙ୍କୁ ଡାକ ପକାଇଲେ । ଗୋପାଳମାନେ ସର୍ପକୁ ଯେତେ ଆଘାତ କଲେ ମଧ୍ୟ ସେ ନନ୍ଦଙ୍କୁ ଛାଡିଲା ନାହିଁ । କୃଷ୍ଣ କୋଳାହଳ ଶୁଣି ଆସି ସର୍ପକୁ ପଦାଘାତ କରିବାରୁ ଅଜଗର ପ୍ରାଣ ଛାଡିଲା ଏବଂ ତା ସ୍ଥାନରେ ଏକ ଦିବ୍ୟ ପୁରୁଷର ଆବିର୍ଭାବ ହୋଇ କୃଷ୍ଣଙ୍କ ଚରଣ ବନ୍ଦନା କଲା । ଶ୍ରୀକୃଷ୍ଣ ତାକୁ ସର୍ପ ଜନ୍ମର କାରଣ ପଚାରିବାରୁ ସେହି ଦିବ୍ୟପୁରୁଷ କହିଲେ, ମୁଁ ଦେବରାଜ ଇନ୍ଦ୍ରଙ୍କ ପୁତ୍ର ସୁଦର୍ଶନ । ରୂପ ଗର୍ବରେ ଅନ୍ଧ ହୋଇ କଳ୍ପବୃକ୍ଷ ତଳେ କ୍ରୀଡାରତ କ୍ଷୀଣକାୟ ମୁନି କୁମରମାନଙ୍କୁ ଧିକ୍କାର କରି କହିବାରୁ ସେମାନଙ୍କ ଅଭିଶାପରୁ ଏହି କୁତ୍ସିତ ରୂପ ଧାରଣ କରିଥିଲି । ଯାହାହେଉ ମୋର ସୌଭାଗ୍ୟ ଆପଣଙ୍କ ପାଦପଦ୍ମ ଦର୍ଶନ କରି ଶାପମୁକ୍ତ ହେଲି । ଏହାପରେ ସେ ଶ୍ରୀକୃଷ୍ଣଙ୍କୁ ପ୍ରଦକ୍ଷିଣ ପୂର୍ବକ ସ୍ୱପୁରକୁ ପ୍ରତ୍ୟାବର୍ତ୍ତନ କଲେ । ନନ୍ଦ ସର୍ପ କବଳରୁ ମୁକ୍ତ ହୋଇ ପୁନର୍ଜୀବନ ପ୍ରାପ୍ତ ହେବାରୁ ଗୋପାଳମାନେ ଉତ୍ସବ ପାଳନ କଲେ ଏବଂ ମାୟା ମନୁଷ୍ୟ ଭଗବାନ ରୂପୀ କୃଷ୍ଣଙ୍କର ପ୍ରଶଂସା କଲେ । ସେହିପରି ଅନ୍ୟ ଏକ ବସନ୍ତ ଋତୁର ଜ୍ୟୋତ୍ସ୍ନା ବିଧୌତ ରଜନୀରେ କୃଷ୍ଣ ବଳରାମ ଗୋପୀକାମାନଙ୍କ ସହ ବିହାର କରୁଥାନ୍ତି । କୃଷ୍ଣଙ୍କ ମୁରଲୀ ସ୍ୱନରେ ସ୍ଥାବର ଜଙ୍ଗମ ଉତ୍‌ଫୁଲିତ ହେଉଥାନ୍ତି ଏବଂ ଗୋପୀମାନେ ନୃତ୍ୟ କରୁଥାନ୍ତି । ଏହି ସମୟରେ ଶାପଗ୍ରସ୍ତ କୁବେର କୁମାର ଶଙ୍ଖଚୂଡ ସର୍ପ ରୂପରେ ଫୁ ଫୁ ଶବ୍ଦକରି ଗୋପୀଙ୍କ ନିକଟକୁ ଧାଇଁ ଆସିବାରୁ ଗୋପୀମାନେ ଇତସ୍ତତଃ ପଳାୟନ କଲେ । ରାମକୃଷ୍ଣ ଦୁଇ ଭାଇ ଏହା ଦେଖି ଦୁଇଟି ବୃକ୍ଷ ଉପାଡି ଆଣି ସର୍ପ ସଂହାର ନିମନ୍ତେ ଦୌଡିବାରୁ ସର୍ପ ପଳାୟନ କଲା । ମାତ୍ର ଶ୍ରୀକୃଷ୍ଣ ତାର ମଥାରେ ମୁଷ୍ଟି ପ୍ରହାର କରି ମଣି ସଂଗ୍ରହ କରିବା ସହ ଦୟା ପୂର୍ବକ ଶାପମୁକ୍ତ କଲେ ଏବଂ ମଣିକୁ ନିଜ ଅଗ୍ରଜଙ୍କ ହସ୍ତରେ ଅର୍ପଣ କଲେ ।

### ୩୫ଶ ଅଧ୍ୟାୟ, ଶ୍ରୀକୃଷ୍ଣଙ୍କର ଗୁଣ ବର୍ଣ୍ଣନ

ଦିନେ ଗୋପୀମାନେ ମାତା ଯଶୋଦାଙ୍କ ନିକଟରେ ପହଞ୍ଚି ଶ୍ରୀକୃଷ୍ଣଙ୍କ ଅଲୌକିକ ଓ ଅଦ୍ଭୁତ ଗୁଣକର୍ମମାନ ବର୍ଣ୍ଣନା କଲେ । ସେମାନେ କହିଲେ, ଯଶୋବନ୍ତୀ ତୁମ ପୁତ୍ରର କଥା ଯେତେ କହିଲେ ବି କମ ହେବ । ସେ ଯେତେବେଳେ ରଙ୍ଗା ଅଧରରେ ମୁରଲୀ ସଂଯୋଗ କରି ତ୍ରିଭଙ୍ଗୀଠାଣୀରେ ଛିଡାହୋଇ ବାଙ୍କ ନୟନରେ ତେରେଛା ଚାହୁଁଛି ଏବଂ ବେଣୁ ରନ୍ଧ୍ରରେ ଆଙ୍ଗୁଳି ଚାଳନା କରି ଅମୃତ ଲହରୀ ସୃଷ୍ଟି କରୁଛି ମନୁଷ୍ୟ କଣ ଦେବତାମାନେ ମଧ୍ୟ ତାହା ଦର୍ଶନ ଓ ଶ୍ରବଣ କରି ଧନ୍ୟ ହେଉଛନ୍ତି । ଗ୍ରାସାଚ୍ଛେଦନ କରୁ କରୁ ଗୋ, ମହିଷ ଏବଂ ମୃଗାଦି ଜୀବଜନ୍ତୁ ମଧ୍ୟ ତନ୍ମୟ ହୋଇ ସେହି ସ୍ୱନକୁ ଶୁଣୁଛନ୍ତି । ଦୁଗ୍ଧପାନରତ ବତ୍ସାମାନେ ପାଟିରେ ଚିରକୁ ରଖି ସ୍ତବ୍ଧ ହୋଇ ଶୁଣୁଛନ୍ତି । ମୟୂର, କୋକିଳାଦି ପକ୍ଷୀ ସ୍ଥିର ହୋଇ ସେହି ଧ୍ୱନି ଶୁଣିବା ସହ ସ୍ରୋତସ୍ୱିନୀ ନଦୀମାନେ ସ୍ଥିର ପାଲଟି ଯାଉଛନ୍ତି । ବୃକ୍ଷଲତାମାନେ ମଧ୍ୟ ଉତ୍‌ଫୁଲ୍ଲିତ ହେଉଛନ୍ତି । ତୁଳସୀ ଓ ବନମାଳା ଶୋଭିତ ତୁମ ପୁତ୍ର ତାର ମଧୁର ହାସ ଓ ବେଣୁସ୍ୱନରେ ଜଗତକୁ ମୋହିତ କଲା । ତାଙ୍କ ଧ୍ୱଜଅଙ୍କୁଶାଦି ଚିହ୍ନିତ ପଦ ଦର୍ଶନ ଓ ବେଣୁ ସ୍ୱନ ଶ୍ରବଣ କରି ଆମେ ଗୋପୀମାନେ ଜନ୍ମ ଜନ୍ମାନ୍ତରର ପାପ ଧୋଇଲୁ । ତାର ଅପୂର୍ବ ରୂପ ଶୋଭାକୁ ଥରେ ଦେଖିଲେ ଆମେ ଆଖି ପିଛାଡି ପାରୁନାହୁଁ । ସେ ଆମକୁ ଉଛନ୍ନ କରୁଛି, ତାର ଦର୍ଶନରେ ଆମେ ମଦନ ପୀଡାରେ ଭୋଳ ହୋଇ କେଶବାସ ଅସମ୍ଭାଳ ହେଉଛି । ଆମର ପିଲାମାନେ ସର୍ବଦା ତାକୁ ଘେରି ରହିଛନ୍ତି, ସେ ନିଜେ ନାଚି ତାକୁ ମଧ୍ୟ ନଚାଉଛନ୍ତି । ସର୍ବଗୁଣାକାର ତୁମ ପୁତ୍ର ପାଇଁ ସେମାନେ ପିତା,ମାତା ଓ ଗୃହକୁ ଭୁଲି ସାରିଛନ୍ତି । ତୁମର ପୁତ୍ର ଯେତେବେଳେ ଧୂଳି ଧୂଷରିତ ହୋଇ ଗୋପାଳମେଳରେ ବତ୍ସା ସହିତ ବଂଶୀ ବଜାଇ ଢଳି ଢଳି ଫେରୁଥାଏ, ସେତେବେଳେ ତାର ସ୍ନିଗ୍ଧ, ନୀଳକାନ୍ତମଣିର ରୂପକୁ ମକର କୁଣ୍ଡଳ, ଚରଣରେ ନୂପୁର ନିକ୍ୱଣ ଏବଂ ପୂର୍ଣ୍ଣଚନ୍ଦ୍ରର ମନୋହର ରୂପ ଦେଖି ଆମେ ଧନ୍ୟ ହେଉ । ଆମର ଏହି ଗୋପ ପୁରର ଜନ୍ମ କୋଟିଏ ବର୍ଷର ତପସ୍ୟାର ଫଳ ସ୍ୱରୂପ ଭାବି ଗୋଟିଏ ମୁହୂର୍ତ୍ତ ମଧ୍ୟ ତୁମ ପୁତ୍ରକୁ ମନରୁ କାଢି ପାରୁନାହୁଁ । ମା ଗୋ ସେ ସିନା ତୁମ ପୁତ୍ର ହେଲେ ଆମର ସର୍ବସ୍ୱ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରିଙ୍ଗ

# ଈଶ୍ୱର ବି ଦୁଃଖ ଭୋଗନ୍ତି



ଶ୍ୱେତା ରାଉତ୍

ଆମେ ସୁଖରେ ଥିଲେ ଈଶ୍ୱରଙ୍କୁ ଖୁବ୍ କମ୍ ମନେ ପକାଉ ଓ ସାରା ସମାଜକୁ କହି ବୁଲୁ ସୁଖରେ ରହିବା ପାଇଁ ଆମେ କେତେ ପରିଶ୍ରମ କରିଛେ, କିନ୍ତୁ ଦୁଃଖ ଆସିଲେ ସିଧା ଈଶ୍ୱରଙ୍କ ଉପରେ ଅଭିଯୋଗ 'ମୋତେ ଏତେ ଦୁଃଖ କାହିଁକି ଦେଲ ପ୍ରଭୁ' ? ଅନେକଙ୍କ ଠାରୁ ଆପଣ କହିବାର ଶୁ'ବିଧାତା ମୋ ଭାଗ୍ୟରେ ଯାହା ଲେଖିଛି, ଭଗବାନ ମୋ ସଂସାର ଭସାଇ ଦେଲେ, କାହିଁକି ପ୍ରଭୁ ମୋତେ ଏତେ ଦୁଃଖ,କଷ୍ଟ ଦେଉଛ, କାହିଁକି କଲବଲ କରି ମାରୁଛ, ଏମିତି ଅନେକ କଥା। ବିଧାତା ନିଜେ ଯେତେବେଳେ ବିଧିର ବିଧାନ ଭୋଗିଛନ୍ତି, ସେ ଏ ମନୁଷ୍ୟକୁ କି ସାନ୍ତ୍ୱନା ଦେବେ ! ଥରେ ଭାବନ୍ତୁ ତ' ଯାହାଙ୍କ(କୌଶଲ୍ୟା) କୋଳରେ ପ୍ରଭୁ ଶ୍ରୀରାମ ଜନ୍ମ ଅର୍ଥାତ୍ ଈଶ୍ୱର ଯାହାର ପୁଅ, ସେ ମାଆ ପୁଣି ବୈଧବ୍ୟ ଭୋଗିଛି, ବାପା ପୁତ୍ର ବିୟୋଗରେ ପ୍ରାଣ ଛାଡୁଛି, ଈଶ୍ୱର ଯେତେବେଳେ ନିଜ ମାଆ ମଥାର ସିନ୍ଦୂର ରଖି ପାରିଲେ ନାହିଁ, ନିୟତି ପାଖରେ ମୁଣ୍ଡ ନୁଆଁଇଲେ, ଆମେ ମାଗିଦେଲେ କଣ ସୌଭାଗ୍ୟ ମିଳିଯିବ ? ସେଥିପାଇଁ ଆମର ସତ୍କର୍ମ ରହିଥିବା ଆବଶ୍ୟକ। ଲକ୍ଷ୍ମଣଙ୍କ ମୂର୍ଚ୍ଛିତ ଅବସ୍ଥାରେ ହନୁମାନଙ୍କୁ ଔଷଧି ପାଇଁ ପଠାଇଥିବା ଭାଇ ଶ୍ରୀରାମ ନିଜେ ଈଶ୍ୱର ଥିଲେ, ଈଶ୍ୱରଙ୍କ କୋଳରେ ଥିଲେ ମୃତ୍ୟୁ କିଏ ! ତଥାପି ପ୍ରଭୁ, ସଂସାରର ଧର୍ମ ଓ ମାନବୀୟ ଭୂମିକା ନେଇ ବୈଦ୍ୟ ଓ ଔଷଧିର ଆବଶ୍ୟକତା ମଣିଥିଲେ, ସେଥିପାଇଁ ହନୁମାନଙ୍କୁ ସଞ୍ଜୀବନି ଆଣିବାକୁ ପ୍ରେରଣ କଲେ। ଯେଉଁ ଘରେ ଈଶ୍ୱର(ଶ୍ରୀରାମ)ଜନ୍ମ ହୋଇଥିଲେ, ସେ ପରିବାରରେ କଣ କମ୍ ଦୁଃଖ ଥିଲା !

ଯେଉଁ ଈଶ୍ୱର ସର୍ବବ୍ୟାପୀ, ସେ ପୁଣି ଜନ୍ମ ନେଲେ ବନ୍ଦୀଘରେ। ଯେଉଁ ଈଶ୍ୱର(ଶ୍ରୀକୃଷ୍ଣ) କୁରୁକ୍ଷେତ୍ରରେ ସମସ୍ତଙ୍କୁ ଜଡ କରି ପାର୍ଥକୁ ଗୀତା ଜ୍ଞାନ ଦେଇ ନିଜର ବିଶ୍ୱରୂପ ଦେଖାଇ ପାରନ୍ତି, ସେ ପୁଣି ନିଜ ହ୍ଲାଦିନୀ ଶକ୍ତି ରାଧାଙ୍କ ବିୟୋଗରେ ସାରା ଜୀବନ ଦୁଃଖ ଭୋଗ କରନ୍ତି, ସାରା ସୃଷ୍ଟି ଯାହା ଇଙ୍ଗିତରେ ଚାଲେ, ସେ ଚାହିଁଥିଲେ କଣ ରାଧାଙ୍କୁ ପାଇନଥାନ୍ତେ ?

ଈଶ୍ୱର ନିଜେ ନିଜର ଯଦୁ ବଂଶ ଧ୍ୱଂସ ହେବାର କଷ୍ଟ ସହୁଥିବା ବେଳେ ଆମେ କଣ ଖାଲି ମାଗିଦେଲେ ଈଶ୍ୱର ଆମ ବଂଶ ରକ୍ଷା କରିଦେବେ ? ସେଥିପାଇଁ ବି ଆମର ପ୍ରାରବ୍ଧ ରହିଥିବା ଆବଶ୍ୟକ। ଏ ଜୀବନ ଖେଳରେ ଈଶ୍ୱର ନିଜେ ମୃତ୍ୟୁ ଭୋଗିଥିବା ବେଳେ ଆମେ କେଉଁ ପ୍ରତିବଦଳରେ ଜୀବନ ମାଗୁଛେ ? ଯେଉଁଠି ଆମ ପ୍ରଭୁ ଆମକୁ ଶିଖାଇ ଦେଇ ଯାଆନ୍ତି ଏଇଟା ମୃତ୍ୟୁଲୋକ,ଏଠି ପ୍ରତ୍ୟେକଙ୍କୁ ଯିବାକୁ ପଡ଼େ, ନିଜର କର୍ମ ଅନୁସାରେ ପ୍ରାରବ୍ଧ ଭୋଗହୁଏ, ସେଠି ଆମେ ପ୍ରତି କଥାରେ ଈଶ୍ୱରଙ୍କ ଉପରେ ଦୋଷ ଦେବା ମୂର୍ଖତାର ପରିଚୟ।

ବାପା, ମାଆ କେବେ ନିଜ ପିଲାର କଷ୍ଟ ଦେଖି ଖୁସି ହୁଅନ୍ତି ନାହିଁ, କିନ୍ତୁ ପିଲା ଯଦି ଉଶୃଙ୍ଖଳିତ ହୋଇଥାଏ, ତାକୁ ବାଟକୁ ଆଣିବାକୁ ଅନୁଶାସନ ଲଗାଇଥାନ୍ତି, ଠିକ୍ ସେମିତି ଈଶ୍ୱର ଆମର ତ୍ରୁଟି, ଅପକର୍ମକୁ ସୁଧାରିବାକୁ କଷ୍ଟ, ସଂଘର୍ଷ, ଦୁଃଖର ଅନୁଶାସନ ରଖିଥାନ୍ତି। ଆମେ ଈଶ୍ୱରଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ରଖି କର୍ମ କରିଗଲେ ଏ ଦୁଃଖର ଦିନ ବି ଚାଲିଯିବ। ଯେମିତି ପିଲାମାନଙ୍କୁ କିଛି ସମୟ ଦଣ୍ଡିତ କରିବା ପରେ ବାପା, ମାଆ ପୁଣି ପିଲାକୁ କୋଳେଇ ନିଅନ୍ତି। ଠିକ୍ ସେମିତି ଆମର କର୍ମ ସଠିକ୍ ରହିଲେ ପ୍ରାରବ୍ଧ ଭୋଗିବା ପରେ ଆମକୁ ଈଶ୍ୱର ପୁଣି କୋଳେଇ ନେବେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ଜାଣନ୍ତୁ

**ଆପଣ କେବେ ଲକ୍ଷ୍ୟ କରିଛନ୍ତି କି, ସମାନ ଡାଏଟ୍ ଓ ବ୍ୟାୟାମ କରିବା ସତ୍ତ୍ୱେ ପୁରୁଷମାନେ ମହିଳାଙ୍କ ତୁଳନାରେ ଶୀଘ୍ର ଓଜନ କମାଇଥାନ୍ତି ? ଏହା ଏକ ସାଧାରଣ ଘଟଣା ଏବଂ ଏହା ପଛରେ ପରିଶ୍ରମର ଅଭାବ ନୁହେଁ, ବରଂ ଶରୀରର ଗଠନ, ହରମୋନ୍ ଓ ଜୀବକ୍ରିୟାରେ ଥିବା ମୌଳିକ ପାର୍ଥକ୍ୟ ଦାୟୀ । ଆସନ୍ତୁ ଜାଣିବା ଏହି ୫ଟି ପ୍ରମୁଖ କାରଣ ବିଷୟରେ, ଯାହା ପୁରୁଷ ଓ ମହିଳାଙ୍କ ଓଜନ ହ୍ରାସ ପ୍ରକ୍ରିୟାକୁ ଭିନ୍ନ କରିଥାଏ ।**



ମାଂସପେଶୀର ପରିମାଣ ଓ ମେଟାବୋଲିଜିମ୍ : ପୁରୁଷମାନଙ୍କ ଓଜନ ଶୀଘ୍ର କମିବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କ ଶରୀରରେ ଥିବା ଅଧିକ ମାଂସପେଶୀ । ପ୍ରକୃତିଗତ ଭାବରେ ପୁରୁଷଙ୍କ ଶରୀରରେ ମାଂସପେଶୀର ପରିମାଣ ମହିଳାଙ୍କ ତୁଳନାରେ ଅଧିକ ଥାଏ । ମାଂସପେଶୀ, ଚର୍ବି ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରେ । ଏପରିକି ବିଶ୍ରାମ ନେଉଥିବା ସମୟରେ ମଧ୍ୟ । ଏହାକୁ 'ବେସାଲ୍ ମେଟାବୋଲିକ୍ ରେଟ୍' କୁହାଯାଏ । ଅଧିକ ମାଂସପେଶୀ ଯୋଗୁଁ ପୁରୁଷଙ୍କ ଇଗଜ ଅଧିକ ହୋଇଥାଏ । ତେଣୁ ସେମାନଙ୍କ ଶରୀର ସ୍ୱାଭାବିକ ଭାବେ ଅଧିକ କ୍ୟାଲୋରୀ ଜାଳିଥାଏ । ଯାହା ଓଜନ ହ୍ରାସରେ ସହାୟକ ହୁଏ ।

ହରମୋନ୍‌ର ଭୂମିକା: ହରମୋନ୍ ଓଜନ ହ୍ରାସ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପୁରୁଷଙ୍କ ଶରୀରରେ 'ଟେଷ୍ଟୋଷ୍ଟେରନ୍' ନାମକ ହରମୋନ୍ ଅଧିକ ଥାଏ, ଯାହା ମାଂସପେଶୀ ଗଠନ କରିବାରେ ଏବଂ ମେଟାବୋଲିଜିମ୍‌କୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରେ । ଅନ୍ୟପଟେ, ମହିଳାଙ୍କ ଶରୀରରେ 'ଇଷ୍ଟ୍ରୋଜେନ୍' ହରମୋନ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ସଂରକ୍ଷିତ କରି ରଖିବାକୁ ପ୍ରୋତ୍ସାହିତ କରେ । ବିଶେଷ କରି ପ୍ରଜନନ ପାଇଁ ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ । ଏହା ବ୍ୟତୀତ, ମହିଳାଙ୍କ ମାସିକ ଧର୍ମଚକ୍ର ସମୟରେ ହରମୋନ୍‌ର ପରିବର୍ତ୍ତନ ଯୋଗୁଁ ଖାଇବାର ଇଚ୍ଛା, ଶକ୍ତି ସ୍ତର ଏବଂ ଶରୀରରେ ଜଳୀୟଅଂଶ ବଢ଼ିଥାଏ, ଯାହା ଓଜନ ହ୍ରାସ ପ୍ରକ୍ରିୟାକୁ ପ୍ରଭାବିତ କରେ ।

ଚର୍ବି ଜମା ହେବାର ଶୈଳୀ: ପୁରୁଷ ଓ ମହିଳାଙ୍କ ଶରୀରରେ ଚର୍ବି ଜମା ହେବାର ସ୍ଥାନ ଭିନ୍ନ ଭିନ୍ନ । ପୁରୁଷଙ୍କ ଶରୀରରେ ଚର୍ବି ମୁଖ୍ୟତଃ ପେଟ ଚାରିପାଖେ ଜମା ହୋଇଥାଏ (ସେଓ ଆକୃତି ), ଯାହାକୁ 'ଭିସେରାଲ୍ ଫ୍ୟାଟ୍' କୁହାଯାଏ । ଏହି ପ୍ରକାର ଚର୍ବି ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ ହେଲେ ମଧ୍ୟ ମେଟାବୋଲିକାଲି ଅଧିକ ସକ୍ରିୟ । ଅର୍ଥାତ୍ ଏହା ଶୀଘ୍ର ଭାଙ୍ଗି ଶକ୍ତିରେ ପରିଣତ ହୋଇପାରେ । ଏହା ତୁଳନାରେ, ମହିଳାଙ୍କ ଶରୀରରେ ଚର୍ବି ଜଙ୍ଘ, ନିତମ୍ବ ଓ ପେଟର ତଳ ଭାଗରେ ଜମା ହୋଇଥାଏ । ଯାହାକୁ 'ସବକ୍ୟୁଟାନିଅସ୍ ଫ୍ୟାଟ୍' କୁହାଯାଏ । ଏହି ଚର୍ବି କମାଇବା ଅପେକ୍ଷାକୃତ କଷ୍ଟକର ।

ଶରୀରର ଆକାର ଓ ଗଠନ: ସାଧାରଣତଃ ପୁରୁଷମାନେ ମହିଳାଙ୍କ ତୁଳନାରେ ଉଚ୍ଚତା ଓ ଆକାରରେ ବଡ଼ ହୋଇଥାନ୍ତି । ଏକ ବଡ଼ ଶରୀରକୁ ପରିଚାଳନା କରିବା ପାଇଁ ଅଧିକ ଶକ୍ତି ବା କ୍ୟାଲୋରୀର ଆବଶ୍ୟକତା ପଡ଼େ । ତେଣୁ, ସମାନ କାମ କଲେ ମଧ୍ୟ ଜଣେ ପୁରୁଷ ଜଣେ ମହିଳାଙ୍କ ତୁଳନାରେ ଅଧିକ କ୍ୟାଲୋରୀ ଖର୍ଚ୍ଚ କରନ୍ତି । ଯାହା ଓଜନ ହ୍ରାସରେ ସେମାନଙ୍କୁ ସାହାଯ୍ୟ କରେ ।

ମାନସିକ ଓ ଭାବନାତ୍ମକ କାରଣ : ଓଜନ ହ୍ରାସ କେବଳ ଶାରୀରିକ ନୁହେଁ, ଏକ ମାନସିକ ପ୍ରକ୍ରିୟା ମଧ୍ୟ। ଅନେକ ସମୟରେ ମହିଳାମାନେ ଭାବନାତ୍ମକ ଭୋଜନର ଶିକାର ହୁଅନ୍ତି । ଯାହା ହରମୋନ୍ ?ର ପରିବର୍ତ୍ତନ ସହ ଜଡ଼ିତ । ମାନସିକ ଚାପ, ଚିନ୍ତା ଏବଂ ଖାଦ୍ୟକୁ ନେଇ ସୃଷ୍ଟି ହେଉଥିବା ଇଚ୍ଛା ମହିଳାଙ୍କୁ ଅଧିକ ପ୍ରଭାବିତ କରିପାରେ । ଯାହା ଡାଏଟ୍ ଯୋଜନାକୁ ବାଧା ଦେଇଥାଏ ।

**ଶେଷରେ କହିବାକୁ ଗଲେ, ପୁରୁଷମାନଙ୍କର ଓଜନ ହ୍ରାସ ଯାତ୍ରା ଆରମ୍ଭରୁ ଦ୍ରୁତ ହୋଇପାରେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହା ସହଜ ବା ଉନ୍ନତ । ମହିଳାମାନେ ନିରାଶ ନ ହୋଇ ନିଜ ଶରୀରର ଆବଶ୍ୟକତାକୁ ବୁଝିବା ଉଚିତ୍ ।**

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତ-ଚୀନ୍ ସମ୍ପର୍କର ନୂଆ ଦିଗ: ୱାଙ୍ଗ ୟିଙ୍କ ଗସ୍ତର ଫଳାଫଳ ଓ ଭବିଷ୍ୟତର ସମ୍ଭାବନା

ନିକଟରେ ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ଥିବା ଜଟିଳ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ୨୦୨୦ ମସିହାରେ ଗଲୱାନ ଉପତ୍ୟକାରେ ହୋଇଥିବା ରକ୍ତାକ୍ତ ସଂଘର୍ଷ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସମ୍ପର୍କରେ ଯେଉଁ ଶୀତଳତା ଆସିଥିଲା, ଏହି ଗସ୍ତ ସେଥିରେ ଏକ ସକାରାତ୍ମକ ପରିବର୍ତ୍ତନର ସଙ୍କେତ ଦେଉଛି । ଅଗଷ୍ଟ ୧୮ ଓ ୧୯, ୨୦୨୫ ତାରିଖରେ ଅନୁଷ୍ଠିତ ଏହି ଦୁଇ ଦିନିଆ ଗସ୍ତ କେବଳ ଏକ କୂଟନୈତିକ ଉପଚାର ନଥିଲା, ବରଂ ଏହା ଭବିଷ୍ୟତର ରଣନୀତି ପାଇଁ ଏକ ସ୍ପଷ୍ଟ ମାର୍ଗଚିତ୍ର ପ୍ରସ୍ତୁତ କରିଛି । ୱାଙ୍ଗ ୟି ଏହି ଗସ୍ତ ସମୟରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଆଲୋଚନାଗୁଡ଼ିକ କେବଳ ସୀମା ବିବାଦ ମଧ୍ୟରେ ସୀମିତ ନରହି ଅର୍ଥନୈତିକ ସହଯୋଗ, ବହୁପକ୍ଷୀୟ ମଞ୍ଚରେ ସମନ୍ୱୟ ଏବଂ ଜନସ୍ତରୀୟ ସମ୍ପର୍କକୁ ମଧ୍ୟ ପରିବ୍ୟାପ୍ତ କରିଥିଲା ।

ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି ସୀମା ବିବାଦର ସମାଧାନ ପାଇଁ ଏକ ନୂତନ ପ୍ରୟାସ । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ୱାଙ୍ଗ ୟି ସୀମା ପ୍ରଶ୍ନ ଉପରେ ସ୍ୱତନ୍ତ୍ର ପ୍ରତିନିଧି ସ୍ତରୀୟ ଆଲୋଚନାର ୨୪ତମ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଦୁଇ ପକ୍ଷ ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ଶୀଘ୍ର ଫଳାଫଳ ପାଇବା ପାଇଁ ଏକ ବିଶେଷଜ୍ଞ ଗୋଷ୍ଠୀ (Expert Group) ଗଠନ କରିବାକୁ ସହମତ ହୋଇଛନ୍ତି । ଏହା ବ୍ୟତୀତ, ପୂର୍ବ ଏବଂ କେନ୍ଦ୍ରୀୟ ସେକ୍ଟରରେ ସୀମା ସମସ୍ୟା ପାଇଁ ସାଧାରଣ ସ୍ତରୀୟ ଆଲୋଚନା ବ୍ୟବସ୍ଥା ସ୍ଥାପନ କରାଯିବ, ଯାହା ପଶ୍ଚିମ ସେକ୍ଟରରେ ଥିବା ବ୍ୟବସ୍ଥାର ଅନୁପୂରକ ହେବ । ୨୦୨୦ ପରଠାରୁ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ହୋଇଥିବା ପ୍ରୟାସକୁ ଉଭୟ ପକ୍ଷ ସ୍ୱୀକାର କରିଛନ୍ତି ଏବଂ ଏହି ପ୍ରକ୍ରିୟାକୁ ଆଗକୁ ନେବାକୁ ସହମତି ପ୍ରକାଶ କରିଛନ୍ତି । ଏହି ପଦକ୍ଷେପଗୁଡ଼ିକ ସୂଚାଉଛି ଯେ ଉଭୟ ଦେଶ କେବଳ ତତ୍କାଳ ସମସ୍ୟାର ସମାଧାନ ନୁହେଁ, ବରଂ ଏକ ଦୀର୍ଘମିଆଦୀ ଶାନ୍ତି ପ୍ରତିଷ୍ଠା ପାଇଁ ମଧ୍ୟ ଆଗ୍ରହୀ ଅଛନ୍ତି ।

ଅର୍ଥନୈତିକ ସ୍ତରରେ ମଧ୍ୟ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୨୦୨୪-୨୫ ଆର୍ଥିକ ବର୍ଷରେ ଚୀନ୍ ସହିତ ଭାରତର ବାଣିଜ୍ୟିକ ନିଅଣ୍ଟ ୯୯.୨ ବିଲିୟନ ଡଲାରର ରେକର୍ଡ ସ୍ତରରେ ପହଞ୍ଚିଥିଲା । ଏହି ଅସନ୍ତୁଳନକୁ ଦୂର କରିବା ପାଇଁ ଆଲୋଚନା ହୋଇଥିଲା ଏବଂ ଚୀନ୍ ପକ୍ଷରୁ ଭାରତର କିଛି ପ୍ରମୁଖ ଚିନ୍ତା, ଯେପରିକି ରେୟର-ଅର୍ଥ ମିନେରଲ, ସାର ଏବଂ ଟନେଲ-ବୋରିଂ ମେସିନ୍ ଯୋଗାଣ ସୁନିଶ୍ଚିତ କରିବାକୁ ପ୍ରତିଶୃତି ଦିଆଯାଇଛି । ଏହା ସହିତ ଲିପୁଲେଖ ପାସ୍, ଶିପକି ଲା ଏବଂ ନାଥୁ ଲା ଭଳି ପାରମ୍ପରିକ ସୀମା ବାଣିଜ୍ୟ ମାର୍ଗକୁ ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ କରିବା ଏବଂ ପର୍ଯ୍ୟଟକ, ବ୍ୟବସାୟୀ ଓ ସାମ୍ବାଦିକମାନଙ୍କ ପାଇଁ ଭିସା ପ୍ରକ୍ରିୟାକୁ ସରଳ କରିବା ପାଇଁ ମଧ୍ୟ ସହମତି ହୋଇଛି, ଯାହା ବ୍ୟବସାୟିକ ଏବଂ ଜନସ୍ତରୀୟ ସମ୍ପର୍କକୁ ଏକ ନୂଆ ଗତି ଦେବ ।

ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି କରିବା ଏହି ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଚୀନ୍ ଏହି ବର୍ଷ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (SCO) ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିକୁ ସ୍ୱାଗତ କରିଛି । ଏହା ସହିତ, BRICS ଶିଖର ସମ୍ମିଳନୀ ଆୟୋଜନ ପାଇଁ ପରସ୍ପରକୁ ସମର୍ଥନ କରିବାକୁ ମଧ୍ୟ ଉଭୟ ଦେଶ ସହମତ ହୋଇଛନ୍ତି; ଚୀନ୍ ୨୦୨୬ ରେ ଭାରତର ଆୟୋଜନକୁ ସମର୍ଥନ କରିବ ଏବଂ ଭାରତ ୨୦୨୭ ରେ ଚୀନ୍‌କୁ ସମର୍ଥନ କରିବ। ଏହିପରି ପାରସ୍ପରିକ ସହଯୋଗ, ବିଶେଷକରି ଆମେରିକାର ବାଣିଜ୍ୟ ନୀତି ଯୋଗୁଁ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ, ଦୁଇ ଦେଶକୁ ନିଜର ସ୍ୱାର୍ଥ ରକ୍ଷା କରିବାରେ ସାହାଯ୍ୟ କରିବ । ଭାରତ ପକ୍ଷରୁ ୟାରଲୁଙ୍ଗ ସାଙ୍ଗପୋ (ବ୍ରହ୍ମପୁତ୍ର) ନଦୀ ଉପରେ ଚୀନ୍‌ର ବୃହତ ଡ୍ୟାମ୍ ପ୍ରକଳ୍ପକୁ ନେଇ ଚିନ୍ତା ବ୍ୟକ୍ତ କରାଯାଇଥିଲା, ଯାହାର ଉତ୍ତରରେ ଚୀନ୍ ଜରୁରୀକାଳୀନ ପରିସ୍ଥିତିରେ ଜଳ ସମ୍ବନ୍ଧୀୟ ତଥ୍ୟ ଆଦାନପ୍ରଦାନ କରିବାକୁ ରାଜି ହୋଇଛି ।

ଏହି ଗସ୍ତର ଫଳାଫଳକୁ ବିଶ୍ଳେଷଣ କଲେ ଏହା ସ୍ପଷ୍ଟ ଯେ ଭାରତ ଏବଂ ଚୀନ୍ ଉଭୟ ବୁଝିସାରିଛନ୍ତି ଯେ ସଂଘର୍ଷ ପରିବର୍ତ୍ତେ ସହଯୋଗ ହିଁ ଉଭୟଙ୍କ ପାଇଁ ଲାଭଦାୟକ । ତେବେ, ଏହା ମଧ୍ୟ ସତ ଯେ ଦୁଇ ଦେଶ ମଧ୍ୟରେ ମୌଳିକ ମତଭେଦ ଏବଂ ସୁରକ୍ଷା ସମ୍ବନ୍ଧୀୟ ଚିନ୍ତା ଏବେ ବି ବିଦ୍ୟମାନ । ଏହି ସକାରାତ୍ମକ ପଦକ୍ଷେପଗୁଡ଼ିକ ଏକ ଦୀର୍ଘ ଏବଂ ଜଟିଳ ପ୍ରକ୍ରିୟାର ଆରମ୍ଭ ମାତ୍ର । ଦୁଇ ଦେଶ ମଧ୍ୟରେ ଥିବା ଅବିଶ୍ୱାସକୁ ଦୂର କରିବା ଏବଂ ସହମତିଗୁଡ଼ିକୁ ବାସ୍ତବ ରୂପ ଦେବା ପାଇଁ ନିରନ୍ତର ପ୍ରୟାସ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ୨୦୨୫ ମସିହାରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ତମ ବାର୍ଷିକୀ ପାଳନ ହେବାକୁ ଯାଉଥିବା ବେଳେ, ୱାଙ୍ଗ ୟିଙ୍କ ଏହି ଗସ୍ତ ଏକ ନୂତନ ଏବଂ ସ୍ଥାୟୀ ସମ୍ପର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିବାରେ ସକ୍ଷମ ହେବ ବୋଲି ଆଶା କରାଯାଏ ।

## ଜଳବାୟୁ ପରିବର୍ତ୍ତନ ଓ ଆମ ଭବିଷ୍ୟ ପିଢ଼ି



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଜଳବାୟୁ ଓ ପାଣିପାଗ ମଧ୍ୟରେ ଫରକକୁ ଏକ ଜନପ୍ରିୟ ଶବ୍ଦାବଳୀରେ ପ୍ରକାଶ କରାଯାଏ: 'ତୁମେ ଯାହା ଆଶା କର ତାହା ଜଳବାୟୁ, ତୁମେ ଯାହା ପାଅ ତାହା ପାଣିପାଗ ।' ଐତିହାସିକ ସମୟରୁ ଦ୍ରାଘିମା, ଉଚ୍ଚତା, ଜଳ-ସ୍ଥଳର ଅନୁପାତ ଓ ସମୁଦ୍ର-ପର୍ବତ ଭଳି ଅନେକ ଗୁଡ଼ିଏ ସ୍ଥିର ଭାରିଏବଲ ଅଛି । ପ୍ଲେଟ ଟେକ୍ଟୋନିକସ ଯୋଗୁ ଏମାନଙ୍କର ନିୟୁତ ନିୟୁତ ବର୍ଷ ଧରି ପରିବର୍ତ୍ତନ ହୋଇଆସୁଛି । ଅନ୍ୟାନ୍ୟ ନିର୍ଦ୍ଧାରକମାନଙ୍କ ମଧ୍ୟରେ ସମୁଦ୍ରର ଥର୍ମୋହାଲାଇନ ସଞ୍ଚାଳନ ଯୋଗୁ ଅନ୍ୟାନ୍ୟ ସମୁଦ୍ର ବେସିନ ଅପେକ୍ଷା ଆଟଲାଣ୍ଟି ସମୁଦ୍ରରେ ୫ଡିଗ୍ରୀ ସେ (୯ଡିଗ୍ରୀ ଫା) ଉଷ୍ଣତା ବୃଦ୍ଧି ହେଉଛି । ଜଳବାୟୁ ଯାହାକୁ ଇଂରାଜୀ ଭାଷାରେ **Climate** କହିଲେ ଦୀର୍ଘ ୩୦ ବର୍ଷର ସ୍ୱାଭାବିକ ପାଣିପାଗର ହାରାହାରି ପରିସଂଖ୍ୟାନକୁ ବୁଝାଏ । ବାୟୁମଣ୍ଡଳର ଚାପ, ଆର୍ଦ୍ରତା, ଉତ୍ତାପ, ଆର୍ଦ୍ରତା, ପବନ ଓ ପ୍ରେସିପିଟେସନକୁ ହିସାବକୁ ନେଇ ଏହି ଜଳବାୟୁ ବିଷୟରେ ପୂର୍ବାନୁମାନ କରାଯାଏ । ବ୍ୟାପକ ଅର୍ଥରେ ସମୁଦ୍ର ଓ ପୃଥିବୀରେ ଥିବା ବରଫକୁ ଜଳବାୟୁ ମଣ୍ଡଳର ଅଂଶ ଭାବରେ ହିସାବକୁ ନେଲେ ଯାହା ବୁଝାଏ ତାହାକୁ ଜଳବାୟୁ କୁହାଯାଏ । କୌଣସି ସ୍ଥାନର ଜଳବାୟୁ ତାହାର ଦ୍ରାଘିମା, ଇଲାକା, ଉଚ୍ଚତା, ଜଳ ଭଣ୍ଡାର ଓ ତାହାର ସ୍ରୋତ ଅନୁସାରେ ପ୍ରଭାବିତ ହୁଏ । ତେବେ ଜଳବାୟୁ ପରିବର୍ତ୍ତନ ହେବାର ମୁଖ୍ୟ କାରଣ ବର୍ତ୍ତମାନ କଣ ହୋଇପାରେ ଆସନ୍ତୁ ଆଲୋକପାତ କରିବା। ଅନବରତ ପରିବର୍ତ୍ତନଶୀଳ ବିଶ୍ୱରେ ଅନେକ ଘଟନା ଆପେ ଆପେ ଘଟେ । ଯାହା ବିବର୍ତ୍ତନର ଦ୍ୱାର ଖୋଲେ। ତନ୍ମଧ୍ୟରୁ ମହାଦେଶୀୟ ଭୂସ୍ଖଳନ, ଆଗ୍ନେୟଗିରି ଉଦ୍ଗୀରଣ, ପୃଥିବୀର ଭାରସାମ୍ୟ ନଷ୍ଟ ଓ ସାମୁଦ୍ରିକ ସ୍ରୋତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ଗ୍ରହଣ କରିଛି । ଜଳବାୟୁ କହିଲେ ଦୀର୍ଘ ସମୟ ମଧ୍ୟରେ ହାରାହାରି ପାଣିପାଗକୁ ବୁଝାଏ । ତେଣୁ ଉଭୟ ପାଣିପାଗ ଓ ଜଳବାୟୁ ଘନିଷ୍ଠ ଭାବରେ ସମ୍ପୃକ୍ତ । ଜଳବାୟୁ ଦ୍ୱାରା ବିଭିନ୍ନ ରକମର ଉଦ୍ଭିଦ ଜାତ ହୁଅନ୍ତି । ପୃଥିବୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରକମର ଜଳବାୟୁ ଦେଖାଯାଏ । କେବଳ ଗୋଟିଏ ସ୍ଥାନର ବିଷୁବରେଖାଠାରୁ ଦୂରତ୍ୱ ଜଳବାୟୁ ପରିବର୍ତ୍ତନ କରେ ନାହିଁ। ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁ ନିର୍ଣ୍ଣୟ କରେ । ଉଷ୍ଣ ଓ ଶୀତଳ ସମୁଦ୍ର ସ୍ରୋତମାନ ପ୍ରବାହିତ ହେଲେ, ସେହି ଅଞ୍ଚଳମାନଙ୍କୁ ଗରମ ଓ ଥଣ୍ଡା ରଖେ। ତାଛଡ଼ା ପୃଥିବୀର ବାୟୁ ପ୍ରବାହ ବ୍ୟବସ୍ଥା, ଜଳିଆ ବାଷ୍ପର ପରିମାଣ, ଜଳବାୟୁ ଉପରେ ପ୍ରଭାବ ପକାଏ । କେତେ ବର୍ଷ ଅନ୍ତରରେ ପ୍ରବାହିତ ହେଉଥିବା ଏଲ୍ନିନୋ ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁକୁ ବଦଳାଏ। ଅନେକ ସମୟରେ ବାଣିଜ୍ୟ ବାୟୁ ଦୁର୍ବଳ ହୁଏ ଏବଂ ତାପମାତ୍ରା ଓ ବୃଷ୍ଟିପାତ ବ୍ୟବସ୍ଥା ବଦଳେ । ଏହାକୁ ଦକ୍ଷିଣ ଅସିଲେସନ୍ କହନ୍ତି । ଏହା ପୃଥିବୀର ଜଳବାୟୁକୁ ବଦଳାଏ । ପୃଥିବୀରେ ପ୍ରଥମେ ହିମ ବା ବରଫ ଯୁଗ ଥିଲା । ଯେତେବେଳେ ଥଣ୍ଡା ଜଳବାୟୁ ଯୋଗୁଁ ପୃଥିବୀର ଅଧିକାଂଶ ଭାଗ ବରଫ ଆଚ୍ଛାଦିତ ଥିଲା । ତା'ପରେ ଉଷ୍ଣ ଯୁଗ ଆସିଲା । ତା'ପରେ ପୁଣି ବରଫ ଯୁଗ ଆସିଲା । ନିୟୁତ ନିୟୁତ ବର୍ଷ ଧରି ଏଭଳି ଭାବରେ ପୃଥିବୀର ଜଳବାୟୁ ଚାଲୁଛି । ଲାମ୍ବା ହିମ ବା ବରଫ ଯୁଗ ଏବଂ ତାପରେ ସ୍ୱଳ୍ପ ଉଷ୍ଣ ଯୁଗ । ବରଫ ଯୁଗ ପରେ ମଧ୍ୟ ତାପମାତ୍ରା ବଦଳେ। ବୈଜ୍ଞାନିକମାନେ ମତପୋଷଣ କରନ୍ତି ଯେ, ପୃଥିବୀର ଜଳବାୟୁ ବରାବର ବଦଳେ । ଯେତେବେଳେ ପୃଥିବୀଓ ସୂର୍ଯ୍ୟରୁ ଆସୁଥିବା ଉତ୍ତାପ କମିଯାଏ, ସେତେବେଳେ ହିମ ଯୁଗ ଆସେ । ଏହାର କାରଣ ହେଲା – ପୃଥିବୀର ଅକ୍ଷ ବେଶି ଢଳିବା, ପୃଥିବୀର ଘୂର୍ଣ୍ଣନର ପରିବର୍ତ୍ତନ ହୀବା ଏବଂ ପୃଥିବୀର ପରିକ୍ରମା କକ୍ଷ ଲମ୍ବାକୃତି ହେବା। ବର୍ତ୍ତମାନ ୨୯୦ ନିୟୁତ ବର୍ଷ ପୂର୍ବେ ଥିବା ପୃଥିବୀର ହିମ ଯୁଗର ସନ୍ଧାନ ମିଳିଅଛି। ଗତ ୨ ନିୟୁତ ବର୍ଷ ମଧ୍ୟରେ ଚାରୋଟି ବୃହତ ବରଫ ଯୁଗ ଅତିବାହିତ ହୋଇଛି। ବରଫ ଯୁଗ କାଳରୁ ଉତ୍ତର ଓ ଦକ୍ଷିଣ ମେରୁରେ ବରଫମାନ ରହିଅଛି । ବିଗତ ବରଫ ଯୁଗରେ ପୃଥିବୀରେ ବିରାଟକାୟ ଲୋମଭରା ଜନ୍ତୁମାନେ ଥିଲେ । ହାତୀ ସେ ସମୟରେ ବିରାଟ ଲୋମକାୟ ଜନ୍ତୁ ଥିଲା । ୬୫ ନିୟୁତ ବର୍ଷ ପୂର୍ବେ ଜଳବାୟୁ ପରିବର୍ତ୍ତନ ହେବା ଫଳରେ ବିରାଟକାୟ ଡାଇନୋସରସ୍ ଭଳି ଜନ୍ତୁମାନେ ମରିଗଲେ । ସେହିପରି ୧୪୦ ନିୟୁତ ବର୍ଷ ପୂର୍ବେ ଥିବା ସାପ ଓ ଝିଟିପିଟି ଜାତୀୟ ବିରାଟକାୟ ଜୀବ ଲୋପ ପାଇଲେ ।

ତେବେ ମନୁଷ୍ୟକୃତ କାରଣକୁ ଏଡ଼ାଇ ଦିଆଯାଇ ନ ପାରେ। ପୃଥିବୀରେ ଯେତେ ସବୁ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ହିଁ ମଣିଷ । ଏକଥା କହିବା ଅନାବଶ୍ୟକ ଯେ ମଣିଷ ହିଁ ସମସ୍ୟା ସୃଷ୍ଟି କରେ ଓ ତା'କୁ ସମାଧାନ କରିବାକୁ ଚେଷ୍ଟାକରେ ମାତ୍ର ସେ ଭାବି ପାରିନଥାଏ ଯେ ସବୁ ସମସ୍ୟାର ସମାଧାନ ତା'ହାତରେ ନାହିଁ ବୋଲି ? ଏଭଳି ମନୁଷ୍ୟକୃତ କାରଣ ମାନଙ୍କ ମଧ୍ୟରୁ ଜଳବାୟୁ ପରିବାର୍ତ୍ତନର ମୁଖ୍ୟଭୂମିକା ଗ୍ରହଣ କରିଥିବା କାରକ ହେଉଛି ପରିବେଶ ପ୍ରଦୂଷଣ ଓ ତତ୍ ଜନିତ ସବୁଜଗୃହ ବାଷ୍ପ । ଯେଉଁ ଯେଉଁ ଉତ୍ପତ୍ତିସ୍ଥଳରୁ ଏହି ଗ୍ୟାସ ସମୂହ ବାହାରୁଛି ତାହାର ମୁଖ୍ୟ ପ୍ରଯୋଜକ ହିଁ ମଣିଷ । ମଣିଷ ମାନେ ପ୍ରତିଦିନ ଏହି ଗ୍ୟାସ ବୃଦ୍ଧିରେ ସହାୟକ ହେଉଛନ୍ତି । ଏସିଆ ମହାଦେଶର ଅନେକ ସହରରେ ଏବେ ପ୍ରଦୂଷଣର ମାତ୍ରା ବ୍ୟାପକ ବୃଦ୍ଧି ପାଇଛି। ଭାରତର ଦିଲ୍ଲୀଠାରୁ ଚୀନର ବେଜିଂ ପର୍ଯ୍ୟନ୍ତ ଆକାଶକୁ ଏବେ ପ୍ରଦୂଷଣର କଳାବାଦଲ ଢାଙ୍କି ରହିଥିବାବେଳେ, ତାହାର ପ୍ରଭାବରେ ହିମାଳୟର ବରଫଗଦାଦ୍ରୁତ ଗତିରେ ତରଳିବା ଆରମ୍ଭ କରିଛି । ଏଥିସହିତ ଜଳବାୟୁରେ ଅଭୁତପୂର୍ବ ପରିବର୍ତ୍ତନ ଘଟୁଥିବା ଲକ୍ଷ୍ୟ କରାଯାଇଛି ବୋଲି ଜାତିସଂଘ ଦ୍ୱାରା କରାଯାଇଥିବା ଏକ ଅନୁଧାନରୁ ପ୍ରକାଶ । ଏହି ରିପୋର୍ଟ ଆସିବା ପରେ ଜାତିସଂଘ କର୍ତ୍ତୃପକ୍ଷ ଏବେ ଅଧିକ ଉଦବେଗ ପ୍ରକାଶ କରିଛନ୍ତି । ଏହି ପ୍ରଦୂଷଣ ରାକ୍ଷସ ଏବେ ତାହାର ପରିସୀମାକୁ ମୁମ୍ବଇ, କଲାକାତା, ବ୍ୟାଙ୍କକ୍, ତେହେରାନ୍, କାଇରୋ, ସିଓଲ, କରାଚୀ, ଢାକା, ଏବଂ ସାଘାଂଇ ଭଳି ଅନ୍ୟାନ୍ୟ ସହରକୁ ମଧ୍ୟ ପରିବ୍ୟାପ୍ତ କରିଛି । ଏହାଫଳରେ ଋତୁ ଆଗମନରେ ବ୍ୟାପକ ପରିବର୍ତ୍ତନ ଦେଖାଯାଉଛି । ଏହି ସବୁ ସହରର ଏବେ ଶୀତ ସତେ ଯେମିତି ଦୂରେଇ ଯାଇଥିବା ଅନୁଭବ କରାଯାଇଛି । ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଜୀବାଶ୍ମ ଇନ୍ଧନ ଓ ବାଓମାସ୍ ଜଳିବା ଦ୍ୱାରା ସୃଷ୍ଟି ହେଉଥିବା ଜଳାଗୁଣ୍ଡ ଓ ଅନ୍ୟାନ୍ୟ ପଦାର୍ଥରୁ ବାୟୁମଣ୍ଡଳର ଧୂସର ବାଦଲ ପ୍ରସ୍ତୁତ ହେଉଛି । ଏହା ତିନି କିଲୋମିଟରର ବ୍ୟାପି ଏକ ମୋଟା ଆସ୍ତରଣ ସୃଷ୍ଟି କରୁଥିବା ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ନୂଆଦିଲ୍ଲୀ, କରାଚୀ, ବେଜିଂ, ସଘାଂଇ ଭଳି ଭଳି ସହରରେ ପ୍ରଦୂଷଣ ମାତ୍ର ୧୦-୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହାର ଆକାଶ ସର୍ବଦା ମେଘାଚ୍ଛନ୍ନ ଭଳି ଦିଶିବାର କାରଣ ଏହି ଧୂମକୁଣ୍ଡଳୀ ବୋଲି କୁହାଯାଇଛି । ଚୀନର ଗୁଆଙ୍ଗଝାଉ ପ୍ରଦେଶରେ ଏବେ ଅସ୍ୱସ୍ଥ ହୋଇ ପଡୁଥିବା କୁହାଯାଇଛି । ୧୯୭୦ ଦଶକରେ ଅବସ୍ଥା ଓ ସାଂପ୍ରତିକ ବାୟୁମଣ୍ଡଳ ମଧ୍ୟରେ ୨୦ ପ୍ରତିଶତ ପରିବର୍ତ୍ତନ ଘଟିଥିବା କୁହାଯାଇଛି। ୧୯୬୦ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରତି ଦଶ ବର୍ଷରେ ବାୟୁମଣ୍ଡଳର କଳାଧୂଆଁ ୨ ପ୍ରତିଶତ ହାରରେ ବଢ଼ି ଚାଲିଥିବାବେଳେ ସଂପ୍ରତି ଦଶବର୍ଷ ମଧ୍ୟରେ ଏହା ପୂର୍ବାପେକ୍ଷା ଦୁଇଗୁଣ ବୃଦ୍ଧି ପାଇଛି । ସେହିଭଳି ଚୀନ୍ ଆକାଶରେ ୧୯୫୦ରୁ ୧୯୯୦ ଦଶକ ପର୍ଯ୍ୟନ୍ତ ୩ ରୁ ୪ ପ୍ରତିଶତ ହାରରେ ପ୍ରତି ଦଶବର୍ଷରେ ବଢୁଥିବାବେଳେ ଏବେ ଏହା ୬ରୁ ୭ ପ୍ରତିଶତକୁ ବୃଦ୍ଧି ଘଟିଛି । ଏହାଦ୍ୱାରା ଆରବସାଗରୀୟ ଉପଦ୍ୱୀପ ଠାରୁ ଚୀନ୍ ଓ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଭୂଖଣ୍ଡର କେତେକ ଅଞ୍ଚଳର ଆକାଶ କ୍ରମଶଃ ଧୂଆଁ ଆସ୍ତରଣରେ ଜମି ଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଫଳରେ ଜଳବାୟୁ ପରିବର୍ତ୍ତନ ନେଇ ସବୁଜଘର ପ୍ରଭାବ ବୃଦ୍ଧି ଘଟୁଛି । ଏସିଆର ଦୁଇ ବୃହତ୍ ରାଷ୍ଟ୍ର ଭାବେ ଭାରତ ଓ ଚୀନ୍, ଇଉରୋପ ଏବଂ ଆମେରିକାର ବୈଜ୍ଞାନିକଙ୍କ ଦ୍ୱାରା ଏହି ଅନୁସନ୍ଧାନ କରାଯାଇଛି । ମାତ୍ରାଧିକ ଇନ୍ଧନର ଜ୍ୱଳନ ଯୋଗୁଁ ବାୟୁମଣ୍ଡଳରେ ଘୁରିବୁଲୁଥିବା କାର୍ବନ ଓ ଗୁଣ୍ଡ ସୂର୍ଯ୍ୟ କିରଣରୁ ଅଧିକ ଶୋଷଣ କରିଥାଏ । ଫଳରେ ବାୟୁମଣ୍ଡଳର ତାପମାତ୍ରା ବଢିଥାଏ । ବାୟୁମଣ୍ଡଳରେ କଳାଧୂଆଁର ଆସ୍ତରଣ ବଢିବା ଦ୍ୱାରା ତାପମାତ୍ରା ବଢି ଜଳବାୟୁ ପରିବର୍ତ୍ତନ ଭଳି ଭୟଙ୍କର ସମସ୍ୟା ଆଗକୁ ସୃଷ୍ଟିହେବାକୁ ଯାଉଛି ବୋଲି ୟୁଏନଇପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଜାତିସଂଘ ଅନୁସଚିବ ଆକିମ ଷ୍ଟେନର ସତର୍କ କରାଇ ଦେଇଛନ୍ତି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଆଦି ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ଗ୍ୟାସର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଶିଳ୍ପ ବିପ୍ଳବ ପରଠାରୁ ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ୩୦ ପ୍ରତିଶତ ବୃଦ୍ଧି ପାଇଛି । ଆମେରିକା, ଋଷ, ଚୀନ, ଜାପାନ ଓ ଭାରତ ବିଶ୍ୱରେ ସବୁଠାରୁ ଅଧିକଗୃହ ଗ୍ୟାସ ସୃଷ୍ଟି କରୁଛନ୍ତି। ଏହି ଗ୍ୟାସ ଯୋଗୁଁ ବାୟୁମଣ୍ଡଳୀୟ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାରିବାରେ ଲାଗିଛି । ଏହାର ପ୍ରଭାବ ଯୋଗୁଁ ଶୀତଦିନେ ମଧ୍ୟ ତାପମାତ୍ରା ଯଥେଷ୍ଟ ଉଚ୍ଚରେ ରହୁଛି ।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ସଙ୍କଟ ତାଲିକାରେ ବିଶ୍ୱର ଅନ୍ୟତମ ବିକାଶଶୀଳ ରାଷ୍ଟ୍ର ଭାରତ ମଧ୍ୟ ବର୍ତ୍ତି ପାରିନାହିଁ। ମଣିଷ ନିଜେ ପ୍ରଚୁର ମାତ୍ରାରେ ଉଭୟ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପଲ୍ୟୁଶନ ବା ପ୍ରଦୂଷଣ ଉପନ୍ନ କରୁଛି। ଟକ୍ସିକ୍ ପଲ୍ୟୁଶନ ହେଉଛି ଫାଇନ୍ ପାର୍ଟିକ୍ୟୁଲେଟ ମ୍ୟାଟର, ଯାହା ମଣିଷ ସ୍ୱାସ୍ଥ୍ୟକୁ ସିଧାସଳଖ କ୍ଷତି ପହଞ୍ଚାଏ। ସେହିପରି ନନ୍‌ଟକ୍ସିକ୍ ପଲ୍ୟୁଶନ ବିଶ୍ୱତାପନ ପାଇଁ ଦାୟୀ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଯୋଗୁଁ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଉଭୟ ପ୍ରଦୂଷଣ ପରସ୍ପରକୁ ବଢ଼ାଇଥାଏ। ସଦ୍ୟ ଅଧ୍ୟୟନରେ ଗବେଷକମାନେ ବିଶ୍ୱର କିଛି ନିର୍ଦ୍ଦିଷ୍ଟ ଦେଶରେ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପ୍ରଦୂଷଣ ମଧ୍ୟରେ ଦୃଢ଼ ସମ୍ପର୍କ ଦର୍ଶାଇଛନ୍ତି। ଏହି ଦୁଇ ପ୍ରକାର ପ୍ରଦୂଷଣ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ପ୍ଲସ ୱାନ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ ଏଭଳି କିଛି ଦେଶ ଚିହ୍ନଟ କରିଛନ୍ତି, ଯାହା ଉଭୟ ପ୍ରଦୂଷଣର ଶିକାର ହୋଇଛନ୍ତି। ଟକ୍ସିକ୍ ପଲ୍ୟୁଶନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କ୍ଷତି ଆଶଙ୍କା ଅଧିକ ଥିବା ଦେଶ ମଧ୍ୟରେ ଶୀର୍ଷ ୧୦ରେ ରହିଛନ୍ତି- ସିଙ୍ଗାପୁର, ର୍ବାଣ୍ଡା, ଚାଇନା, ଭାରତ, ସୋଲୋମନ ଆଇଲ୍ୟାଣ୍ଡ, ଭୁଟାନ, ବୋଟସୱାନା, ଜର୍ଜିଆ, ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ। ଗବେଷକମାନେ ଆହୁରି ମଧ୍ୟ କହିଛନ୍ତି, ବିଶ୍ୱତାପନ ଓ ପ୍ରବଳ ବୃଷ୍ଟିପାତ କୃଷି କାର୍ଯ୍ୟରେ ବାଧା ଉପୂନ୍ନ କରୁଛି। ଏହାଦ୍ୱାରା କୁପୋଷଣ ଓ ଏହାଜନିତ ରୋଗ ବୃଦ୍ଧି ପାଉଛି। ଚାଇନା ଓ ଭାରତ ଉପରୋକ୍ତ ତାଲିକାର ଶୀର୍ଷ ୫ ଦେଶ ମଧ୍ୟରେ ଅଛନ୍ତି। ଉଭୟ ଦେଶ ଜଳବାୟୁ ପରିବର୍ତ୍ତନ ଓ ଟକ୍ସିକ୍ ପଲ୍ୟୁଶନ ଭୟଙ୍କର ସଙ୍କଟ ଦେଇ ଗତି କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ପର୍ବତସ୍ଥ ହିମବାହ ଏବଂ ମେରୁ ଅଞ୍ଚଳର ବରଫ ତରଳୁଛି, ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଛି, ପ୍ରକୃତି ଓ ପରିବେଶ ଅବକ୍ଷୟିତ ହେଉଛି, ଜୈବ ବିବିଧତାର ହ୍ରାସ ଘଟୁଛି, ପ୍ରାକୃତିକ ବିପର୍ଯ୍ୟୟରେ ବୃଦ୍ଧି ଏବଂ ଅନ୍ୟାନ୍ୟ ବହୁ ବିନଷ୍ଟକାରୀ ପ୍ରଭାବ ଦୃଶ୍ୟମାନ ହେଉଛି। ମୋଦି ଏହା ମଧ୍ୟ କହିଛନ୍ତି ଯେ ମିଶନ ଲାଇଫ୍ ଧରିତ୍ରୀର ଉନ୍ନତି ଏବଂ ଉତ୍କର୍ଷ ସାଧନ ନିମନ୍ତେ ପିଂ (ପ୍ରୋ-ପ୍ଲାନେଟ୍ ପିପଲ) ବା ପୃଥିବୀ ସପକ୍ଷବାଦୀ ଲୋକଙ୍କର କାର୍ଯ୍ୟଧାରାକୁ ସୁଦୃଢ଼ କରିବ। ସମ୍ବଳ ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ କରିବା, ଯେଉଁସବୁ ପଦାର୍ଥ ପରିବେଶର କ୍ଷତି ସାଧନକରେ ତାହାକୁ ବର୍ଜନ କରିବା ଏବଂ ଖାଦ୍ୟ ନଷ୍ଟକୁ ଏଡ଼ାଇବା ଆମର ଈପ୍ସିତ ଲକ୍ଷ୍ୟ ହେଉ। ଅଣନବୀକରଣଯୋଗ୍ୟ ଉତ୍ସଗୁଡ଼ିକର ଅତ୍ୟଧିକ ବ୍ୟବହାର ଏବଂ ଅପଚୟକୁ ରୋକାଯାଇ ସମ୍ବଳ ସଙ୍କଟକୁ ନିୟନ୍ତ୍ରଣ କରାଯାଉ।

+ଅରଙ୍ଗାବାଦ ବରୀ ଯାଜପୁର

ମୋ: ୮୨୪୯୫୦୨୭୭୬

## ଓଡିଶାର ପାରମ୍ପରିକ ପ୍ରଥା ଖୁଦୁରୁକୁଣୀ ବା ଭାଲୁକୁଣୀ ଓଷା



**ପ୍ରଶାନ୍ତ କୁମାର ନାୟକ**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମନେମନେ ଆରାଧ୍ୟା ଦେବୀ ମଙ୍ଗଳା ମାଆଙ୍କୁ ମଧ୍ୟ ସ୍ମରଣକରି କହୁଥାଏ ମା'ଲୋ ମୋତେ ସାହା ହୁଅ । ମୋ ଘରମଣିକୁ ଖୋଜି ଦେ ମାଆ । ଏମିତି କେତେକଥା ମନରେ ଭାବିଭାବି କିଛି ବାଟ ଗଲାପରେ ସେ ଦେଖିବାକୁ ପାଇଲା ଯେ, କିଛି ଝିଅପିଲା ଏକାଠି ବସି ମାଆ ମଙ୍ଗଳାଙ୍କୁ ଗଛମୂଳେ ପୂଜା କରୁଛନ୍ତି। ପିଲାମାନଙ୍କଠାରୁ ସେ ଜାଣିବାକୁ ପାଇଲାଯେ ମାଆ ମଙ୍ଗଳାଙ୍କୁ ପୂଜାକଲେ ସେ ସବୁ ଦୁଃଖ ଦୂରକରି ଦେବେ । ଏହାଶୁଣି ସେ ମଙ୍ଗଳା ମାଆଙ୍କୁ ଧ୍ୟାନରେ ରଖି କହିଲା ମା'ଲୋ ମୋର ଘରମଣିକୁ ଖୋଜିଦେ ଆଣି ମୋତେ ଦେ। ନହେଲେ ବଡ ଭାଉଜ ମୋ ନାକ କାଟିଦେବ । ମୋତେ ଏ ବିପଦରୁ ରକ୍ଷାକର ମା' । ମନରେ ଏମିତି ଭାବିଭାବି କିଛିବାଟ ଗଲାପରେ ସେ ଦେଖିଲା ଘରମଣି ଘାସ ଚରୁଛି। ଘରମଣିକୁ ପାଇ ସେ ଆନନ୍ଦରେ ବିଭୋର ହେଇଗଲା ଓ ମଙ୍ଗଳା ମାଆଙ୍କୁ ମନେମନେ କେତେ ଗୁହିରୀ ହେଲା । ଏହାପରେ ଘରକୁ ଫେରି ଘରମଣିକୁ ଗୁହାଳରେ ପୁରେଇଦେଲା ଓ ସେଇଠି ବସିବସି ଥକା ହୋଇ ଶୋଇପଡିଲା । ସକାଳୁ ଘରମଣିକୁ ଦେଖି ବଡ ଭାଉଜ ଯେତିକି ଖୁସୀହେଲା ତଅପୋଇକୁ ଶୋଇଥିବାର ଦେଖି ସେତିକି ରାଗିଗଲା । କହିଲା ଆଲୋ ପୋଡ଼ାମୁହିଁ, ରାଜଜେମା ଭଳି ଏଠି ଶୋଇ ରହିଛୁ କ'ଣ । ଶୀଘ୍ର ଛେଳି ନେଇ ବଣକୁ ଯାଆ । ବିଚାରୀ ଡରିମରି ବଣକୁ ଛେଳିନେଇ ଚାଲିଗଲା । ଏମିତି ଦୁଃଖ କଷ୍ଟରେ ବର୍ଷେକାଳ ବିତିଗଲା ଓ ଭାଦ୍ରବ ମାସ ଆସିଲା। ତଥାପି ଭାଇମାନେ ବଣିଜ ସାରି ଘରକୁ ଫେରିଲେ ନାହିଁ । ବଣରେ ଏକଥା ଭାବିଭାବି ତଅପୋଇ କାନ୍ଦି ପକାଉଥାଏ। ଗଛମୂଳେ ବସି ଭାଗ୍ୟକୁ ଆଦରି ଭାଉଜମାନଙ୍କ ବ୍ୟବହାର କଥା ଭାବି ମନଦୁଃଖ କରୁଥାଏ । ହଠାତ୍ ତା'ର ମନକୁ ମା' ମଙ୍ଗଳାଙ୍କ କଥା ଆସିଲା । ଭାବିଲା ମାଆଙ୍କ କୃପାରୁ ଘରମଣି ମୋତେ ମିଳିଗଲା । ଏଇ କଥା ଭାବି ଭାଇମାନଙ୍କ ଫେରି ଆସିବାକଥା ମନେମନେ ମାଆ ମଙ୍ଗଳାଙ୍କୁ ଗୁହାରୀ କଲା ଓ ମାଆଙ୍କୁ ପୂଜା ସ୍ଥାନକୁ ଯାଇ ଭାଇମାନଙ୍କର ଫେରିଆସିବା କଥା ନେହୁରା ହେଇ କହିଲା ମା'ଲୋ ମୋ ଭାଇମାନଙ୍କୁ ଦୟାକରି ଶୀଘ୍ର ମୋ ପାଖକୁ ଫେରାଇ ଆଣ। ସେମାନଙ୍କ ବିନା ମୋ ଜୀବନ ଅତ୍ୟନ୍ତ ଯନ୍ତ୍ରଣାରେ ଛଟପଟ ହେଉଛି । ଭାଉଜମାନେ ବହୁତ ଯାତନା ଦେଲେଣି ମୋତେ। ମୁଁ ଆଉ ସହି ପାରୁନି କି ସହିବାର ଶକ୍ତି ମଧ୍ୟ ମୋର ଆଉ ନାହିଁ। ତୁ ଯଦି ମୋ ଭାଇମାନଙ୍କୁ ଶୀଘ୍ର ମୋ ପାଖକୁ ଫେରାଇ ନଆଣୁ ତେବେ ଏଇଠି ତୋହରି ସାମ୍ନାରେ ଜୀବନ ହାରିଦେବି ମାଆ । ଏମିତି ଅନେକ ଗୁହାରୀ କରି ବଣରେ ବସି ହତାସାବୋଧ ହୋଇ କାନ୍ଦୁଥାଏ । ଠିକ୍ ଏଇ ସମୟରେ ହଠାତ ଯେମିତି ଏକ ଚମତ୍କାର ଘଟିଲା । ସାତ ଭାଇ ବୋଇତ ନେଇ ଫେରୁ ଥାଆନ୍ତି । ସେମାନେ ଜଙ୍ଗଲ ବାଟଦେଇ ଗଲାବେଳେ ଜଣେ ଝିଅ କାନ୍ଦୁଥିବାର ଶବ୍ଦ ଶୁଣିପାରିଲେ । ପାଖକୁ ଯାଇ ଦେଖିଲାବେଳକୁ ତଅପୋଇ ସେଠି ବସି କାନ୍ଦୁଛି । ଏଭଳି ଘଞ୍ଚ ଅରଣ୍ୟ ମଧ୍ୟରେ ତଅପୋଇ ବସି କାନ୍ଦୁଥିବାର ଦେଖି ସେମାନେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ। ସେମାନଙ୍କର ପାଦତଳୁ ମାଟି ଖସିଗଲା ଯେମିତି । ଗୋଟିଏ ବୋଲି ଗେହ୍ଲା ଭଉଣୀ ଏ ଦୁର୍ଦ୍ଦଶା ଦେଖି ସେମାନେ ଅତ୍ୟନ୍ତ ମର୍ମାହତ ହୋଇଗଲେ। ଭାଇମାନଙ୍କୁ ଦେଖି ସତେଯେମିତି ତଅପୋଇର ଜୀବନ ପୁଣି ଫେରିଆସିଲା। ସାନ ଭାଉଜର ସ୍ନେହ, ମମତା, ଆଦର ଆଉ ଅନ୍ୟ ଭାଉଜମାନଙ୍କର ଦୁର୍ବ୍ୟବହାର, ସେମାନଙ୍କର ନିର୍ଯ୍ୟାତନା କଥାସବୁ ଗୋଟି ଗୋଟି କରି ଭାଇମାନଙ୍କୁ କହିଲା । ସବୁ ଶୁଣିସାରି ଭାଇମାନେ ନିଜର ସ୍ତ୍ରୀ ମାନଙ୍କୁ ପାନେ ଦେବାପାଇଁ ତଅପୋଇ ହାତରେ ଗୋଟିଏ ଛୁରୀ ଧରେଇଦେଲେ। ସାତ ଭାଉଜ ଯେତେବେଳ ପୂଜାଥାଳି ଧରି ବୋଇତ ଓ ସାଧବମାନଙ୍କୁ ବନ୍ଦେଇବାକୁ ଆସିଲେ, ସାଧବମାନେ କହିଲେ ବୋଇତ ଭିତରେ ଦେବୀ ମାଆ ଅଛନ୍ତି। ପ୍ରଥମେ ତାଙ୍କୁ ବନ୍ଦାଅ । ତାପରେ ଜଣଜଣକରି ଭାଉଜମାନେ ବନ୍ଦାଣପାଇଁ ବୋଇତ ମଧ୍ୟକୁ ଗଲେ ଓ ତଅପୋଇ ସେମାନଙ୍କର ନାକକୁ ଛୁରୀରେ କାଟିଦେଲା। ସାନ ଭାଉଜ ଯେତେବେଳ ବନ୍ଦେଇବାକୁ ବୋଇତ ମଧ୍ୟରେ ପ୍ରବେଶ କଲା, ତାକୁ ଦେଖି ତଅପୋଇର ହାତରୁ ଛୁରୀ ଖସିପଡିଲା। ଖୁସୀରେ ଭାଉଜକୁ କୋଳେଇନେଲା। ସାନ ଭାଉଜ ମଧ୍ୟ ଖୁସୀରେ ତଅପୋଇକୁ ଗେଲ କଲା । ପରେ ସମସ୍ତେ ମନ ଖୁସୀରେ ଘରକୁ ଫେରିଲେ ଏବଂ ଅନ୍ୟ ଛଅ ଭାଉଜ ଖଣ୍ଡିନାକ ହୋଇ ଲଜ୍ଜାରେ ମଲେ । ତଅପୋଇ ସାନ ଭାଉଜ ଓ ଭାଇମାନଙ୍କ ସହିତ ଖୁସିରେ ଦିନ ବିତେଇଲା । ମା' ମଙ୍ଗଳାଙ୍କ କରୁଣାରୁ ତଅପୋଇର ସୁଖର ଦିନ ପୁଣି ଫେରି ଆସିଲା । (ସମାପ୍ତ)

## ତୋର ମୋର ଭାବ

**ହରେରାମ ପଣ୍ଡା**

ସେଦିନ ରାତିରେ ଜହ୍ନ ରୁଷିଗଲା
ମତେ ତୋ ପାଖରେ ଦେଖି,
ଫୁଲେଇ ଜହ୍ନର ନିଦୁଆ ଆଖିରେ
କେତେ ନିଦ ଥିଲା ବାକି ।
କାହିଁ କେଉଁଦିନୁ ତୋର ମୋର ଭାବ
ନାହିଁ କାହାରି ମନରେ,
ତୁ ଖୋଜିନୁ କି ମୁଉଁ ବି ଖୋଜିନି
ସେଇ ଦିନଟାକୁ ଥରେ ।
ରଜନୀଗନ୍ଧାର ବାସ ଠୁଁ ନିଆରା
ତୋର କୁନ୍ତଳର ବାସ,
ନିଦାଘରେ ମୋର ପାଖରେ ଥିଲେ ତୁ
ଲାଗେ ସତେ ମଧୁମାସ ।
ବନ ହରିଣୀର ଚାହାଁଣୀରେ ତୋର
ଖୋଜିଲା ଖୋଜିଲା ଭାଷା ,
ମୁହଁ ଆଇନାରେ ଚମକୁଥିଲା ତୋ
ହଜିଲା ହଜିଲା ଆଶା ।
ପାଶେ ଥିଲେ ମୋର ଲାଗୁଥିଲା ମତେ
ଉଆଁସ ପୁନେଇଁ ପରି,
ଛୁଇଁ ଦେଲେ ତୋର ଲାଜୁଆ ଓଠକୁ
ମନ ଯାଉଥିଲା ପୂରି ।
ମନରେ ମୋର ତୁ ଭରିଦେଲୁ ଭାବ
ଖୋଜି ଆଣି ଦେଲୁ ଭାଷା,
ଲେଖି ବସିଲି ମୁଁ କବିତା ତୋ ପାଇଁ
କେମିତି ଥିଲା ସେ ଆଶା ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ,
ମେରଦା କାଟିଆଛକ, ଯାଜପୁର
ମୋ: ୯୪୩୮୦୬୫୧୯୫



## ଯାଯାବର

**ସତ୍ୟନାରାୟଣ ପ୍ରଧାନ**

ସମୟ ସାଥିରେ ଚାଲିବାକୁ ବାଟ
ଲାଗୁନାହିଁ ଆଉ ମନ
ଭଲ ପାଇବାର ଦୋଛକିରେ ପଡି
ହୁଏ ଯାହା ହିନିମାନ ।।
ପ୍ରେମରେ ପଡିବା ଥିଲା ବୋଧେ ଭୁଲ
ଆଜି ମୁଁ ପାରିଛି ବୁଝି
ଅଦିନ ମେଘରେ ସାଇତା ସପନ
କେବେଠୁ ଯାଇଛି ହଜି ।।
ପ୍ରଥମ ପ୍ରେମରେ ପଡ଼ିଥିଲି ବୋଲି
ଦୁନିଆକୁ କଲି ପର
ପ୍ରତି ବଦଳରେ ମିଳୁଛି ଯାତନା
ଆଖି ଲୁହ ଯାହା ସାର ।।
କାହିଁକି ଆସିଲ ଜୀବନେ ମୋହର
ବୁଣି ଦେଇ ସବୁ ଖୁସି
ନିମିଷ ମଧ୍ୟରେ ଚାଲିଗଲ ଛାଡ଼ି
ଚାହିଁଲେ ପାରୁନି ହସି ।।
ମରିବା ବଞ୍ଚିବା ମୋ ଲାଗି ସମାନ
ପାଲଟିଛି ଯାଯାବର
ପାନ୍ଥଶାଳା ଡାକେ ରାତିର ଅନ୍ଧାରେ
ସକାଳକୁ ସାତପର ।।

ସା / ପୋ - ଅଣ୍ଟିଆ
ଭାୟା - ଜେନାପୁର, ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪୪

## ଆନନ୍ଦ ଉତ୍ସବ

**ସୁବାସ ଚନ୍ଦ୍ର ସାହାଣୀ**

ଆଃ ! କି ବ୍ୟାକୁଳତା !
ଭୂମି ଭୂମା ଅନନ୍ତ ଅନନ୍ତ
ମେଘ ମେଦୁର ଡମ୍ବରୁର
ବ୍ରହ୍ମମୟ ନାଦ,
ପ୍ରାଣରୁ ପ୍ରାଣକୁ ପ୍ରହରିତ
ପୁଣ୍ୟ ପ୍ରାଣ ବେଦ...
ଏ କି ଅଭୂତ, ଆଶ୍ଚର୍ଯ୍ୟ,
ଅକ୍ଳାନ୍ତି ଅକଳନ୍ତି ପ୍ରେମଛବାସ
ଭକ୍ତ ଭାବ ଭଗବାନ ଭବ୍ୟ ଭବ
ଲୀଳା, ରଚନାର ରମ୍ୟ ରଙ୍ଗ ରାଗ !
ଘୁମୁରା ମନ, ଘୁମୁରି ଉଠେ
ଆବର୍ତ୍ତ ଉତ୍ସବେ, ବିଭୋର୍
ଆନନ୍ଦ ପ୍ରମୋଦେ।
ଦେଖ ଦେଖ, ବଡ଼ ଦାଣ୍ଡ,
ଗହ ଗହ ପ୍ରେମ, ପ୍ରମ, ଫୁଲ, ଫଗୁଣର
ରସ ରାସର ରମଣୀୟ ...
କଳା କୌତୁକ କେଳିର
ସୁଖମୟ, ପ୍ରମେୟ ପ୍ରୀତିମୟ ପ୍ରାଣର
ଗୀତି ଗୀତ ଗୋବିନ୍ଦ ତାଳର ହିଲ୍ଲୋଳ।
ଆହା କି ଅପୂର୍ବ ଆନନ୍ଦର କେଳି !
ମର୍ତ୍ତ୍ୟରେ ମାନବ ଲୀଳା ଅପୂର୍ବ କାକଳି,
ଅନୁରାଗ ପ୍ରୀତି ଛନ୍ଦେ, ମାନବୀୟ ବୃତ୍ତି
କେଳି କଦମ୍ବ ରାଗରେ
ଆଶାର ଛନ୍ଦମୟ ଗୀତି...
ମେଘ ମଲ୍ଲାର ଗାଏ ଦେଖ
ବାରିଦ କୋଳରେ
ବିଜୁଳି ମହକ ତୋଳେ, ପ୍ରେମ,
ପ୍ରଣୟ ଆଲୋକ ବର୍ଣ୍ଣରେ ।
ବଡ଼ ଦାଣ୍ଡ,ପୁରି ଉଠେ ଜନ ସମୁଦ୍ରରେ,
ତୁଣ୍ଡେ ତୁଣ୍ଡ,ନିନାଦିତ
ଜୟ ଶଙ୍ଖ ଧ୍ୱନି,
ମୁଣ୍ଡେ ମୁଣ୍ଡାଇ ମହଣ ଫୁଲ
ଶୋଭାର ବୈଦୁର୍ଯ୍ୟ
ଆହା କି ନୃତ୍ୟ ରଙ୍ଗ
ଭାବେ ବିଭୂଷିତ।
ଜଗନ୍ନାଥ ଜୀବନ ସଞ୍ଚାଳି
ହେତୁ, ଅହେତୁକ ସଭିଙ୍କ ମୁହଁରେ
ଜୟ ଜୟ ଜଗନ୍ନାଥ ଧ୍ୱନି।

ଶ୍ରୀହରି ଆଳୟ,
ବାଂମୟ ନିଳୟ, ସାହିତ୍ୟ ଚିରକାଳ
ସା-ବୋଇତାଳୁ
ପାଟଣା। ପୋଷ୍ଟ-ମୋହନପୁର
ଭାୟା-ବିଞ୍ଝାରପୁର-୭୫୫୦୦୪
ଜିଲ୍ଲା-ଯାଜପୁର
ମୋ: ୭୩୮୪୨୫୧୧୪୬।



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୭୮



ଡ. ସିନ୍ଧୁ ସେନ୍

॥ ପଇଁତିରିଶ ॥

ରାଜନ୍, ଏମିତି ଅସ୍ଥିର ହୋଇପଡୁଛନ୍ତି ଯେ, କ'ଣ ଭାବୁଛନ୍ତି । ହଁ ମୋତେ କାହିଁକି ଅଶୋକବନ, ସୀତାଙ୍କ କଥା ବହୁତ ମନେପଡୁଛି । ମୋ ପାଖକୁ ସୀତାଙ୍କ ନିକଟରେ ଥିବା ପ୍ରହରୀ ଧୂମାବତୀକୁ ଶୀଘ୍ର ପଠାଇଦିଅ ।

ପରିଚାରିକା ମୋ କକ୍ଷରୁ ବାହାରିଗଲା। କିଛିସମୟ ପରେ ପ୍ରବେଶ କଲା ଧୂମାବତୀ।

କହ ଧୂମାବତୀ ସୀତା ଏବେ ଠିକ୍‌ଠାକ୍ ଅଛନ୍ତି ତ? ତାଙ୍କର ମାନସିକ ଅବସ୍ଥା କେମିତି ଅଛି ? ମୁଁ ଜାଣେ ଧୂମାବତୀ ଖୁବ୍ ପ୍ରଭୁଭକ୍ତ । ଅନେକ ଗୁପ୍ତକଥା ତାରି ପାଖରୁ ମୁଁ ପାଇଥାଏ । ମନ କହୁଥିଲା, ଧୂମାବତୀ ଠାରୁ ନିଶ୍ଚୟ କିଛି ଭଲ ଖବର ପାଇବି । ହେଲେ ଧୂମାବତୀ ଏ କ'ଣ କହୁଛି । ଧୂମାବତୀ କହୁଥିଲା ରାଜନ୍, ସୀତାଦେବୀ ତ ସବୁଦିନେ ସେଇ ଶୁଖିଲା ମୁହଁ । ହେଲେ, ସେ ଦୁଷ୍ଟବାନରଟା ଅଶୋକବନକୁ ନଷ୍ଟଭ୍ରଷ୍ଟ କରିଦେବା ପରେ ମୁଁ ଲକ୍ଷ୍ୟ କରୁଛି, ସେ ଟିକିଏ ଖୁସି ଅଛନ୍ତି । ଆଉ ତାପରେ ରାମଙ୍କର ସୁବେଳ ପର୍ବତରେ ଶିବିର ପକାଇବା ଖବର ଶୁଣି ସେ ଆହୁରି ବେଶି ଖୁସି ଲାଗୁଛନ୍ତି । ଏ କ'ଣ ଧୂମାବତୀ, ରାମଙ୍କର ସୁବେଳ ପର୍ବତରେ ଅବସ୍ଥାନର ଖବର ତାଙ୍କ ପାଖରେ ପହଞ୍ଚିଲା କେମିତି ? ଏ କ'ଣ କହୁଛନ୍ତି ରାଜନ, ସାରା ଲଙ୍କାବାସୀଙ୍କ ଠାରେ ପରା ଚାପା ଗୁଞ୍ଜରଣ। ଆଉ ଏ ଖବର ଯିଏ ତାକୁ ଦେଇଛନ୍ତି ସେ ତ ଆମରି ଭିତରୁ ଜଣେ । ସୀତାଦେବୀଙ୍କ ଅତି ବିଶ୍ୱସ୍ତ ପ୍ରହରୀ ସିଏ ।

କହ ଧୂମାବତୀ ସେ କିଏ ?

ସେ ତ ରାକ୍ଷସୀ ସରମା।

ଓଃ... ସରମା, ମୋର କନିଷ୍ଠ ଭ୍ରାତୃବଧୂ । ଭାବିପାରୁ ନଥିଲି, ବିଭୀଷଣ ଯେବେ ଦେଶଛାଡ଼ି ଚାଲିଗଲା ସେଦିନ ସରମା ବି ସ୍ୱାମୀଙ୍କ ସହ ନଯାଇ ଲଙ୍କାରେ ରହିଗଲା । ସେହିଦିନ ଠାରୁ ସରମାକୁ ମୁଁ ଆଦୌ ଅବିଶ୍ୱାସ କରେନି । ବରଂ ସୀତାଙ୍କ ମନର ପରିବର୍ତ୍ତନ ପାଇଁ ମାନସିକ ଶାନ୍ତି ପାଇଁ ସରମାଙ୍କୁ ସୀତାଙ୍କ ପାଖେପାଖେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲି । ସୀତା ତେବେ ତାରି ମାଧ୍ୟମରେ ଲଙ୍କାର ଟିକିନିଖି ଖବର ସବୁ ରଖୁଛି। ଧୂମାବତୀ ମୋତେ ଶୁଣେଇ ଶୁଣେଇ କହୁଥିଲା। ସରମା ଅନେକ ସମୟରେ ଏକୁଟିଆ ସୀତାଦେବୀଙ୍କ ପାଖକୁ ଯାଏ, ଆଉ ତାଙ୍କ କାନେକାନେ ଅନେକକଥା କହିଥାଏ ।

ମୋତେ କିଛି ବୁଝିବାକୁ ବାକି ରହିଲା ନାହିଁ। ସରମା ତେବେ ସୀତାଦେବୀଙ୍କୁ ଭଲପାଏ, ଭକ୍ତିକରେ । ତେଣୁ ତାଙ୍କ ପାଖରେ ଲଙ୍କାର ଗୋପନୀୟ କଥା ସବୁ କହିଥାଏ । କହୁ ରାମଙ୍କର ଲଙ୍କାର ପ୍ରବେଶ ଖବର ଯେତେବେଳେ ସାରା ଲଙ୍କାକୁ ଚହଲାଇ ଦେଲାଣି ସେଠି ସୀତାଙ୍କ କାନରେ ସେ କଥା ଯେ ପହଞ୍ଚି ସାରିଥିବ, ଏଥିରେ ଅସମ୍ଭବ କ'ଣ ? ମୁଁ କିନ୍ତୁ ସେ ବିଷୟରେ ଏତେ ଚିନ୍ତା ନକରି ଆଗକୁ କ'ଣ କରିବି ସେ ବିଷୟରେ ଚିନ୍ତା କରିବାକୁ ଲାଗିଲି ।

ମୁଁ ରାବଣ, ରାକ୍ଷସବୀର । ମୋତେ ମଧ୍ୟ ମାୟା ବିଦ୍ୟା ଜଣା । ତେଣୁ ଠିକ୍‌କଲି ସୀତାଙ୍କ ମନ ପରିବର୍ତ୍ତନ ପାଇଁ ମୋତେ ଏବେ ମାୟା ପ୍ରୟୋଗ କରିବାକୁ ପଡ଼ିବ । ସେହି ଅନୁଯାୟୀ ଯୋଜନା ପ୍ରସ୍ତୁତ କରି ଧୂମାବତୀ ହାତରେ ସୀତାଙ୍କ ପାଇଁ କିଛି ଉପହାର ଦେବାପାଇଁ ମନସ୍ଥ କଲି ।

ତହିଁ ପରଦିନ ସୀତାଙ୍କ ଉଦ୍ଦେଶ୍ୟରେ ଏକ ବିଶେଷ ଉପହାର ନେଇ ଅଶୋକବନରେ ପହଞ୍ଚିଲି । ସୀତାଙ୍କ ପାଖରେ ଥିବା ଜଣେ ରାକ୍ଷସୀ ଉପହାରଟି ସୀତାଙ୍କ ସାମ୍ନାରେ ରଖିଦେଲେ, ସେଥିରୁ ଢାଙ୍କୁଣି ଖୋଲିଦେବାକୁ ଇସାରା ଦେଲି । ଥାଳିରେ ଥିଲା ତାଙ୍କ ପତିଙ୍କ କଟାମୁଣ୍ଡ । ଥାଳି ସାରା ରକ୍ତାକ୍ତ । ଏ ଦୃଶ୍ୟ ଦେଖି ସୀତା ବିଚଳିତ ହୋଇ ଚେତା ହରାଇ ବସିଲେ । ମୁଁ ସାମାନ୍ୟ ଆଶ୍ୱସ୍ତ ହେଲି । ଯାହାହେଉ ମୋର ମାୟାବୀ ବିଦ୍ୟା କାମ ଦେଇଚି । ସୀତା ହୁଏତ ଏ ରହସ୍ୟ ବୁଝିପାରି ନାହାନ୍ତି । କିନ୍ତୁ ପରମୁହୂର୍ତ୍ତରେ ସୀତାଙ୍କ ମୁହଁରୁ ଯାହା ଶୁଣିଲି ସେଥିରେ ମୁଁ ସ୍ତବ୍ଧ । ନିଜର ପତିଦେବଙ୍କ ମୃତ୍ୟୁକୁ ମୁଁ ଆଦୌ ବିଶ୍ୱାସ କରିପାରୁ ନାହିଁ । ମୋତେ ଧିକ୍କାର ଦେଇ କହୁଥିଲେ, ପାପୀ ରାବଣ, ମୋତେ ଯେତେ ଭୁଲାଇବାକୁ ଚେଷ୍ଟା କଲେ ମଧ୍ୟ ମୁଁ ମୋ ସ୍ୱାମୀଙ୍କ ମୃତ୍ୟୁଖବର କେବେବି ବିଶ୍ୱାସ କରିପାରିବିନି । ବରଂ ତୋତେ ସାବଧାନ କରାଇ ଦେଉଛି ଯେ, ଯେତେ ଚେଷ୍ଟାକଲେ ବି, ସୀତାଙ୍କ ଉପରେ ତୋର କେବେବି ଅଧିକାର ରହିବନି । ସୀତା ସବୁଦିନେ ରାମଙ୍କର, ରାମସୀତା ହୋଇପାରନ୍ତି ଭିନ୍ନ ଶରୀର, କିନ୍ତୁ ଗୋଟିଏ ଆତ୍ମା । ତେଣୁ ଅଯଥାରେ ମୋତେ ଭଣ୍ଡିବାକୁ ଚେଷ୍ଟା ନକରି କ୍ଷାନ୍ତ ହୋଇଯାଅ । ନହେଲେ, ମୁଁ ଏଇଠାରେ ହିଁ ଅଗ୍ନିରେ ଝାସ ଦେଇଦେବି ।

ମୋତେ ସବୁଆଡ଼େ ଅନ୍ଧାର ଦେଖାଗଲା । ମୋ ମନରେ ଉଙ୍କି ମାରୁଥିଲା ଅତୀତର ସେଇ ସ୍ମୃତି । ସେଦିନ ମଧ୍ୟ ବେଦମତୀ ଠିକ୍ ଏମିତି ନିଜକୁ ନିଆଁରେ ଝାସ ଦେଇ ଆତ୍ମହତ୍ୟା କରିଥିଲେ । ଏବେ ପୁଣି ସୀତା ଯଦି ସେମିତି କିଛି ପଦକ୍ଷେପ ନେବେ, ତେବେ ଆଉ ଏକ ପାପର ଦୋଷ ମୋରି ମୁଣ୍ଡରେ ଲଦା ହେବ । ତା ପୂର୍ବରୁ ମୁଁ ନିଜେ ଅଶୋକବନ ଛାଡ଼ି ରାଜପ୍ରାସାଦ ଆଡ଼େ ମୁହାଁଇଲି । ସୀତାଙ୍କ କ୍ରୋଧିତ ଆଖିଡୋଳା ଦେଖି ମୁଁ ଭୟଭୀତ ହୋଇପଡ଼ିଥିଲି। ମୋର ମାୟାବୀ ବିଦ୍ୟା ଯେ ବେଶି ସମୟ ରହିବ ନାହିଁ, ଏକଥା ଜାଣିଥିଲି । ମାୟାର ପ୍ରଭାବ କଟିଗଲେ ସୀତା ପ୍ରକୃତ ତଥ୍ୟ ଜାଣିପାରିବେ। ତଥାପି ମୁଁ ମୂର୍ଖ ଭଳି ଏ ସବୁ କାମ କରି ସୀତାଙ୍କ ନିକଟରେ ଆହୁରି ଛୋଟ ହୋଇଗଲି ।

ରାଜପ୍ରାସାଦକୁ ଫେରିଆସି ଶାନ୍ତିରେ ନିଃଶ୍ୱାସ ମାରିପାରୁ ନଥାଏ । ମୋ ଚାରିପଟେ ସୀତାଙ୍କ କ୍ରୋଧିତ ନୟନର ଚାହାଣି ଗୋଡ଼ାଉଥିଲା। ଗୋଟିକ ପରେ ଗୋଟିଏ ଯୋଜନା ମୋର ବାରମ୍ବାର ବିଫଳ ହୋଇଯାଉଥିଲା । ବାସ୍ତବରେ ସୀତା ଯେ ସାଧାରଣ ରମଣୀ ନୁହଁନ୍ତି, ଶୁଦ୍ଧ, ପୂତ, ପବିତ୍ର ସତୀନାରୀ, ମୋ ଭଳି ଜଣେ ପାପୀଷ୍ଠ ପୁଣି ତାଙ୍କର ପରୀକ୍ଷା ନେଉଛି । ଛି ଛି ଧିକ୍ ମୋ ଜୀବନ ।

ଏବେ ଅନ୍ତିମ ସମୟରେ ସେସବୁ ମନେପଡ଼ିଲେ ନିଜ ପ୍ରତି ଘୃଣା ଆସୁଛି । ହେ ପ୍ରଭୁ ରାମଚନ୍ଦ୍ର, ମାନୁଛି, ମୋର ନିଜସ୍ୱ ଜିଦି ପାଇଁ ମୁଁ ଅନେକ ହିନସ୍ତା ହୋଇଛି । ଅଧର୍ମ କରିଛି, ଲେ ତୁମେ ତ ଜାଣ ପ୍ରଭୁ ମୋର ଏସବୁ କରିବା ପଛରେ ଉଦ୍ଦେଶ୍ୟ କ'ଣ ଥିଲା ମୋ ଅନ୍ତର ଭିତରେ କୌଣସି ପାପାତ୍ମା ନଥିଲା । ଏତିକି ମଧ୍ୟ ଜାଣିଥିଲି ତୁମେ ମୋ ସହ ଯୁଦ୍ଧ କରିବାକୁ ଦିନେ ନା ଦିନେ ମୋ ସାମ୍ନାକୁ ଆସିବ । ତୁମେହିଁ କୁହ ପ୍ରଭୁ, ମହାସତୀ ସୀତା ସେଦିନ ପଞ୍ଚବଟୀ ବନରେ ମାୟାମୃଗ ଦେଖି ପ୍ରଥମେ ଭୁଲ୍ କରିଥିଲେ । ଆଉ ପୁଣି ଅଶୋକବନରେ ପତିର ମାୟାମୁଣ୍ଡ ଦେଖି ଆହୁରି ଏକ ଭୁଲ୍ କଲେ । ସେ ସବୁ ଭୁଲ୍ ପାଇଁ ଯଦି କେହି ଦୋଷୀ ନୁହେଁ, ତେବେ ମୁଁ ଯେଉଁ ମାୟାବିଦ୍ୟା ପ୍ରୟୋଗ କରି ଭୁଲ୍ କରିଛି, ସେଥିପାଇଁ ଦୁଃଖ କରିବି କାହିଁକି ? ମୁଁ ତ ମୋର ମୃତ୍ୟୁକଳୀନ ଜମାନବନ୍ଦୀରେ ସେସବୁ କହିଦେଇ ପାପର ପ୍ରାୟଶ୍ଚିତ କରୁଛି। ଏତିକି ବି ଜାଣିଛି ମୋ ଜୀବନଦୀପ ଲିଭିବାକୁ ଆଉ ବେଶିସମୟ ନାହିଁ । ତଥାପି ମୋ ଜୀବନରେ କରିଥିବା ଭୁଲ୍ ସବୁକୁ ମୁଁ ଆଜି ନିଜେ ହିଁ ନିଜ ମୁହଁରେ କହିଦେବାକୁ ଚାହେଁ । ଅନ୍ତତଃ ମୋ କାହାଣୀ ଶେଷ ହେବା ପର୍ଯ୍ୟନ୍ତ ମୋତେ ବଞ୍ଚିବାକୁ ସୁଯୋଗ ଦିଅ ।

॥ ଛତିଶ ॥

ଲଙ୍କାର ରାଜପ୍ରାସାଦ । ବିଶାଳ, ସୁଉଚ୍ଚ, ବେଶ୍ ସୁନ୍ଦର ସାଜସଜ୍ଜା । ଏମିତି ଏକ ସ୍ୱର୍ଣ୍ଣମୟ ରାଜାପ୍ରାସାଦର ଅଧୀଶ୍ୱର ହେବାକୁ ମୋତେ କମ୍ ପରିଶ୍ରମ କରିବାକୁ ପଡ଼ିନି । ଯୁଗଯୁଗର ତପସ୍ୟା ଫଳର ପ୍ରାପ୍ତି ଲଙ୍କାର ସିଂହାସନ। ଯେଉଁ ସିଂହାସନ ପାଇବା ପାଇଁ କେତେ ସଂଘର୍ଷ କରିବାକୁ ପଡ଼ିଛି । ତାହା ମୋ ହାତମୁଠାରୁ ଖସିଯିବାକୁ ବସିଛି । ରାମଚନ୍ଦ୍ର ତାଙ୍କ ବାନରସେନା ମାନଙ୍କୁ ନେଇ ଲଙ୍କାଗଡ଼ରେ ପହଞ୍ଚି ଗଲେଣି। ସୁବେଳ ପର୍ବତରେ ଶିବିର ସ୍ଥାପନ କରି ଯୁଦ୍ଧ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ବାନରସେନା।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମୋହିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୦୩ ॥



ଏମାନଙ୍କୁ ବା ବନବାସୀ ମାନଙ୍କୁ ଗୁରୁ କୁଳରେ ବିଦ୍ୟା ଅଧ୍ୟୟନର ଅଧିକାର ଦିଆ ଯିବ ନାହିଁ ।ଖାଦ୍ୟ, ଜଳ, ବାୟୁ,କୀଟ,ପତଙ୍ଗ ଓ ସଂସ୍ପର୍ଶରୁ ରୋଗ ଗୁଡ଼ିକ ବ୍ୟାପି ଥାଏ ବୋଲି ଆର୍ଯ୍ୟ ଋଷି ମାନେ ଜାଣିଥିଲେ । ଯେହେତୁ ଏମାନେ ସେବକ ରୂପେ ସାମୂହିକ କାର୍ଯ୍ୟ କରନ୍ତି, ଉଚ୍ଚ ଜାତି ମାନେ ସେମାନଙ୍କୁ ଏକତ୍ର ଭୋଜନ, ସ୍ନାନ, ପାନ, ବାସ, ସ୍ପର୍ଶ ମଧ୍ୟ କରିବାକୁ ଦେବେ ନାହିଁ। କିନ୍ତୁ କଳି ଯୁଗରେ ଏପରି ରୋଗ ବ୍ୟାପିବ ଯେ, ଉଚ୍ଚ, ନୀଚ, ସମସ୍ତେ ଅସ୍ପୃଶ୍ୟ ହୋଇଯିବେ । ଏମାନେ ଏବଂ ନାରୀ ମାନେ ସମସ୍ତ କ୍ଷେତ୍ରରେ ସେମାନଙ୍କ ପୂର୍ଣ୍ଣ ମାନବିକ ଅଧିକାର ପାଇପାରିବେ । ସର୍ବେ ହୋଇବେ ଏକାକାର, ନଥିବ ବେଦର ବିଚାର ।

'ସେତେବେଳେ ସନାତନ ଧର୍ମରେ ମୂର୍ତ୍ତି ପୂଜା ମଧ୍ୟ ହେଉନଥିଲା' ପ୍ରଜାପତି କଶ୍ୟପ କହୁଥିଲେ,'ପ୍ରତ୍ୟେକ ବ୍ରାହ୍ମଣ ସ୍ନାନ, ଶୌଚ, ଯୋଗ, ତପସ୍ୟା, ବେଦ ପାଠ ଆଦି ନିତ୍ୟ ଆଚରଣ କରୁଥିଲେ । ସେମାନେ ଅନ୍ୟ ମାନଙ୍କ ଠାରୁ ପରିଷ୍କାର ପରିଛନ୍ନ ନୀରୋଗ ଓ ଦୀର୍ଘାୟୁ ଥିଲେ । ପ୍ରକୃତିର ଚନ୍ଦ୍ର, ସୂର୍ଯ୍ୟ, ନଦୀ, ବାୟୁ, ବୃକ୍ଷ ,ପର୍ବତ, ମୃତ୍ତିକା,ଆକାଶ ଆଦିକୁ ମନ୍ତ୍ର ପାଠ କରି ଦେବତା ରୂପେ ଉପାସନା କରୁଥିଲେ । କେବଳ ଦ୍ରାବିଡ଼ ମାନେ ପଶୁପତି ଓ ମାତୃକା ମୂର୍ତ୍ତି ପୂଜା କରୁଥିଲେ । ଏବେ ଦେଖାଯାଉଅଛି ଯେ ଆର୍ଯ୍ୟ ଓ ଅସୁର ମାନେ( ହିରଣ୍ୟକଶିପୁଙ୍କ ରାଜ୍ୟରେ ବିଷ୍ଣୁ ମନ୍ଦିର ଥିଲା ।) ବିଷ୍ଣୁ ମୂର୍ତ୍ତି ପୂଜା,ବସ୍ତୁପୂଜା,ଆଚରଣ ଓ ଖାଦ୍ୟ ପେୟରେ ବିଭିନ୍ନଭିନ୍ନପ୍ରକାର ନୀତି ନିୟମ, ସଂକ୍ରାନ୍ତି,ପରାଗ, ଗ୍ରହଣ, ଅମାବାସ୍ୟା, ପୂର୍ଣ୍ଣିମା ଆଦି ତିଥି, ଓ ବାରଣ ମାନ ସୃଷ୍ଟି କରୁଛନ୍ତି । ଏହି ସବୁର କୌଣସି ପ୍ରୟୋଜନ ଅଛି କି ?'

ବୈଜ୍ଞାନିକ ତ୍ୱଷ୍ଟା ଉତ୍ତର ଦେଉଥିଲେ,'ହଁ, ଏହା ବିଜ୍ଞାନ ସମ୍ମତ ଅଟେ । ଏହା ଯଥାର୍ଥ ଯେ, ଈଶ୍ୱର ଅନାଦି, ଅନନ୍ତ ଓ ନିରାକାର ଅଟନ୍ତି । ତେଣୁ ତାହାଙ୍କୁ ଆକାର ପ୍ରଦାନ କଲାବେଳେ ଏହା ସମିଚୀନ କି ନୁହେଁପ୍ରଶ୍ନଉଠେ । ଅଥଚ ସାଧାରଣ ମନୁଷ୍ୟ ପକ୍ଷରେ ଅନାଦି, ଅନନ୍ତ, ନିରାକାର, ନିର୍ଗୁଣ ଭଗବାନଙ୍କ କଳ୍ପନା କରିବା ସହଜ ନୁହେଁ ।ବିଷ୍ଣୁ ଯେପରି ଅନନ୍ତ ରୂପରେ ସୃଜନ ରୂପକ ପଦ୍ମ, ସ୍ତୁପ ରୂପକ ଗଦା, ପ୍ରତ୍ୟାବର୍ତ୍ତ ରୂପକ ଚକ୍ର,ଏବଂ କୃଷ୍ଣାବର୍ତ୍ତ ରୂପକ ଶଙ୍ଖ ଧାରଣ କରିଛନ୍ତି,ଏତେ ବିଶାଳ ବିଜ୍ଞାନକୁ ସାଧାରଣ ମଣିଷ କିପରି ବୋଧ କରିବ ? ତେଣୁ (ପୃଥିବୀକୁ ଗ୍ଲୋବରେ ବୁଝାଇବା ପରି) ବିଷ୍ଣୁ ମୂର୍ତ୍ତିଟିଏ ଗଢି ପ୍ରତୀକାତ୍ମକ ଭାବେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରାଇ ଦିଆଗଲା । ବିଶ୍ୱାସ ହିଁ ଧର୍ମର ମୂଳ ।

ଖଣ୍ଡେ ପଥର, କାଠ,ଗୋଟିଏ ବାଲିସ୍ତୁପ ବା ବୃକ୍ଷକୁ ମଧ୍ୟ ବିଶ୍ୱାସ ରେ ପୂଜା କଲେ ସେଥିରେ ଈଶ୍ୱର ସାକାର ହୁଅନ୍ତି । ଆମ୍ଭେମାନେ ଜାଣୁଯେ ଶରୀର ବିନାଶଶୀଳ କିନ୍ତୁ ଆତ୍ମା ଅବିନାଶୀ ଅଟେ । ପୃଥିବୀରେ ଜନ୍ମ ହେଲେ ଏହି ପାର୍ଥିବ ଦେହ ବ୍ୟତୀତ ଆତ୍ମାର ସ୍ଥିତି ନାହିଁ । ଏହି ଦେହକୁ ହିଁ ପ୍ରଥମେ ନିରାମୟ, ଦୀର୍ଘାୟୁ କରିବା ମାନବର ଧର୍ମ । ଏହି ପୃଥିବୀରେ ପ୍ରଥମେ ସମସ୍ତ ପ୍ରକାର ସାଧନା ପାଇଁ ଦେହ ଏକ ମାତ୍ର ମାଧ୍ୟମ ଅଟେ । 'ଶରୀରମ ଆଦ୍ୟମ, ଖଳୁ ଧର୍ମ ସାଧନମ୍ । ( ଏ ସମ୍ପର୍କରେ ରବୀନ୍ଦ୍ରନାଥ ଠାକୁର ଏତେ ଆତ୍ମ ମଗ୍ନ ଲେଖକ ଥିଲେ ଯେ, ନିଜ ଗଳ୍ପର ଚରିତ୍ର, ଶବ୍ଦ, ମଧ୍ୟ ସେ ଜୀବନ୍ତ ଅନୁଭବ କରୁଥିଲେ ।) ଆର୍ଯ୍ୟ ମାନେ ବିଭିନ୍ନ ଓଷା ,ବ୍ରତ, ଯଜ୍ଞ ଆଦି କରିଥାନ୍ତି । ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି,ଏକାଦଶୀ, ଗ୍ରହଣ, ପରାଗ ଆଦି ଉପବାସ ରହି ବା ଲଘୁପାକ ଖାଦ୍ୟ ଖାଇ ପାଳନ କରନ୍ତି । ମଝିରେ, ମଝିରେ ଉପବାସ ରହିବା ଦ୍ୱାରା ଏବଂ ବିଭିନ୍ନ ଲଘୁ ପାକ ଖାଦ୍ୟ ଖାଇବା ଦ୍ୱାରା ପାକସ୍ଥଳୀକୁ ବିଶ୍ରାମ ମିଳେ ଏବଂ ଶରୀର ସୁସ୍ଥରହେ । ଯୋଗ ସାଧକ ମାନେ ଅତ୍ୟଳ୍ପ ଭୋଜନ ବା ନିରାହାର ରହି ମଧ୍ୟ ଦୀର୍ଘାୟୁ ଓ ସୁସ୍ଥ ରହନ୍ତି । ଆୟୁ ବେଦ ଅନୁସାରେ ହିତ ଭୁକ୍, ମିତ ଭୁକ୍ ଓ ଋତ ଭୁକ ଦୀର୍ଘାୟୁ ଓ ନିରୋଗ ଶରୀର ପାଇଁ ନିହାତି ପ୍ରୟୋଜନ । ଯେଉଁ ଦିନ ମାନଙ୍କରେ ଯେଉଁଖାଦ୍ୟ ନିଷିଦ୍ଧ କରା ଯାଇଅ ଛି, ସେହି ଦିନ ମାନଙ୍କରେ ଖାଦ୍ୟ ଗୁଡ଼ିକ ଜୀବାଣୁଯୁକ୍ତ ବା ଦୂଷିତ ହୋଇଥାଏ । ଯେପରି, ପ୍ରଥମାଷ୍ଟମୀ ପୂର୍ବରୁ ମୂଳା ଖାଇବା ନିଷିଦ୍ଧ,ଆମ୍ବଓ ଶିମ୍ବଏକତ୍ର ଭୋଜନ କରିବା ନିଷିଦ୍ଧ, ରାତିରେ ଦଧି, ଅନ୍ନ ଖାଇବା ନିଷିଦ୍ଧ, କାର୍ତ୍ତିକ ମାସର ପଞ୍ଚୁକରେ ଆମିଷ ଖାଇବା ନିଷିଦ୍ଧ ଅଟେ । ଶୀତ ଦିନରେ କାଞ୍ଜି ଖାଇବା ରୁଭିଟାମିନ ସି ମିଳିଥାଏ । ଏହା ଚର୍ମକୁ ଫାଟି ବାକୁଦିଏନାହିଁ । ସେହିପରି, ଜ୍ୟୋଷ୍ଠମାସରେ ଗୁଡ, କଦଳୀର ପଣା, ଗର୍ଭଣା ସଂକ୍ରାନ୍ତି ରେ ବିଭିନ୍ନ ପନିପରିବା ଏବଂ ଗଜାମୁଗର ତରକାରୀ, ତ୍ରିବେଣୀ ଅମାବାସ୍ୟାରେ ବିଭିନ୍ନ ରବି ଫସଲର ଜାଉ, ମଧୁରୁଚି ଆଦି ଦେହ ପକ୍ଷରେ ହିତକର ହୋଇ ଥାଏ । କିନ୍ତୁ ଏସବୁ ସାଧାରଣ ଭାବେ ପାଳନ କରିବାକୁ କହିଲେହି କେହି ତାହା ମାନିବେ ନାହିଁ । ତେଣୁ ବିଭିନ୍ନ,ବ୍ରତ, ଦେବ,ଦେବୀ ପୂଜା ମାଧ୍ୟମରେ ଲୋକ ମାନଙ୍କ ମନରେ ଧର୍ମୀୟ ଭାବନା ସୃଷ୍ଟି କରିବା ଦ୍ୱାରା ବାସ୍ତବ ଉଦ୍ଦେଶ୍ୟ ପୂରଣ ହୋଇ ପାରୁଛି । ଆର୍ଯ୍ୟ ନାରୀ ମାନେ ସଂଯମୀ, ପତି ବ୍ରତା ହେବାପାଇଁଏବଂ ସମାଜରେ ବ୍ୟଭିଚାର ନବଢିବା ପାଇଁ ବିଧବା ମାନେ କାର୍ତ୍ତିକ ମାସରେ ହବିଷ ଓ ନିରାମିଷ ଖାଦ୍ୟ ଗ୍ରହଣ କରନ୍ତି । ସେହିପରି ସଧବା ମାନେ ସାବିତ୍ରୀ ବ୍ରତରେ ଲଘୁପାକ ଫଳାହାର କରିଥାନ୍ତି । ବ୍ରାହ୍ମଣ ଏବଂ ଗୋପାଳ ଆଦି ଜାତି ମାନେ ଆମିଷ ସ୍ପର୍ଶକରନ୍ତି ନାହିଁ ।

କାରଣ, ଆମିଷ ଓ ମସଲା ଆଦି ସ୍ନାୟୁ ଉତ୍ତେଜକ ଖାଦ୍ୟ ଏବଂ ଏହା ବଦଳରେ ଦୁଗ୍ଧଜାତ ଖାଦ୍ୟ ଖାଇଥାନ୍ତି । ଦ୍ୱିତୀୟ ରେ ସନାତନ ଧର୍ମୀ ମାନେ ବିଭିନ୍ନ ବୃକ୍ଷ ମାନଙ୍କୁ ପୂଜା କରିଥାନ୍ତି । ଏହା ସର୍ବାଦୌ ଉଚିତ କାର୍ଯ୍ୟ । ମୂର୍ତ୍ତି ପୂଜା ଓ ପ୍ରସାଦରେ ବେଲ, ତୁଳସୀ, ଦୁର୍ଲ୍ଲ, ଦୂର୍ବା ଆଦି ପତ୍ର ପଡ଼ିଥାଏ । କାରଣ, ବୃକ୍ଷ ମାନଙ୍କର ଔଷଧୀୟ ଗୁଣ ଥିବାରୁ , ସେମାନେ ଶରୀର କୁନିରାମୟ ରଖିଥାନ୍ତି । ଅଶୋକାଷ୍ଟମୀ ରେ ପୂଜାକରା ଯାଉ ଥିବା ଅଶୋକ ଫୁଲ ଏବଂ ପତ୍ର ସ୍ତ୍ରୀମାନଂକ ଋତୁ ଜନିତ ରୋଗର ଏକ ପ୍ରଧାନ ମହୌଷଧି । ଶତାବରୀ ବଳ ବର୍ଦ୍ଧକ, ଦୂର୍ବା କ୍ଷତ ଉପଚାରକ,ବାଇ ଢ଼ଙ୍କ ମଞ୍ଜି ଶୁକ୍ରବର୍ଦ୍ଧକ,ଲଣ୍ଡା ବାଗୁଲି ପାକସ୍ଥଳୀ ଶୀତଳ କାରକ, ରକ୍ତୁଣା ହାତ ପୋଛା ଉଦର କଷ୍ଟନାଶକ, ଇତ୍ୟାଦି । ଏହା ମଧ୍ୟରେ, ତୁଳସୀକୁ ସର୍ବଶ୍ରେଷ୍ଠ ସ୍ଥାନ ଦେଇଛନ୍ତି ଆର୍ଯ୍ୟ ମାନେ । ଏହାକୁ ସେମାନେ ସନ୍ଧ୍ୟା ଏବଂ ସକାଳରେ ପୂଜା କରୁଛନ୍ତି ତଥା ଅଗଣାର ବେଦୀକାରେ ରୋପଣ କରିଛନ୍ତି । ଗବେଷଣାରୁ ଜଣା ଯାଉଛି ଯେ, ତୁଳସୀ ଦିନଓ ରାତି ସର୍ବଦା ଅଶୁଦ୍ଧ ବାୟୁ କୁ ଗ୍ରହଣ କରି ଜୀବ ପାଇଁ ଶୁଦ୍ଧ ବାୟୁକୁ ତ୍ୟାଗ କରିଥାଏ । ଥଣ୍ଡା, ସର୍ଦ୍ଦି ଆଦି ରୋଗରୁ ରକ୍ଷା କରିଥାଏ । (ପଠିତ ।)

'ଏହା ପରେ ମୂର୍ତ୍ତି ପୂଜାର କଥା' ପ୍ରଜାପତି ତ୍ୱଷ୍ଟା କହୁଥିଲେ, 'ଧରନ୍ତୁ ଶିବଲିଙ୍ଗଓ ଯୋନୀ । ଲିଙ୍ଗ ଓ ଯୋନୀ ହେଉଛନ୍ତି ସୃଷ୍ଟିର ଆଧାର । ଦେଖାଯାଏ ଯେ ଏଠାରେ ଯୋନୀ ମଧ୍ୟରେ ଲିଙ୍ଗ ଉର୍ଦ୍ଧ୍ୱମୁଖୀ ହୋଇ ରହିଅଛି । ଏହାର ଅର୍ଥ ପୁରୁଷ ଶକ୍ତି, ସ୍ତ୍ରୀ ଶକ୍ତି,ବିଶେଷତଃ ମାତୃଶକ୍ତିର ଆୟତ୍ତାଧୀନ ହୋଇ ରହିଲେ ହି ପୁରୁଷତଥା ସମାଜର ଉନ୍ନତି ହୋଇଥାଏ । ପତ୍ନୀ ପୁରୁଷକୁ ପତନରୁ ରକ୍ଷା କରେ ଓ ସଂଯମର ଦୀକ୍ଷା ଦେଇଥାଏ । ଜ୍ଞାନ ଦାତା ରୂପେ ହିନ୍ଦୁ ମାନେ ଗଣେଶଙ୍କୁ ପୂଜା କରିଥାନ୍ତି । ଗଣେଶଙ୍କର ଦୁଇଟି ବିରାଟ କର୍ଣ୍ଣ, ଗୋଟିଏ ବୃହତାକାର ବର୍ତ୍ତୁଳ ଉଦର ଥିବା ସତ୍ୱେ ପାଟି ବନ୍ଦ ହୋଇ ରହିଥାଏ । ଏହାର ଅର୍ଥ ଯେଉଁ ମାନେ ଅଧିକ ଶୁଣନ୍ତି,ଏହାକୁ ଗର୍ଭମଧ୍ୟରେ ଗୋପନ କରି ରଖନ୍ତି ଏବଂ କମ କଥା କୁହନ୍ତି ସେମାନେ ସାମାଜରେ ଜ୍ଞାନୀ ଓ ଅଗ୍ରପୂଜ୍ୟ ହୁଅନ୍ତି । ଗଣେଶଙ୍କଠାରେ ପୂଜା କରାଯାଉ ଥିବା ରାଶି ଲଡୁ ବୁଦ୍ଧି ବୃଦ୍ଧିରେ ସାହାଯ୍ୟ କରିଥାଏ । ଉତ୍ତର ଦିଗରେ ଥିବା ଚୁମ୍ବକୀୟ ଶକ୍ତି, ଚନ୍ଦ୍ର, ସୂର୍ଯ୍ୟ ପୃଥିବୀର ଭାରସାମ୍ୟ ରକ୍ଷା କରନ୍ତି । କେତେକ କହନ୍ତି ମଣିଷ ପକ୍ଷରେ ଏହାକୁ ପ୍ରଭାବ ପକାଏ । ଶିବଙ୍କଠାରେ ଗଞ୍ଜେଇଭୋଗ ହୁଏ ଓ ସେ ନିର୍ଭୟରେ ସର୍ପକୁ ଶରୀରରେ ଆଭରଣ କରି ରଖିଥାନ୍ତି । ଏହାରଅର୍ଥ ଗଞ୍ଜେଇ, ଦୁର୍ଦୁରା, ଗୟଶ ଆଦି ବିଷ ନାଶକ । ଗୋମୂତ୍ରକୁ ବା ପରିସ୍ରାକୁ ଶିବାମ୍ବୁ କୁହାଯାଏ । ଏହାର ବିଷ ନାଶକ ଗୁଣ ରହିଥାଏ ଏବଂ ବିଷଦ୍ୱାରା ବିଷର ପ୍ରତିରୋଧ କରାଯାଇପାରେ । ପୁଣି ଦେଖାଯାଏ ଯେ ହିନ୍ଦୁ ଦେବତାମାନଙ୍କୁ ନିରାମିଷ ଖାଦ୍ୟରେ ପୂଜା କରିଥାନ୍ତି ।

(କ୍ରମଶଃ)

+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ମାଟିମାଆର ଗାଥା

ଶ୍ରୀମତୀ ସୁଲକ୍ଷଣୀ ସାହୁ

ଏକ ଜାତି ମନ୍ତ୍ରେ ଅହିଂସା ତନ୍ତ୍ରେ,
ଆମେରେ ପରିଚିତ ବିଶ୍ୱ ଦରବାରେ ॥
କାଶ୍ମୀର ଠୁଁ କନ୍ୟାକୁମାରୀ ଅରୁଣାଚଳ ଠୁଁ ଗୁଜୁରାଟ,
ଭାରତୀୟ ସଭିଏଁ ଆମ୍ଭ ତନ୍ତ୍ରେ ହେଉ ଆମେ ଶାସିତା ।

ଯା'ର ପରମ୍ପରା, ରୀତିନୀତି, କଳା ସ୍ଥାପତ୍ୟ ସଂସ୍କୃତି,
ବିଭିନ୍ନତାରେ ଏକତା, ଧର୍ମ ନିରପେକ୍ଷତା ବୁଣେ ଜାତି ପ୍ରୀତି ।
ଶାନ୍ତିପ୍ରିୟ ସହନଶୀଳ ସହାନୁଭୂତି, ଗୁଣେ ଅଟୁ ଗୁଣୀ,
ବିକଶିତ ଆଖ୍ୟା ଲଭିବୁ, ଦୃଢ ଆମ ଅର୍ଥନୀତି ॥

ଆଦିତ୍ୟ ଏଲ-୧, ଚନ୍ଦ୍ରଯାନ-୩, ପରିକ୍ଷଣେ ସଫଳ ଆମେ,
ଉନ୍ନତ ବିଜ୍ଞାନ ଉନ୍ନତ ପ୍ରଯୁକ୍ତିବିଦ୍ୟା ଉନ୍ନତ ଏ ଜାତି ଗଗନେ ।
ଆତଙ୍କବାଦର ମୁଳୋତ୍ପାଟନେ
ସ୍ଥଳେ ଜଳେ ଆକାଶେ ସେନାଏ ତତ୍ପର,
ମିତ୍ରତା, ସହଭାଗିତା ରସେ ଆମେରେ ବିଶ୍ୱସ୍ତରେ ପ୍ରସିଦ୍ଧ ॥

ସହକାରୀ ଶିକ୍ଷୟିତ୍ରୀ,
ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଖରିଆର ରୋଡ
ନୂଆପଡ଼ା ୯୯୩୭୮୯୨୦୨୯

## ମୁକୁଳା କେଶ

ସୁସ୍ମିତା ପଟେଲ

ଲାଲ୍ ରକ୍ତରେ ସରସର
ଆଜି ରାଜରାସ୍ତା
ପ୍ରାଣ ପାଇଁ ପ୍ରାଣର
ବୁକୁଫଟା କ୍ରନ୍ଦନ
ସ୍ୱପ୍ନଭରା ଆଖିରୁ ଯେମିତି
କିଏ ଚୋରେଇ ନେଇଛି ସ୍ୱପ୍ନ
ଧର୍ମ ବିରୋଧୀଙ୍କ
ଏ କି ବିଭତ୍ସ କର୍ମ ?

ମୁଁ ହିନ୍ଦୁ, ମୁଁ ମୁସଲ୍‌ମାନ୍
ଶିଖ୍ ଆଉ ଖ୍ରୀଷ୍ଟିଆନ୍ ବି ମୁଁ
ଧର୍ମ ନିରପେକ୍ଷ ରାଷ୍ଟ୍ରରେ ନାହିଁ
ପର ଆପଣାର ଭାବ
ଏଠି ରାଜ୍ କରେ ମଣିଷମଣିଆ

ସୈତାନ୍ କେବେ ଭାଙ୍ଗି ପାରେନି
ନିରପେକ୍ଷ ରାଷ୍ଟ୍ରୀୟ ମର୍ଯ୍ୟାଦା ।

ନିରୀହଙ୍କ ଆଖିରେ
ସେ ଅଶ୍ରୁ ଦେଇପାରେ
କେତେ ସରାଗରେ ଦେଖିଥିବା
ସ୍ୱପ୍ନରେ ପାଣି ଢାଳିପାରେ
ଘରଟିଏ ବସିବା ପୂର୍ବରୁ
ତାକୁ ମୂହୁର୍ତ୍ତରେ
ଉଜାଡି ଦେଇପାରେ
କେବଳ ଏକ କ୍ରୁର ମାନସିକତାର
ରୂପରେଖ ପାଇଁ,
ନେଇପାରେ ପ୍ରାଣ ।

ପରିବାର ସାମ୍ନାରେ
ଏ କେମିତିକା ଖେଳ
ହଁ ମୁଁ ହିନ୍ଦୁ

ଆ ପଢିବୁ ମୋ ରାମାୟଣ , ମହାଭାରତ
ରାମାୟଣରେ ସୀତା
ଆଉ ମହାଭାରତରେ
ଦ୍ରୋପଦୀଙ୍କ ମୁକୁଳା କେଶ ପାଇଁ
ଅତୀତରେ ସମୂଳେ ଧ୍ୱଂସ
ରାବଣ ଆଉ କୌରବର ବଂଶ ।

ସହନଶୀଳତାର ବି ଏକ ସୀମା ଥାଏ
ଆଉ ସୀମା ଲଙ୍ଘିଲେ
ଇତିହାସ ସାକ୍ଷୀ ଅଛି
ଶାନ୍ତି ପାଇଁ ଭଗବାନ ବି
ବୁଲେଇ ପାରନ୍ତି ତାଙ୍କ ସୁଦର୍ଶନ ଚକ୍ର
ରକ୍ତ ମାଖି ବେଣୀ ବାନ୍ଧିଥାଏ
ଭାରତର ମୁକୁଳାକେଶ ।

+କୁଚିଣ୍ଡା, ସମ୍ବଲପୁର
ମୋ-୭୮୯୪୬୬୧୧୨୩

## ସମ୍ମାନର ରଥ

ପ୍ରତିଭା ଦାଶ

ଆମ ବୀରଗଣ ଆମରି ଗର୍ବ
ଆମ ଜୀବନ ତାଙ୍କରି ଦାନ
ଦେଶର ସ୍ୱାଧୀନତା ଲାଗି
ଦେଇଛନ୍ତି ଆତ୍ମ ବଳିଦାନ ।
ସହିଛନ୍ତି ବହୁ ଲାଠି ଗୁଳି ମାଡ
ଗଡ଼ାଇଛନ୍ତି ଲୁହ ଲହୁଧାର
ନିଜ ସୁଖ ସଂସାର ଭୁଲି
ଦେଶବାସୀଙ୍କୁ କରିଲେ ନିଜର ।
କୂଟକପଟର ଶିକାର ହୋଇ
ଭୋଗିଥିଲେ ବହୁ କାରାଦଣ୍ଡ
ବହୁ ଦୁଃଖ ଯନ୍ତ୍ରଣା ପାଇ
ସଭିଏଁ ହୋଇଥିଲେ ଯେ ରୁଣ୍ଡ ।
ବିଦେଶୀଙ୍କୁ ତଡିବା ଲାଗି
ସଂଗ୍ରାମୀ ଦେଲେ ଆହ୍ୱାନ
ଶହ ଶହ ଜନତା ଏକାଠି ଦେଖି
ଇଂରେଜ ଉଦ୍ୟେ କଲେ ପଳାୟନ ।
ପରାଧୀନ ଭାରତକୁ ସ୍ୱାଧୀନ କରି
ରଚିଲେ ନାମ ଆମ ଇତିହାସରେ
ଆଜି ବି ଜଗତ ସ୍ମରଣ କରୁଛି
ତାଙ୍କ ଆତ୍ମତ୍ୟାଗ ପ୍ରତି ମୁହୂର୍ତ୍ତରେ ।
ସ୍ୱାଧୀନତା ପତାକା ଉଡ଼ାଇ
ଆଜି କରୁଛୁ ଆମେ ଶପଥ
ରଖିଥିଲୁ ରଖିଛୁ ରଖିଥିବୁ
ସଂଗ୍ରାମୀଙ୍କ ସମ୍ମାନର ରଥ ।

+ ଜିଲ୍ଲା - ନୂଆପଡ଼ା
(ମୋ) ୭୮୯୪୫୨୮୪୯୩

## ଶହୀଦ

ଅନସୂୟା ପଣ୍ଡା

ସେ ନିଶ୍ଚୟ ବିଧାତାର ଭିନ୍ନ କାରିଗରୀ
ମାଟିକୁ ଚୁମ୍ବକ ମନକୁ ଲୁହା କରି
ଜଡେଇ ଧରେ ହୃଦୟରେ ତା' ଦେଶକୁ
ନିରୂତା ଉତ୍ସର୍ଗରେ ଭରି ନିଜକୁ
ଭୁଲିଯାଏ ଜାତି ଗୋତ୍ର ଭାଷା ଓ ଘରକୁ।

ସମର୍ଯ୍ୟାଦା ସମର୍ପଣର ବ୍ରହ୍ମାସ୍ତ୍ରଟିଏ
ଆବେଗରେ ତିଆରି ଯୁଦ୍ଧାର୍ଥୀଟିଏ
ଭାରତୀର ପ୍ରଣବ ବନ୍ଦିତ ସନ୍ତାନଟିଏ
ଠିଆ ହୋଇ ପ୍ରଣାଦେ ବନ୍ଧୁକ ଆଗରେ
ଦେଶର ସ୍ୱାଭିମାନକୁ ପିନ୍ଧିପାରେ
କଫନରେ ଶହୀଦ ଭାବରେ।

ଦେଶପ୍ରେମ ବିପ୍ଳବ କ୍ରାନ୍ତି ଯଜ୍ଞରେ
ସମିଦ୍ଧନ ସାଜି ଜଳୁଥାଏ ତନ୍ମୟରେ
ଦୃଢ ପ୍ରତିବାଦେ ନିଃସ୍ୱାର୍ଥ ପଣରେ
ଦୁର୍ଦ୍ଦିନ ଅନ୍ଧାରକୁ ଗିଳିବାର ପ୍ରୟାସରେ
କେତେବୁନ୍ଦା ଲହୁ ହୋଇ ଝରିଯାଏ।

ତ୍ୟାଗ ନିଷ୍ଠାର ଗୈରିକ ଐଶ୍ୱର୍ଯ୍ୟରେ
ସାର୍ଥକ ଜୀବନ ଦେଶର ନିରାଜନାରେ
କର୍ତ୍ତବ୍ୟବୋଧ ଦେଶ ସୁରକ୍ଷାରେ
ବିପ୍ଳବୀ ଆତ୍ମା ଆଗ୍ନେୟ ଆହ୍ୱାନରେ
ତାଣ୍ଡବ ରଚି ଶତ୍ରୁକୁ ତଳିତଳାନ୍ତ କରେ
ସଦର୍ପେ ଖୁସିଖୁସି ବଳିଦାନ ଦିଏ।

ଦେଶପ୍ରେମ ଆଗେ ମୃତ୍ୟୁ ହାର ମାନେ
ଶୁଦ୍ଧ ସୁବର୍ଣ୍ଣଗାର ପରି ଔଜଲ୍ୟ ରହେ
ତ୍ୟାଗ ବୀରତ୍ୱର ଅମଳିନ ଦୀପ୍ତିରେ
ଶହୀଦ ଚିର ଅମର ଇତିହାସରେ।

+ ବୁର୍ଲା, ସମ୍ବଲପୁର,
(ମୋ)-୯୪୩୯୨୧୧୯୭୧

# ଜିଲ୍ଲା ଶିକ୍ଷା ବିଭାଗର ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ବୈଠକ

ଗଂଜାମ, ୨୦/୦୮ (ନି.ପ୍ର): ଜିଲ୍ଲା ଶିକ୍ଷା ବିଭାଗର ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ବୈଠକ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ୍ କୁମାର କେର୍କେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟର ଅଧ୍ୟକ୍ଷ ଡ ସନ୍ତୋଷ କୁମାର ପରିଡା ଏହି ବୈଠକକୁ ଆବାହନ କରି ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପିଲାଙ୍କୁ କିପରି ଶିକ୍ଷାଦାନ କରାଯାଇପାରିବ ତାହା ଉପରେ ଉପସ୍ଥିତ ପ୍ରଧାନ ଶିକ୍ଷକ/ ପ୍ରଧାନ ଶିକ୍ଷୟିତ୍ରୀ, ବ୍ଲକ ଶିକ୍ଷା ଅଧିକାରୀ, ସି.ଆ.ସି.ସି. ତଥା ସମସ୍ତ ସଭ୍ୟମାନଙ୍କୁ ଉପସ୍ଥାପନା କରିବା ସହ ବୈଠକ ପରିଚାଳନା କରିଥିଲେ । ପିଲା ମାନଙ୍କର ଭାଷା,ଗଣିତ ଜ୍ଞାନର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ବିକାଶକୁ ଗୁରୁତ୍ୱ ବିକାଶ କିପରି ହୋଇ ପାରିବ ତାହାହିଁ ଥିଲା ବୈଠକର ମୂଳ ଉଦ୍ଦେଶ୍ୟ । ପିଲା ମାନଙ୍କୁ ଉତମ ଶିକ୍ଷାଦାନ ନିମନ୍ତେ ନିପୁଣ ଓଡିଶା କାର୍ଯ୍ୟକାରୀ କରାଯାଇଛି । ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟକୁ ଉତମ ଶିକ୍ଷାଦାନ ନିମନ୍ତେ ୨୮୮୫ ଜଣ ଶିକ୍ଷକଙ୍କୁ ତାଲିମ୍ ପ୍ରଦାନ କରାଯାଇ ୩୪୫୦ ଟି ହ୍ୟାଣ୍ଡ ବୁକ୍ ପ୍ରଦାନ କରାଯାଇଛି। ଛାତ୍ର ଛାତ୍ରୀଙ୍କ ନିମନ୍ତେ ୩୪୩୫୦ ଟି ଓ୍ୱାର୍କବୁକ୍ ପ୍ରଦାନ କରାଯାଇଛି । ଶିକ୍ଷା ଉପକରଣ ଓ ସଂଖ୍ୟା ପରିଚୟ ଉପକରଣ କିଟ୍ ପ୍ରଦାନ କରାଯାଇଛି । ବ୍ଲକ୍ ସ୍ତରରେ ଓ କ୍ଲଷ୍ଟର ସ୍ତରରେ ନିୟମିତ ପ୍ରଫେସନାଲ ଲର୍ଣ୍ଣିଂ କମ୍ୟୁନିଟି ବୈଠକ କରି ଶିକ୍ଷାଦାନ କିପରି କରାଯାଉଛି ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଞ୍ଜାମ, ଖଲ୍ଲିକୋଟର ଅଧ୍ୟକ୍ଷ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀ ଏବଂ ସି.ଆ.ସି.ସି, ମାନେ ତାହାର ତଦାରଖ କରିବାକୁ ନିଷ୍ପତି ନିଆଯାଇଥିଲା । ପ୍ରଥମେ ବିଦ୍ୟାଳୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଯାହାକି ପିଲାମାନଙ୍କୁ ୩୪୩୫୦ ଟି ଓ୍ୱାର୍କ ବୁକ୍ ଯୋଗାଇ ଦିଆଯିବା ସହିତ କ୍ରିୟାକଳାପ ମାଧ୍ୟମରେ ପୂର୍ବ ପାଠର ଆଲୋଚନା କରାଯାଉଛି । ଦ୍ୱିତୀୟଟି ଗ୍ରେଡ୍ ଲେବୁଲ୍ ପ୍ୟାକେଜ୍ । ଏଥିରେ ପିଲାମାନଙ୍କୁ ବିଷୟ ଭିତିକ ଶିକ୍ଷାଦାନ କରାଯିବା ସହ ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ କିପରି ଉନ୍ନତି ହୋଇଛି ତାହାର ମୂଲ୍ୟାଙ୍କନ କରାଯାଉଛି । ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ଏଫ୍.ଏଲ୍.ଏନ୍. (ଫାଉଣ୍ଡେସନ୍ ଲିଟେରାସି ଆଣ୍ଡ ନ୍ୟୁମେରାଶି ) ହବ୍ ସ୍ଥାପନ କରାଯାଇଛି । ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଞ୍ଜାମ, ଖଲ୍ଲିକୋଟ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏଫ୍ ଏଲ୍ ଏନ୍ ଗ୍ରେଡ୍ ପାଇଁ ପ୍ରସ୍ତୁତ କରାଯାଇଥିବା କଳା ସମ୍ବନ୍ଧିତ ଶିକ୍ଷା ସମ୍ବଳ ଉପକରଣ ଏବଂ ଏଥେଲେନ୍ ଗ୍ରେଡର ଛାତ୍ର ଛାତ୍ରୀମାନଙ୍କ ପାଇଁ ତେଲୁଗୁ ଭାଷାରେ ମୁଦ୍ରଣ କରି, ଗଞ୍ଜାମ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ବ୍ୟବହାର କରିବା ପାଇଁ ନିଷ୍ପତି ନିଆଗଲା । କଳା ସମ୍ବନ୍ଧିତ ଶିକ୍ଷା ମାଧ୍ୟମରେ ଶିକ୍ଷଣ ବ୍ୟବସ୍ଥା ଓ ତେଲୁଗୁ ଭାଷାରେ କାର୍ଯ୍ୟ.ପୁସ୍ତିକା ଯୋଗାଣକୁ ଗୁରୁତ୍ୱ ଦିଆଯାଇଥିଲା । ମାସିକ ସଂପୃକ୍ତି ବୈଠକ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା । ଏଫ୍ ଏଲ୍ ଏନ୍ କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲାରେ ତ୍ୱରାନ୍ୱିତ କରିବା ପାଇଁ ଗୋଷ୍ଠୀ ସଂପୃକ୍ତିକୁ ଗୁରୁତ୍ୱ ଦେବାପାଇଁ ପ୍ରାଧାନ୍ୟ ଦିଆଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକତାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଛତ୍ରପୁର ବ୍ଲକ୍ ଶିକ୍ଷାଧିକାରୀ ସୁଜିତ୍ କୁମାର ପାଢୀ, ଜିଲ୍ଲା ଶିକ୍ଷା ଓ ତାଲିମ୍ ଅନୁଷ୍ଠାନ ଖଲ୍ଲିକୋଟ ଗଞ୍ଜାମର, ଶୈକ୍ଷିକ ସଂଯୋଜକ, ସି.ଆର.ସି.ସି. ରାଜପୁର ଲକ୍ଷ୍ମଣ ସେଠୀ, ବକ୍ସିପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଶବର, କତୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ବେହେରା, ସମନ୍ୱୀତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରଣମିତା ଦେବୀ,ସ ଜ୍ଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ । ଶେଷରେ ଏଡିଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ଫଟୋଗ୍ରାଫି ଦିବସ ପାଇଁ ଦୁଇ ଦିନିଆ ଫଟୋ ପ୍ରଦର୍ଶନୀ

ସମ୍ବଲପୁର, ୨୦/୦୮ (ନି.ପ୍ର): ସମ୍ବଲପୁର ସାମ୍ବାଦିକ ସଂଘ ପକ୍ଷରୁ ଏକ ଦୁଇ ଦିନିଆ ଫଟୋଗ୍ରାଫି ପ୍ରଦର୍ଶନୀ ମଙ୍ଗଳବାର ମହାସମାରୋହରେ ଉଦଘାଟିତ ହୋଇଯାଇଛି କ୍ଷ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ସାମ୍ବାଦିକ ଭବନ ଠାରେ ଆୟୋଜିତ ଏହି ଫଟୋଗ୍ରାଫି ପ୍ରଦର୍ଶନୀକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉଦଘାଟନ କରିଥିଲେ ।ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଶ୍ରୀ ବୋନ୍ଦର ଯୋଗଦେଇ ସାମ୍ବାଦିକ ସଂଘର ଏଭଳି ଉଦ୍ୟମକୁ ଭୁୟସୀ ପ୍ରଶଂସା କରିବା ସହ ପ୍ରାଚୀନ ଫଟୋଗ୍ରାଫି ତଥା ଫୋଟୋ ଚିତ୍ର ହିଁ ଆମ ଇତିହାସର କଥା କୁହେ ବୋଲି କହିଥିଲେ। ଏପରିକି ଏହାକୁ ପରବର୍ତୀ ସମୟରେ ବ୍ୟାପକ କରିବା ଦୀଗରେ ଜିଲ୍ଲା ପ୍ରଶାସନ ଏଥିରେ ସହଯୋଗ କରିବ ବୋଲି କହିଥିଲେ। ଆୟୋଜିତ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ଫଟୋଗ୍ରାଫ୍ ର ଫଟୋଗ୍ରାଫର ମାନଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅର୍ଜ୍ଜୁନ ରଞ୍ଜନ ପଣ୍ଡା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଗୋଟିଏ ଫଟୋଚିତ୍ର କଥା ଉଲ୍ଲେଖ କରି ଇତିହାସରେ ଗଙ୍ଗାଧରଙ୍କ ଏହି ବିରଳ ଫଟୋ ଏକ ଇତିହାସର କଥା କୁହେ ବୋଲି ଅବିହିତ କରିଥିଲେ। ଏହି ଫଟୋ ପ୍ରଦର୍ଶନୀରେ ପ୍ରାଚୀନ କୀର୍ତିରାଜି, ସଂସ୍କୃତି ଓ ପରମ୍ପରାର ଫଟୋ, ପର୍ଯ୍ୟଟନ କ୍ଷେତ୍ର ତଥା ପ୍ରକୃତି ଆଧାରିତ ଫୋଟୋଗ୍ରାଫ୍ ଗୁଡିକ ସ୍ଥାନିତ ହୋଇଛି। ଫଟୋଗ୍ରାଫି ପ୍ରଦର୍ଶନୀରେ ସ୍ୱର୍ଗତ ସୁରେନ୍ଦ୍ର ମୋହନ ପ୍ରଧାନ, ସ୍ୱର୍ଗତ ବିମଳଜୀ ଭାରୁ, ଅରବିନ୍ଦ ମିଶ୍ର, ଆଶିଷ ପ୍ରଧାନ, କରୁଣାକର ଶତପଥି, ଦୀପକ ପଣ୍ଡା, ଶିଶିର କର, ରଂଜିତ ସାହୁ, ଚିତରଞ୍ଜନ ବଡ଼ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ, ଶଙ୍କର ବେହେରା, ପ୍ରିୟରଞ୍ଜନ ସାହୁ, ବିଶ୍ୱନାଥ ବଗର୍ତୀ, ସୁବାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖଙ୍କ ସ୍ୱତନ୍ତ୍ର ଓ ଆକର୍ଷଣୀୟ ଫଟୋଗ୍ରାଫ୍ ପ୍ରଦର୍ଶିତ କରାଯାଇଛି। ଏହି ପ୍ରଦର୍ଶନୀରେ ଓଡ଼ିଶାର ସର୍ବ ପୁରାତନ ଖବର କାଗଜ ଠାରୁ ବର୍ତମାନ ଯାଏ ପ୍ରକାଶ ପାଉଥିବା ବିଭିନ୍ନ ଖବର କାଗଜ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ଫଟୋଗ୍ରାଫି ପ୍ରଦର୍ଶନୀର ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ର ସଭାପତି ସଞ୍ଜୟ ବାବୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସଂଯୁକ୍ତା କୁଲୁ, ସାମ୍ବାଦିକ ବୀରେନ୍ଦ୍ର ପାଣିଗ୍ରାହୀ, କିଶୋର ସାହୁ, ରତ୍ନ ଭୂଷଣ ପୃଷ୍ଟେ, ସବିତା ମିଶ୍ର, ପ୍ରିୟ ରଞ୍ଜନ ବାବୁ, ରାଜେଶ ବିଭାର, ଶୈଳେଶ ରଞ୍ଜନ ମହାନ୍ତି, ଲିପନ୍ ନାୟକ୍, ପ୍ରମୋଦ ବହିଦାର, ଶିବ ଶଙ୍କର ନନ୍ଦ, ଡ଼. ରାଜାରାମ ଷଡ଼ଙ୍ଗୀ, ନରେଶ ସେଠ୍ ତଥା ବହୁ ବରିଷ୍ଠ ସାମ୍ବାଦିକ, ଫଟୋ ସାମ୍ବାଦିକ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମାନେ ପ୍ରଦର୍ଶୀତ ବିରଳ ଓ ସ୍ୱତନ୍ତ୍ର ଆକର୍ଷଣୀୟ ଫଟୋ ସମ୍ଭାର ବୁଲି ଦେଖିଥିଲେ ।

# ପରିବେଶ ସଚେତନତା ସଭା

ସମ୍ବଲପୁର, ୨୦/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲାର ଦେଓଗାଁ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ନାଗରିକ ସମାଜ ଆନୁକୂଲ୍ୟରେ ଏକ ପରିବେଶ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସମାଜର ସଭାପତି ଅରବିନ୍ଦ ମହାପାତ୍ର, ସଂପାଦକ ପ୍ରଦୀପ କୁମାର ପଣ୍ଡା, ସଦସ୍ୟ ତାପସ କୁମାର ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ହରି ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ସାଂପ୍ରତିକ ପରିବେଶର ଅସନ୍ତୁଳନ, ସୁସ୍ଥ ଜୀବନ ପାଇଁ ସୁସ୍ଥ ପରିବେଶର ଆବଶ୍ୟକତା, ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଭୂମିକା ତଥା ପୋଲିଥିନ୍ ବ୍ୟବହାର ଦ୍ୱାରା ହେଉଥିବା ପରିବେଶର କ୍ଷତି ଉପରେ ଆଲୋଚନା କରିଥିଲେ।

# ବକ୍ସି ବାରିଗାଁକୁ ନୂତନ ବ୍ଲକ ଦାବି

କେନ୍ଦୁଝର, ୨୦/୦୮ (ନି.ପ୍ର): ବକ୍ସି ବାରିଗାଁ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଅଗସ୍ତି ନାଏକଙ୍କ ସଭାପତିତ୍ୱରେ ଅଂଚଳର ସମ୍ଭାବ୍ୟ ପଂଚାୟତ ବ୍ଲକ ପୁନର୍ଗଠନ ଉପରେ ଆଲୋଚନା କରି, ବର୍ତମାନର ପଂଚାୟତ ଦପ୍ତର ଓ ବ୍ଲକ କାର୍ଯ୍ୟାଳୟ ଠାରୁ ବିଭିନ୍ନ ଗ୍ରାମ ଓ ପଂଚାୟତର ଦୂରତା ଏବଂ ଆଂଚଳିକ ଜନସଂଖ୍ୟା କୁ ବିଚାରକୁ ନେଇ, ନୂଆ ଗ୍ରାମ ପଂଚାୟତ ଓ ନୂଆ ବ୍ଲକ୍ ଗଠନ ସକାଶେ ସରକାରଙ୍କ ନିକଟରେ ଦାବି ରଖିବାକୁ ନିଷ୍ପତି ନିଆଯାଇଛି। ହସ୍ତଗତ ଖବର ଅନୁଯାୟୀ, ଏ ବିଷୟ ଉପରେ ପୂର୍ବରୁ ମଧ୍ୟ ଆଂଚଳିକ ଲୋକେ ତିନି ଚାରି ଥର ସଭାରେ ବହୁ ସଂଖ୍ୟାରେ ଯୋଗ ଦେଇ ଆଲୋଚନା କରିଛନ୍ତି।

ପୂର୍ବରୁ ଯେତେସବୁ ପଂଚାୟତ ଓ ବ୍ଲକ ପୁନର୍ଗଠନ ହୋଇଛି, ସେ ସମୟରେ ଏ ଅଂଚଳର ଲୋକଙ୍କ ସଂଖ୍ୟା ଓ ଦୂରତାକୁ ବିଚାରକୁ ନ ନେଇ ଏବଂ ଲୋକଙ୍କ ଭାବାବେଗକୁ ଉଚିତ୍ ସମ୍ମାନ ନଦେଇ, ସରକାର ତାଙ୍କ ଉପରେ ପଂଚାୟତ ଓ ବ୍ଲକ୍ ଲଦି ଦେଇଥିବାର ଅଭିଯୋଗ ଆଣିଛନ୍ତି। ଏହା ସହିତ ଲୋକେ ଦୈନନ୍ଦିନ କାର୍ଯ୍ୟ ପାଇଁ ପଂଚାୟତ ଓ ବ୍ଲକ୍ କାର୍ଯ୍ୟାଳୟକୁ ଯିବା ଆସିବାରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସବୁ କାରଣ ଆଧାରରେ, ଜୁଙ୍ଗା ଓ ବକ୍ସି ବାରିଗାଁ ଗ୍ରାମ ପଂଚାୟତ ଓ ନିକଟରେ ଥିବା ଅନ୍ୟ ପଂଚାୟତ ଓ ଗାଁକୁ ନେଇ ଏକ ନୂତନ ବ୍ଲକ ସ୍ଥାପନା ପାଇଁ ଦାବି ରଖୁବାକୁ ମତ ପ୍ରକାଶ ପାଇଛି।ଏଠାରେ ପ୍ରକାଶ ଥାଉକି, ବାଂଶପାଳ ବ୍ଲକ୍ ର ଗୋନାସିକା ପଂଚାୟତ ଓ ବରହାଗଡ ପଂଚାୟତ ହରିଚନ୍ଦନପୁ ବ୍ଲକ୍ ଯଥେଷ୍ଟ ନିକଟବର୍ତ୍ତୀ ହୋଇଥିଲେହେଁ, ସେ ଅଂଚଳକୁ ବାଂଶପାଳ ବ୍ଲକ୍ ର ଅଧୀନରେ ରଖାଯାଇ ଖାଯାଇଛି। ଫଳରେ ତାଙ୍କୁ ବ୍ଲକ୍ କାର୍ଯ୍ୟ ପାଇଁ ଅନେକ ଅଧିକ ରାସ୍ତା ଯିବାକୁ ପଡୁଛି। ସେହିପରି, କୋଡିପସା ପଂଚାୟତ ଯାହାକି ବାଂଶପାଳ ବ୍ଲକ୍ ଅଧୀନରେ ଅଛି, ତା'ର କୁଣ୍ଡେଇ, ଘୁଙ୍ଗି, ଦୁଆରଶୁଣୀ, କଅଂସ, ତୋରାଣି ପାଣି ପ୍ରଭୃତି ଗାଁ ଯଥାକ୍ରମେ ଜୁଙ୍ଗା ପଂଚାୟତ ଓ ହରିଚନ୍ଦନପୁର ବ୍ଲକ୍ ର ନିକଟବର୍ତୀ ହୋଇଥିଲେ ହେଁ, ପୁନର୍ଗଠନ ସମୟରେ ସେମାନଙ୍କ ଦୂରତା ଓ ଗମନାଗମନ ଜନୀତ ଅସୁବିଧାକୁ ବିଚାରକୁ ନିଆ ଯାଇନଥିବାର ଅଭିଯୋଗ ଆସିଛି। ଏସବୁ କାରଣ ଓ ପରିସ୍ଥିତି ଏବଂ ଲୋକ ସମ୍ମୁଖୀନ ହେଉଥିବା ସମସ୍ୟା କୁ ବିଚାରକୁ ନେଇ, ପ୍ରସ୍ତାବିତ ପଂଚାୟତ ଓ ବ୍ଲକ ପୁନର୍ଗଠନ କାଳରେ, ହରିଚନ୍ଦନ ପୁର ବ୍ଲକ୍ ର ଜୁଙ୍ଗା ପଂଚାୟତ, ବକ୍ସି ବାରିଗାଁ ପଂଚାୟତ, ତେନୁଳାପଶି ପଂଚାୟତ, ଜଙ୍ଘିରା ପଂଚାୟତ, ହୁଣ୍ଡା ପଂଚାୟତ ଓ ବୁଢାଖମଣ ପଂଚାୟତ ଏବଂ ଘଟଗାଁ ବ୍ଲକ୍ ର ବସନ୍ତି ପୁର ପଂଚାୟତ, ବଡ ପିଚ୍ଛୁଳା ପଂଚାୟତ, ସୁନା ଟାଙ୍ଗିରି ପଂଚାୟତ, ରୁଟିଶିଳା ପଂଚାୟତ, ପଣ୍ଡାପଡା ପଂଚାୟତ, ପୁରୁମୁଣ୍ଡା ପଂଚାୟତ, ଓ ବିନିନ୍ଦା ପଂଚାୟତ ସହିତ ବାଂଶପାଳ ବ୍ଲକ୍ ର ଗୋନାସିକା ପଂଚାୟତ, ବରହାଗଡ ପଂଚାୟତ ଓ କୋଡିପଶା ପଂଚାୟତର ଉପର ବର୍ଣ୍ଣିତ ପାଂଚଟି ଗାଁ କୁ ମିଶାଇ ଏକ ନୂତନ ବ୍ଲକ ଅଂଚଳର ମଧ୍ୟ ସ୍ଥଳରେ ପ୍ରତିଷ୍ଠା କରିବାକୁ ଅଂଚଳର ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବି, ସମାଜସେବୀ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସରକାରଙ୍କୁ ନିବେଦନ କରିଛନ୍ତି। ସଭାରେ ଅନ୍ୟମାନଙ୍କ ମଧ୍ୟରେ କୁମର ନାଏକ, ରାଜକିଶୋର ବାରିକ୍, ଆର୍ତତ୍ରାଣ ବେହେରା, ବିରଂଚି ନାରାୟଣ ଭୂଳଗାଁୟା, ରମେଶ ନାଏକ ଲକ୍ଷ୍ମଣ କୁମାର ମହାନ୍ତି, ଉତମ ନାଏକ, ପ୍ରଦୀପ କୁମାର ଭଞ୍ଜ, କୃଷ୍ଣଚନ୍ଦ୍ର ମହାନ୍ତି, ଡମ୍ବରୁଧର ଘଣାଙ୍କ ସହିତ ବିଭିନ୍ନ ଅଂଚଳରୁ ଆସିଥିବା ଅନେକ ସଚେତନ ନାଗରିକ ଉପସ୍ଥିତ ଥିଲେ।

# ମନ୍ଦିର ପ୍ରଶାସନ ପକ୍ଷରୁ ଦଣ୍ଡ ପ୍ରଣାମ କରି ଆସିଥିବା ଭକ୍ତଙ୍କୁ ସମ୍ବର୍ଦ୍ଧନା

ଘଟଗାଁ, ୨୦/୦୮ (ନି.ପ୍ର): ମା' କରିଥିଲା ମାନସିକ ପୁଅ ଦେହ ସୁସ୍ଥ ହେଲେ କରିବ ତାରିଣୀ ଦର୍ଶନ। ଦେହ ସୁସ୍ଥ ହେବାପରେ ଦୀର୍ଘ ୨୭ଦିନର ଦଣ୍ଡ ପ୍ରଣାମରେ ବାହାରି ଭକ୍ତ ଜଣକ ପହଂଚିଛନ୍ତି ଘଟଗାଁ ମା ତାରିଣୀ ପୀଠରେ। ଅନୁସନ୍ଧାନ ରୁ ଜଣା ପଡିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସାର୍ଥା ପଂଚାୟତ ହଳଦି ଗୁଡି ଗ୍ରାମର ଜଗଦୀଶ ବିଜୁଳି ଓ ଟୁନି ବିଜୁଳି ଙ୍କ ପୁଅ ସଞ୍ଜୟ ବିଜୁଳି ଙ୍କ ଅନେକ ସମୟରେ ଦେହ ଅସୁସ୍ଥ ରହୁଥିଲା। ପୁଅର ସୁସ୍ଥ ଜୀବନ କାମନା କରି ମା ଟୁନି ବିଜୁଳି ଘଟଗାଁ ମା 'ତାରିଣୀ ନିକଟରେ ମାନସିକ ରଖୀଥିଲେ। ଦେହ ସୁସ୍ଥ ହେବାରୁ ମାନସିକ ପୂରଣ କରିବା ଲକ୍ଷରେ ସଞ୍ଜୟ ବିଜୁଳି ଜୁଲାଇ ମାସ ୨୭ତାରିଖ ନିଜ ଗ୍ରାମରୁ ଘଟଗାଁ ମା ତାରିଣୀଙ୍କୁ ଦର୍ଶନ କରିବା ନିମନ୍ତେ ଦଣ୍ଡ ପ୍ରଣାମ ରେ ବାହାରି ଥିଲେ। ଦୀର୍ଘ ୨୪୦ କିଲୋମିଟର ରାସ୍ତାକୁ କୁ ୨୭ଦିନ ର ଦଣ୍ଡ ପ୍ରଣାମ କରି ଅଗଷ୍ଟ ମାସ ୧୯ ତାରିଖ ଦିନ ଘଟଗାଁ ରେ ଦଣ୍ଡ ପ୍ରଣାମ କରି ପହଂଚି ଥିଲେ। ପୂର୍ବରୁ ମନ୍ଦିର ପ୍ରଶାସନ ନିକଟରେ ଜଣେ ଭକ୍ତ ଦଣ୍ଡ ପ୍ରଣାମ କରି ଆସୁଥିବା ସୂଚନା ରହିଥିଲା। ଭକ୍ତ ଜଣକ ଘଟଗାଁ ରେ ପହଂଚିବା ପରେ ଘଟଗାଁର ସମାଜ ସେବୀ, ମନ୍ଦିର ପ୍ରଶାସନ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ସ୍ୱାଗତ ଜଣେଇଥିଲେ। ଭକ୍ତ ଜଣକ ମା'ଙ୍କୁ ଦର୍ଶନ କରିବା ପରେ ମନ୍ଦିର ପ୍ରଶାସନ ବରିଷ୍ଠ କର୍ମଚାରୀ ଅବନୀ କୁମାର ଜେନା, ଶରତ ଚନ୍ଦ୍ର ବାରିକ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ମା ଙ୍କର ଏକ ଫୋଟ, ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଭକ୍ତ ଜଣଂକୁ ସମ୍ବର୍ଦ୍ଧିତ କରିଥିଲେ।

# କଡାକଡି ହେବ ସରାଇ ନିୟମ: ହୋଟେଲ, ଲଜ୍, ଗେଷ୍ଟହାଉସରେ ଯାଂଚ ଆରମ୍ଭ

ଜୟପୁର, ୨୦/୦୮ (ନି.ପ୍ର): ଜୟପୁର ସହରରେ ଡେରା ପକାଉଥିବା ଲୁଟେରା ଓ ଠକଙ୍କୁ ଠାବ କରିବାକୁ ଥିବା ସରାଇ ନିୟମକୁ ଏଣିକି କଡାକଡି କରାଯିବ । ତେଣୁ ଗତକାଲି ଜୟପୁର ସଦରପୁଲିସ ଓ ଟାଉନପୁଲିସର ମିଳିତ ଭାବେ ଜୟପୁର ସହରର ବହୁ ହୋଟେଲ ଲଜ ଓ ଗେଷ୍ଟ୍ ହାଉସ ବୁଲି ଯାଂଚ କରାଯାଇଛି। ଆଜି ଟାଉନଥାନା ପରିସରରେ ହୋଟେଲ ଓ ଲଜ ମାଲିକମାନଙ୍କୁ ଡକାଇ ଏକ ବୈଠକ କରାଯାଇଥିଲା। ଏହି ବୈଠକରେ ସରାଇ ଆପକୁ ବ୍ୟବହାର କରିବାକୁ କଡାକଡି ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ଲୋକଙ୍କ ତାଲିକା ରଖିବା ସହ ତାଙ୍କ ପରିଚୟ ପତ୍ର ଗ୍ରହଣ କରିବାକୁ କୁହାଯାଇଥିଲା। ଯଦି କୌଣସି ବ୍ୟକ୍ତି ଉପରେ ସନ୍ଦେହ ହୁଏ ତେବେ ତୁରନ୍ତ ପୁଲିସକୁ ଖବର ଦେବା ପାଇଁ କୁହାଯାଇଥିଲା। ଆଜି ଏହି ବୈଠକରେ ୧୫ରୁ ଉର୍ଦ୍ଧ ହୋଟେଲ ଓ ଲଜ ମାଲିକ ଉପସ୍ଥିତ ଥିଲେ। ସହରରେ ଆନ୍ତଃରାଜ୍ୟ ଏଟିଏମ ଲୁଟେରା, ଗ୍ୟାସ କଟର ବ୍ୟବହାର କରୁଥିବା ସିନ୍ଧିଚୋର ଓ ବଙ୍ଗିୟ ଲୁଟେରାମାନେ ଜୟପୁର ସହରର ବିଭିନ୍ନ ହୋଟେଲରେ ରହି ଲୁଟପାଟ କରୁଥିଲେ। ସେହିଭଳି ସାଇବର ଠକ ମାନେ ମଧ୍ୟ ହୋଟେଲ ରେ ରହି ଯୋଜନା କରୁଛନ୍ତି। ହୋଟେଲ ଗୁଡିକରେ କଡାକଡି କରାଯାଉନଥିବା ଯୋଗୁଁ ଲୁଟେରା ମାନେ ମଉକା ମାରି ଯୋଜନା କରୁଛନ୍ତି। ବସ୍ତି ଗୁଡିକ ଉପରେ ପୁଲିସ ନଜର ରଖିବା ସହ ଆଗାମୀ ଦିନର ଘର ଭଡାରେ ରହୁଥିବା ଲୋକଙ୍କ ତାଲିକା ମଧ୍ୟ ପ୍ରସ୍ତୁତ କରାଯିବା ସହ ମଝିରେ ମଝିରେ ତଲାସି କରାଯିବ ବୋଲି ସଦରଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ ଓ ଟାଉନଥାନା ଅଧିକାରି ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି। ଗତକାଲି ଜୟପୁର ସହରର୧୦ଟି ହୋଟେଲ ଓ ଲଜ ଜୟପୁର ଟାଉନ ପୁଲିସ ଓ ସଦର ପୁଲିସ ପକ୍ଷରୁ ଯାଂଚ କରାଯାଇଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ଆଜି ଦୁଇ ଥାନାର ମିଳିତ ଆନୁକୁଲ୍ୟରେ ଜୟପୁର ସହରର ମାଙ୍ଗଟଭ୍ୟାଲି, ଗୋପିନାଥ, ଭଳି ସହରର ସମସ୍ତ ହୋଟେଲ ଗୁଡିକୁ ପୁଲିସ ସଦଳବଳେ ଯାଂଚ କରିଥିଲେ। ହୋଟେଲର ରେଜିଷ୍ଟର ସହ କିଏ କିଏ ଯାତ୍ରୀ ରହୁଛନ୍ତି ସମସ୍ତଙ୍କ ତାଲିକା ଗୁଡିକ ଯାଂଚ କରିଛନ୍ତି। ଗତକାଲି ମଧ୍ୟ ରାତ୍ର ପର୍ଯ୍ୟନ୍ତ ହୋଟେଲ ଗୁଡିକ ଯାଂଚ କରାଯାଉଥିବା ବେଳେ ଏହା ନିୟମିତ ଭାବେ ଯାଂଚ କରାଯିବ ବୋଲି ସଦର ଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ ଓ ଟାଉନଥାନା ଅଧିକାରି ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟ ଶିକ୍ଷା ଯୋଜନାର ସମୀକ୍ଷା ଓ 'ଆସ ସ୍କୁଲ ଯିବା -୨୦୨୫-୨୬' ଯୋଜନାର ଜିଲ୍ଲାସ୍ତରୀୟ ବୈଠକ

ଖୋର୍ଦ୍ଧା, ୧୯ ଅଗଷ୍ଟ (ହି.ସ.)- ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ରତୁରାଜଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଶିକ୍ଷା ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା ସହ 'ଆସ ସ୍କୁଲ ଯିବା'ଯୋଜନାର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଅଧ୍ୟକ୍ଷ, ତାପସ କୁମାର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କଷ୍ଟୁରିବାଳା ଜେନା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ପୂର୍ବ ଅନୁଷ୍ଠିତ ବୈଠକର ନିଷ୍ପତି ଓ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜିଲ୍ଲାପାଳ ଅମ୍ରିତ୍ ରତୁରାଜଙ୍କୁ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଶ୍ରୀ ରତୁରାଜ ଖର୍ଚ୍ଚ ବିନିଯୋଗ ପ୍ରମାଣ ପତ୍ର, ଜିଲ୍ଲା ପାଳ,ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ରୁ ଆସିଥିବା ଆପତି ଅଭିଯୋଗ ସମାଧାନ, ସ୍ୱୟଂ ସହାୟିକା ଗୋଷ୍ଠୀ ଏଚ ଏସ ଟି ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି କରି ଜଗିବା ଓ ପହରା କାର୍ଯ୍ୟ, ପିଏମଶ୍ରୀ ବିଦ୍ୟାଳୟ ଗୁଡିକରେ ସିଭିଲ କାର୍ଯ୍ୟ ଓ ଭିତିଭୂମିର ଅଗ୍ରଗତି,'ଆସ ସ୍କୁଲ ଯିବା'ଅଭିଯାନର ସ୍ଥିତି ତଥା ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଆଦି ଶୈକ୍ଷିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଗୁଡିକ ଉପରେ ଜିଲ୍ଲାପାଳ ଆମ୍ରିତ୍ ରତୁରାଜ ସମୀକ୍ଷା କରିଥିଲେ କ୍ଷ ୟୁଡାଇଜ (ୟୁଡିଆଇ ଏସଇ ), ଏଚ ଏସ ଟି(ଏଚଏସଟି ), ରାଇଜ(ଆରଏ ଆଇଏସଇ ) ଆଦି ବିଭିନ୍ନ ଅଗ୍ରଣୀ ଶିକ୍ଷା ଯୋଜନା ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଥିଲେ । ଖୋର୍ଦ୍ଧା ଓ ଜଟଣୀ ପୌରପରିଷଦ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ଓ ସମସ୍ତ ୧୦ ଗୋଟି ବ୍ଲକର ୧୬ ଗୋଟି ଉଚ୍ଚ ବିଦ୍ୟାଳୟ ର ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟ, ଖେଳ ପଡିଆ, କ୍ରୀଡ଼ା, ସୌନ୍ଦର୍ଯ୍ୟତା, ଏଲ ଇ ଡି , ଲାଇଟ୍, ସେଲ୍ଫି ପଏଂଟ, ସାଇନ୍ ବୋର୍ଡ ତଥା ସାଇନେଜ୍ ଆଦି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ । ଜିଲ୍ଲାରେ ବିଦ୍ୟାଳୟ ଛାଡିଥିବା ୬୨୧୭ଛାତ୍ର ଛାତ୍ରୀ ମାନଙ୍କୁ ଚିହ୍ନିତ କରାଯାଇ ଥିବାବେଳେ ସେଥିରେ ୬ ରୁ ୧୪ ବର୍ଷ ୧୬୭୧, ୧୫ରୁ୧୬ବର୍ଷ ୧୯୯୯,୧୭ ରୁ ୧୮ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ୨୫୪୭ ଅଛନ୍ତି । ବର୍ତମାନ ସ୍କୁଲ ଛାଡିଥିବା ଉକ୍ତ ୬ରୁ ୧୪ବର୍ଷ ର ୩୫୯ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟରେ ଭର୍ତି କରାଯାଇଛି । ୧୫ରୁ ୧୮ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ୧୦୦ ଜଣକୁ ଏବଂ ୧୫ ରୁ୧୮ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ୬୬ଜଣକୁ ଆତ୍ମ ନିଯୁକ୍ତି କ୍ଷେତ୍ରରେ ଧନ୍ଦା ମୁଳକ ଶିକ୍ଷାରେ ଭର୍ତି କରାଯାଇଛି । ରାଇଜ ଶିକ୍ଷା କାର୍ଯ୍ୟକ୍ରମରେ ୨୦୨୬ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପ୍ରତ୍ୟେକ ବିଦ୍ୟାଳୟରେ ଶତକଡ଼ା ଶତ ପ୍ରତିଶତ ଫଳାଫଳ ପାଇଁ। କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ସ୍କୁଲରୁ ଏ ୧ ଗ୍ରେଡ ରେ ନିଶ୍ଚିତ ଭାବେ ଏକ ଜଣ, ପିଲାର ଉନ୍ନତିରେ ବୃଦ୍ଧି ନିମନ୍ତେ କ୍ରମାନ୍ୱୟରେ ଶିକ୍ଷକ ଅଭିଭାବକ ଆଲୋଚନା କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ୧୮ ବର୍ଷ ରୁ ତଦୁର୍ଦ୍ଧ ଛାତ୍ର ଛାତ୍ରୀ ମାନଙ୍କୁ ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ନିଶୁଳ୍କ ତାଲିମ୍ ଓ ବିଭିନ୍ନ ବେସରକାରୀ ସଂସ୍ଥା ରେ ନିଯୁକ୍ତି ଦେବା ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଗାଇଡ୍ ଲାଇନ୍ ଅନୁଯାୟୀ ସାକ୍ଷରତା ସଚେତନତା ଅଭିଯାନ ମାଧ୍ୟମରେ ପାରାଗ୍ରାଫ ପଢିବା, ଅକ୍ଷର ଚିହ୍ନିବା, ଗଣିତ, ବିଜ୍ଞାନ ଓ ଇଂରାଜୀ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ବହୁଳ ମାତ୍ରାରେ ଆୟୋଜନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ କ୍ଷ ଆବଶ୍ୟକ ସ୍ଥଳେ ବାତ୍ସଲ୍ୟ ଯୋଜନା ର ସହାୟତା ନେବାକୁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା,ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଶ୍ରୀ ସୁବାସ ବେହେରା , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ସମସ୍ତ ବ୍ଲକର ବି ଡି ଓ,ସି ଡି ପି ଓ, ସି ଆର ସି ସି, ବି ଆର ସି ସି, ସମସ୍ତ ପଲିଟେକନିକ୍ ଅନୁଷ୍ଠାନର ଅଧ୍ୟକ୍ଷ ଅଧ୍ୟକ୍ଷା ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।

# ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

କେନ୍ଦୁଝର, ୨୦/୦୮ (ନି.ପ୍ର): କେନ୍ଦୁଝର ସହର ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ୍ ଟୁର୍ଣ୍ଣାମେଟ୍ । ଜିଲ୍ଲାର କୋଣା ଅନୁକୋଣରୁ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ ବହୁ ଖେଳାଳି। ବହୁ ରାଜ୍ୟସ୍ତରୀୟ ଖେଳାଳି ମଧ୍ୟ ଅଂଶଗ୍ରହଣ କରିଥିବାରୁ ଏହା ଅନ୍ୟ ଖେଳାଳି ମାନଙ୍କ ପାଇଁ କିଛି ଶିଖିବାର ସୁବର୍ଣ୍ଣ ସୁଯୋଗ ପାଲଟିଥିଲା। ତିନି ଦିନ ଚାଲିଥିବା ଟୁର୍ଣ୍ଣାମେଟରେ ବହୁ ରୋମାଂଚକର ମ୍ୟାଚ ହୋଇଥିଲା ଆଉ ଏହାକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା। ରବିବାର ଦିନ ସମସ୍ତ ବର୍ଗର କ୍ୱାର୍ଟର ଫାଇନାଲ,ସେମି ଫାଇନାଲ ଆଉ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପୁରୁଷ(ସିନିଅର) ବର୍ଗରେ ରାଣେଶ୍ ଏବଂ ପ୍ରଦେଶ୍ ଚମ୍ପିୟାନ ହୋଇଥିବା ବେଳେ ମୁନ୍ନା ଏବଂ ଶଙ୍କର ରନର୍ସ ଅପ୍ ହୋଇଥିଲେ। ସେଇଭଳି ପୁରୁଷ(ଜୁନିୟର) ସିଙ୍ଗଲସ୍ ବର୍ଗରେ ଆଦିତ୍ୟ, ପୁରୁଷ(ଜୁନିୟର)ଡବଲସ୍ ବର୍ଗରେ ଆଦିତ୍ୟ ସିଦ୍ଧାର୍ଥ, ମହିଳା(ଜୁନିୟର)ସିଙ୍ଗଲସ୍ ବର୍ଗରେ ପ୍ରତୀକ୍ଷା, ମହିଳା (ଜୁନିୟର)ଡବଲସ୍ ବର୍ଗରେ ପ୍ରତୀକ୍ଷା ଏବଂ ସମୃଦ୍ଧି ଆଉ ଭେଟେରାନରେ ସାମଲ ଏବଂ ମୁନ୍ନା ଚମ୍ପିୟାନ ହୋଇଥିଲେ। ଶେଷ ଦିନ ମ୍ୟାଚ ଦେଖୁବାକୁ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚ୍. ଡ଼ି ଏବଂ କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ଜିଲ୍ଲା ବ୍ୟାଡମିଣ୍ଟନ୍ ସଙ୍ଗଠନ ସଭାପତି ସୁଦୀପ ସାହୁ ଏବଂ ସେକ୍ରେଟାରୀ ବାପି କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଆଉ ବିଜେତା ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

# ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

ବେତନଟୀ,୨୦/୮(ନି.ପ୍ର): ମୋରଡା ବ୍ଲକ ଭାଲିଆଡିହା ପଞ୍ଚାୟତ ସ୍ଥିତ କେନ୍ଦୁଛାଟିଆ ଗ୍ରାମର ଏକ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଜନୈକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ।ସୂଚନା ଅନୁଯାୟୀ ବଡଯୋଡ ଉପକଣ୍ଠ ଟୁଙ୍ଗାଧୁଆ ଗ୍ରାମର ସ୍ୱର୍ଗତ ଦୈତାରୀ ଦେହୁରୀଙ୍କ ପୁଅ ହରିପଦ ଦେହୁରୀ(୫୦) ବଡଜାମବଣି ଫାଣ୍ଡି ଅଧୀନ କେନ୍ଦୁଛାଟିଆ ଗ୍ରାମର ବାଉଁଶବଣି ରେ ଦୀର୍ଘ ୨୦ବର୍ଷ ଧରି ନିଜ ଶଶୁର ସତିଆ ଦେହୁରୀଙ୍କ ଘରେ ଘରଜୋଇଁ ଭାବେ ରହିଆସୁଥିବା ବେଳେ ବୁଧବାର ଅପରାହ୍ନରେ ଗାଁ ପାଖ ଡାଗୁଡ୍ୱେଲକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣରୁ ପାଣିରେ ବୁଡି ଯାଇଥିଲେ। ତାଙ୍କ ଶରୀର ପାଣିରେ ଭାସୁଥିବା ଅବସ୍ଥାରେ ଲୋକେ ଦେଖିପାରି ଚିତ୍ରଡା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ବଡଜାମବଣି ଫାଣ୍ଡି ଅଧିକାରୀ ଅଶେଷ କୁମାର ଦାସ ପହଞ୍ଚି ଚିତ୍ରଡା ଅଗ୍ନିଶମ ବାହିନୀ ସହାୟତାରେ ପାଣି ଭିତରୁ ସଂଜ୍ଞାହୀନ ଅବସ୍ଥାରେ ହରିପଦଙ୍କୁ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ପୁଲିସ ମୃତଦେହ ଜବତ କରିବା ସହ ବେତନଟୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଗୁରୁବାର ଶବ ବ୍ୟବଚ୍ଛେଦ ହେବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି। ମୃତକ ଜଣକ ଗରିବ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ରାଜେନ ଦେହୁରୀଙ୍କ ସମେତ ଅନ୍ୟମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଢେଙ୍କିକୋଟ କଲେଜ୍‌ରେ ନାରୀ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୨୦/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ଠାରେ ଥିବା ରିଜିଓନାଲ ଏସ ଏନ କଲେଜରେ ନାରୀ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମ ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଓ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକଙ୍କ ଆବାହକତ୍ୱ ହୋଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଢେଙ୍କିକୋଟର ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ । ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ନୃସିଂହ ନାଥ ସିଂ ଙ୍କ ସମେତ ଅଧ୍ୟକ୍ଷ ମୀନକେତନ ଗିରୀ, ସୌଦାଗର ମହାନ୍ତ ମଂଚାସୀନ ଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀ ମାନଙ୍କୁ ନିଜର ସୁରକ୍ଷା, ସଞ୍ଜମତା, ଆତ୍ମରକ୍ଷାର କୌଶଳ, ଆବଶ୍ୟକ ହେଲେ ୧୧୨ ନମ୍ବର୍ କୁ କଲ୍ କରିବା ଓ ମୋବାଇଲ ଫୋନ ର ସୁ ବ୍ୟବହାର କରିବା ସହିତ ଦୃଢମନା,ସାହସି ହେବାକୁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ କଥା ରଖିଥିଲେ।

# ପୁଲିସ ପଇଁତରା ଢିଲା: ବଢୁଛି ଅସାମାଜିକ କାର୍ଯ୍ୟକଳାପ
## ସନ୍ଧ୍ୟା ହେଲେ ବିଭିନ୍ନ ଦୋକାନ ପାଲଟୁଛି ମଦ୍ୟପଙ୍କ ବାର

ବାଲିଆପାଳ , ୨୦/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ୨୮ଟି ପଞ୍ଚାୟତ ହୋଇଥିବା ବେଳେ ଗୋଟିଏ ଥାନାଗୋଟିଏ ଫାଣ୍ଡି ଅଧୀନରେ ଯାଉଛି । ଯେପରିକି କିଛି ପଞ୍ଚାୟତ ସିଂଲା ଥାନା ଅଧୀନରେ, ଅବଶିଷ୍ଟ ପଞ୍ଚାୟତ ବଳିଆପାଳ ଥାନା ଅଧୀନରେ ଯାଉଛି କିନ୍ତୁ ଥାନା ପକ୍ଷରୁ ପଇଁତରା ଅଭାବରୁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଚୋରା ମାଦକ ଦ୍ରବ୍ୟ କାରବାର ବଢ଼ି ଚାଲିଛି। ଚୋରି, ରାହାଜାନି, ଲୁଟ୍, ଛିନତାଇ ଭଳି ଅସାମାଜିକ କାର୍ଯ୍ୟକଳାପ ଘଟୁଛି । ଥାନା ଅଞ୍ଚଳରେ ଜନ ସାଧାରଣ ନିଜକୁ ଆଉ ସୁରକ୍ଷିତ ମଣୁ ନାହାନ୍ତି । ସନ୍ଧ୍ୟା ହେଲେ ବାଲିପାଳ ମୁଖ୍ୟ ବଜାରରେ ବାଲିଆପାଳ ଠାରୁ ସିମୁଳିଆ ମାର୍କେଟ ପର୍ଯ୍ୟନ୍ତ ବିଭିନ୍ନ ଫାଷ୍ଟଫୁଡ ହେଉ ଅବା ବିଭିନ୍ନ ଦୋକାନ ଏକ ରକମର ମଦ୍ୟପଙ୍କ ବାର ପାଲଟୁଛି, ଏହା ସହ ରାସ୍ତା ଗହଳି ରହୁଥିଲେ ମଧ ପୁଲିସର ନାଁ ଅଛି ପାଟ୍ରୋଲିଂ, ନାଁ ହେଉଛି ବିଭିନ୍ନ ଫାଷ୍ଟଫୁଡ ଦୋକାନରେ ଅଚାନକ ଯାଞ୍ଚ ଯାହା ଫଳରେ କି ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କିମ୍ବା ବିଭିନ୍ନ ପଞ୍ଚାୟତର ଛକ ଗୁଡିକରେ ଥିବା ଦୋକାନ ମଦ୍ୟପ ଓ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଏହାସହ ଦୈନିକ ଖୁଲମଖୁଲ୍ଲା ଦିନରାତି ବେଆଇନ ଭାରୀ ଯାନରେ ବାଲି ଓ ପଥର ଚାଲାଣ ହେଉଛି। ସକାଳଠାରୁ ରାତି ପର୍ଯ୍ୟନ୍ତ ସିମୁଳିଆ ମୁଖ୍ୟ ବଜାର କେତେକ ବ୍ୟବସାୟୀ ରାସ୍ତାକୁ ମାଡି ଆସିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି, ଖୁଲମଖୁଲ୍ଲା ଗାଡିରେ ଦେଶୀ ଓ ବିଦେଶୀ ମଦ ଚାଲାଣ ସର୍ବ ସମ୍ମୁଖରେ ହେଉଛି। ବିଭିନ୍ନ ଗାଁରେ ବେଆଇନ ମାଦକ ଦ୍ରବ୍ୟ କାରବାର ଗାଁ ଗଳିକନ୍ଦି, ଅନ୍ଧାରିଆ ନିଛାଟିଆ କ୍ୟାବିନି କଡ଼ରେ ଖୋଲା ମେଲାରେ ଚାଲିଛି । ଧଳା ଜହର କାରବାର ପ୍ରତ୍ୟେକ ଗାଁଗଣ୍ଡାକୁ ବ୍ୟାପିଲାଣି । ଶିକ୍ଷିତ ବେକାର ଯୁବକ ଏହାକୁ ସେବନ କରି ଚୋରି, ଲୁଟ ଭଳି ଘଟଣା ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଛକ ବଜାର, ଗାଁ ମୁଣ୍ଡ ମନ୍ଦିର ବେଢାରେ ବସି ହୋହାଲ୍ଲା କରୁଛନ୍ତି । ଏପରିକି ତାସ ମାଧମରେ ଜୁଆ ଖେଳ ମଧ ହେଉଛି। ବାଲିଆପାଳ, ଜାମୁକୁଣ୍ଡା ଫାଣ୍ଡି, ସିଂଲା ଥାନା ପକ୍ଷରୁ ଆବଶ୍ୟକ ମୁତାବକ ପଇଁତରା କରାଯାଉନଥିବା ଅଭିଯୋଗ ହେଉଛି। ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପୁଲିସ ପଇଁତରା ବ୍ୟବସ୍ଥା କଡାକଡି କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ଓଡ଼ିଶାରେ ହେବ ୪ଟି ରିଭର୍ କ୍ରୁଜ ସର୍କିଟ୍

ଭୁବନେଶ୍ୱର, ୨୦/୮ (ନି.ପ୍ର): ଓଡ଼ିଶାରେ କ୍ରୁଜ ବା ଜାହାଜ ଆଧାରିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ଯୋଜନା । ଓଡ଼ିଶାରେ ହେବ ୪ଟି ରିଭର୍ କ୍ରୁଜ ସର୍କିଟ୍। ଭିତରକନିକା ଜଙ୍ଗଲ, ଯୋବ୍ରା, ଲଳିତଗିରି - ଉଦୟଗିରି - ରତ୍ନଗିରି ଏବଂ ବାଲେଶ୍ୱର ହିଡେନ ବିଚ୍ କୁ ନେଇ ହେବ ଏହି ୪ଟି କ୍ରୁଜ ସର୍କିଟ । କେନ୍ଦ୍ର ସରକାରଙ୍କ କ୍ରୁଜ ଭାରତ ମିଶନ ଯୋଜନାରେ ଏଗୁଡ଼ିକ ବିକଶିତ କରାଯିବ ବୋଲି ରାଜ୍ୟସଭାରେ ମୌଖିକ ପ୍ରଶ୍ନର ଉତ୍ତର ରଖି ଏହି ସୂଚନା ଦେଇଛନ୍ତି କେନ୍ଦ୍ର ବନ୍ଦର, ଜାହାଜ ଏବଂ ଜଳପଥ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ । ବୈତରଣୀ ନଦୀରେ ଯାଇଥିବା ୧୪ ନମ୍ବର ଜାତୀୟ ଜଳପଥ ଅନ୍ତର୍ଗତ ଭିତରକନିକା ଜଙ୍ଗଲ, ମହାନଦୀରେ ଯାଇଥିବା ୬୪ ନମ୍ବର ଜାତୀୟ ଜଳପଥ ଅନ୍ତର୍ଗତ ଯୋବ୍ରା, ବିରୂପା - ବଡି ଗେଙ୍ଗୁଟି - ବ୍ରାହ୍ମଣୀ ନଦୀରେ ଯାଇଥିବା ୨୨ ନମ୍ବର ଜାତୀୟ ଜଳପଥ ଅନ୍ତର୍ଗତ ଲଳିତଗିରି - ଉଦୟଗିରି - ରତ୍ନଗିରି ଏବଂ ବୁଢ଼ାବଳଙ୍ଗ ନଦୀରେ ଯାଇଥିବା ଜାତୀୟ ଜଳପଥ ୨୩ ଅନ୍ତର୍ଗତ ବାଲେଶ୍ୱର ହିଡେନ ବିଚ୍ କୁ ନେଇ ୪ଟି ରିଭର୍ କ୍ରୁଜ ସର୍କିଟ୍ ତିଆରି କରିବାକୁ ଯୋଜନା ରଖିଛନ୍ତି କେନ୍ଦ୍ର ସରକାର ।

# ରେମୁଣା ଜୁନିଅର କଲେଜରେ ସଦ୍‌ଭାବନା ଦିବସ ପାଳିତ
## ଏବଂ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାନଙ୍କର ପ୍ରଶିକ୍ଷଣ ଶିବିର



ରେମୁଣା, ୨୦/୮ (ନି.ପ୍ର): ରେମୁଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସଦଭାବନା ଦିବସ ପାଳିତ ତଥା ଏହି ଅନୁଷ୍ଠାନର ନୂତନ ଭାବେ ଯୋଗଦାନ କରିଥିବା ସ୍ୱେଚ୍ଛାସେବୀ ମାନଙ୍କର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅନୁଷ୍ଠାନର ଅଧକ୍ଷ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଜର ସୁବେଦାର ଶ୍ରୀଯୁକ୍ତ ଗିରୀଶ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ତଥା ସଦଭାବନା ଦିବସର ଉଦ୍ଦେଶ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଏତଦ୍ ବ୍ୟତୀତ ମହାପୁରୁଷ ମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀ ମାନେ ସମାଜସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଏନ୍‌ଏସ୍‌ଏସ୍ ଯୋଜନା ଅଧିକାରୀ ଡ଼ଃ ଏଲିନା ମହାପାତ୍ର ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏହି ଅନୁଷ୍ଠାନ ର ପୂର୍ବତନ ପ୍ରୋଗ୍ରାମ ଅଫିସର୍ ମାନେ ଯଥା ଅଧାପକ ବିରେଶ ଷଡଙ୍ଗୀ, ସିଦ୍ଧାର୍ଥ ଶଙ୍କର କୁଣ୍ଡୁ ଏବଂ ମାନସ କୁମାର ମହାପାତ୍ର ଶିକ୍ଷାନୁଷ୍ଠାନରେ ଏନ୍‌ଏସ୍‌ଏସ୍ ଗଠନର ଉଦ୍ଦେଶ୍ୟ, ଲକ୍ଷ୍ୟ, ଉପାଦେୟତା ଏବଂ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ତଥା ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ଶେଷରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ଼ଃ ଏଲିନା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଛଚାଷ ପାଇଁ ତାଲିମ କାର୍ଯ୍ୟକ୍ରମ

ଉଦଳା, ୨୦/୮ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ଓ ରିଲାଏନ୍ସ ଫାଉଣ୍ଡେସନର ମିଳିତ ଉଦ୍ୟମରେ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଉଦଳା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ୧୯ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉକ୍ତ ତାଲିମ ନେଇଥିବା ବେଳେ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଏବଂ ମିଶନ ଶକ୍ତି ମୟୂରଭଂଜ ଏଥିରେ ସହଯୋଗ କରିଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ଶୋଭନ ଦାସ ଓ ମିଶନଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ଅଭିଜିତ ମହାରଣା ଏହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କିପରି ଉତମ ଉତ୍ପାଦନ ଏବଂ ସ୍ଥାୟୀ ଆୟ ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ । ଶୋଭାର ପ୍ରକଳ୍ପ ସଂଯୋଜକ ନରେଶ କୁମାର ନାୟକ ତାଲିମକାର୍ଯ୍ୟ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ବାସୁଦେବପୁର, ୨୦/୮ (ନି.ପ୍ର): ଏକ ମଧୁର ପରିବେଶ ମଧ୍ୟରେ ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ବାଷଠି ପ୍ରାଥମିକ ବିଦ୍ୟାଳୟର ବିଦାୟୀ ସହକାରୀ ଶିକ୍ଷକ ଅଭିମନ୍ୟୁ ପାତ୍ରଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଧାବଲ୍ଲଭ ପୁର ୟୁ ଜି ଏମ ଇ ସ୍କୁଲର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାରଣା। ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ସୁବାସିନୀ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ପ୍ରଧାନ ଶିକ୍ଷକ ଅମର ନାଥ ବାରିକ୍, ସ୍କୁଲ ପରିଚାଳନା କମିଟି ସଭାପତି ଯତୀନ କୁମାର ବେହେରା, ଉପ ସଭାପତି ସୁମିତ୍ରା ନାୟକ, ବାଷଠି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଜେନା, ସି ଆର ସି ସି ସର୍ବେଶ୍ୱର ମଲିକ। ସମସ୍ତ ଅତିଥି ଅଭିମନ୍ୟୁ ସାର୍ ଙ୍କ ଶିକ୍ଷା ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ ଓ ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ଅଭିମନ୍ୟୁ ସାର୍ ଙ୍କୁ ମାନପତ୍ର, ଉପଢୌକନ ଓ ବିଭିନ୍ନ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିମନ୍ୟୁ ସାର୍ ନିଜର ଅବସର କାଳୀନ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ନମିତା ରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶେଷରେ ଶିକ୍ଷୟତ୍ରୀ ସୁବାସିନୀ ପଣ୍ଡା ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# ଟ୍ରେନ୍ ଯାତ୍ରୀଙ୍କ ଲଗେଜ୍ ବ୍ୟାଗ ଉପରେ ଆସିବ ନୂଆ କଟକଣା

ଭୁବନେଶ୍ୱର, ୨୦/୮ (ନି.ପ୍ର): ଟ୍ରେନ୍ ଯାତ୍ରୀଙ୍କ ଲଗେଜ୍ ବ୍ୟାଗ ଉପରେ ନୂଆ କଟକଣା କରିବାକୁ ଯାଉଛି ବିଭାଗ । ଅଧିକ ଓଜନିଆ ବ୍ୟାଗ୍ ନେଇପାରିବେ ନାହିଁ ଯାତ୍ରୀ । କାଟାଗୋରି ପ୍ରସ୍ତୁତ କରିଛି ବିଭାଗ । ଯାତ୍ରୀ ମାନେ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ଯେହେତୁ ରେଲଓ୍ୱେ ଉପରେ ରାଜ୍ୟ ଓ ରାଜ୍ୟ ବାହାରର ଲୋକ ନିର୍ଭର କରନ୍ତି । ତେଣୁ ବିଭାଗ ସେମାନଙ୍କ ପାଇଁ ସୁବିଧା କରିଛି । ଲଗେଜ୍ ଉପରେ କଟକଣା ରହିଲେ ଯାତ୍ରା ଆରାମଦାୟ ହେବ, ବେଶୀ ଭିଡ ହେବ ନାହିଁ । ସୁବିଧାରେ ଲୋକେ ବସିପାରିବେ । ବ୍ୟସ୍ତ ବହୁଳ ହୋଇ ଜିନିଷ ରଖିଲା ବେଳେ ଅନେକ ଥର ସାମାନ୍ୟ ଦୁର୍ଘଟଣାରୁ ବର୍ତ୍ତିପାରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଗିରଫ ହେଲେ...

ଏବଂ ୨୩୯AA ସଂଶୋଧନ କରିବାର ଆବଶ୍ୟକତା ଅଛି। ଜମ୍ମୁ ଏବଂ କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ (୨୦୧୯ର ୩୪) ଅନୁଯାୟୀ ଗୁରୁତର ଅପରାଧିକ ଅଭିଯୋଗରେ ଗିରଫ ଏବଂ ଅଟକ ଥିବା ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ବହିଷ୍କାର କରିବାର କୌଣସି ବ୍ୟବସ୍ଥା ନାହିଁ। ତେଣୁ, ଏପରି ମାମଲାରେ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ଏକ ଆଇନଗତ ଢାଞ୍ଚା ସୃଷ୍ଟି କରିବା ପାଇଁ ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୫୪ ସଂଶୋଧନ କରାଯିବା ଆବଶ୍ୟକ।

### ଅଗ୍ନି-୫ର ହେଲା...

ଭେଇକିଲ୍ସ ପ୍ରଯୁକ୍ତି ବିଦ୍ୟାରେ ସଜ୍ଜିତ। ଅର୍ଥାତ୍, ଏହାକୁ ଲଞ୍ଚ କରାଯିବା ପରେ, ଏହା ଏକକାଳୀନ ଅନେକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିପାରିବ। ଅଗ୍ନି-୫ରେ ଦେଢ଼ ଟନ୍ ପରମାଣୁ ଅସ୍ତ୍ର ବହନ କରିବାର କ୍ଷମତା ରହିଛି। ଅଗ୍ନି ୫ କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ସଫଳତା। ଏହି କ୍ଷେପଣାସ୍ତ୍ରର ସମ୍ପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା, ପ୍ରଣୟନ ପ୍ରଣାଳୀ, ରକେଟ୍, ଉନ୍ନତ ନାଭିଗେସନ୍ ୧୦୦ ପ୍ରତିଶତ ସ୍ୱଦେଶୀ। ଏହାର ଗତି ହେଉଛି ମାକ୍ ୨୪, ଯାହା ଶବ୍ଦର ଗତିର ୨୪ ଗୁଣ। ବର୍ତ୍ତମାନ ଭାରତ ବ୍ୟତୀତ ବିଶ୍ୱର କେବଳ ଆଠଟି ଦେଶ ପାଖରେ ଇଣ୍ଟରକଣ୍ଟିନେଣ୍ଟାଲ୍ ବାଲିଷ୍ଟିକ୍ ମିସାଇଲ୍ ଅଛି। ଏଥିରେ ରୁଷ, ଆମେରିକା, ଚୀନ୍, ଫ୍ରାନ୍ସ, ଇସ୍ରାଏଲ, ବ୍ରିଟେନ୍ ଏବଂ ଉତ୍ତର କୋରିଆ ଅନ୍ତର୍ଭୁକ୍ତ। ଅଗ୍ନି-୫ କ୍ଷେପଣାସ୍ତ୍ର ଏକ ଉନ୍ନତ MIRV (ମଲ୍ଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି-ଟାର୍ଗେଟେବଲ୍ ରି-ଏଣ୍ଟ୍ରି ଭେଇକିଲ୍) ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଶହ ଶହ କିଲୋମିଟର ଦୂରରେ ଥିବା ଅନେକ ଲକ୍ଷ୍ୟସ୍ଥଳକୁ ଗୋଟିଏ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରାଯାଇପାରିବ।

### କେବେ ଶୃଙ୍ଖଳିତ ...

ବାହାରି ପାରିବେ। ଘଣ୍ଟି ଦ୍ୱାରରେ ମହିଳା ଓ ବରିଷ୍ଠ ନାଗରିକ, ଗାରଦ ଦ୍ୱାରରେ ପୁରୁଷଙ୍କ ପାଇଁ ପ୍ରସ୍ଥାନ ରହିବ। କିନ୍ତୁ କିଛି ଆଇନଗତ ସମସ୍ୟା ଯୋଗୁଁ ଏହା ଏଯାଏଁ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ତେବେ ଶ୍ରୀମନ୍ଦିର ଭିତରେ ଦର୍ଶନ ବ୍ୟବସ୍ଥା ଲାଗୁ କରିବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଛନ୍ତି । ଧାଡ଼ି ଦର୍ଶନ ବ୍ୟବସ୍ଥାରେ ସମସ୍ୟା ହେଉଛି। ଏହାଛଡା ଜଗମୋହନକୁ ଶୀତତାପ ନିୟନ୍ତ୍ରିତ କରାଯିବ । ତେବେ ବର୍ତ୍ତମାନ ଭିତର ଦର୍ଶନରେ ସମସ୍ୟା ଯୋଗୁଁ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏବେ ସମସ୍ତଙ୍କ ଅପେକ୍ଷା ଶ୍ରୀମନ୍ଦିର ପରିଚାଳନା କମିଟି ଗଠନକୁ । ଏହା ପରେ ହିଁ ଧାଡି ଦର୍ଶନ ବ୍ୟବସ୍ଥା ହୋଇପାରିବ ଓ ଠାକୁରଙ୍କ ଅଳଙ୍କାରର ଗଣତିମଣତି ହେବ । ଏହାର ଡକ୍ୟୁମେଣ୍ଟସନ ବି କରିବେ ସରକାର ।

### ତେଲ କିଣିବା ନେଇ...

ବାହ୍ୟ ଚାପ ସତ୍ତ୍ୱେ ଭାରତ-ଋଷ ଶକ୍ତି ସହଯୋଗ ଜାରି ରହିବ ।' ଏଠାରେ ବାହ୍ୟ ଶକ୍ତି ଭାବେ ସେ ଆମେରିକାକୁ ଇଙ୍ଗିତ କରିଥିଲେ। ଆମେରିକା ଭାରତ ଉପରେ ଏକ ସଙ୍ଗୀନ ଅଭିଯୋଗ ଆଣିଛି । ଆମେରିକା ଦାବି କରି କହିଛି, ଋଷଠାରୁ ତେଲ କିଣି ୟୁକ୍ରେନ ଯୁଦ୍ଧକୁ ପାଣି ଯୋଗାଇବାର ସହଯୋଗ କରୁଛି ଭାରତ । ଯାହାକୁ ନେଇ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ହ୍ୱାଇଟ୍ ହାଉସର ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ କହିଛନ୍ତି, 'ଭାରତ ଋଷ ତେଲ ପାଇଁ ବିଶ୍ୱସ୍ତରୀୟ କ୍ଲିୟରିଂହାଉସ୍ ଭାବରେ କାର୍ଯ୍ୟ କରେ, ନିଷିଦ୍ଧ ଅଶୋଧିତ ତୈଳକୁ ଉଚ୍ଚ-ମୂଲ୍ୟର ରପ୍ତାନିରେ ପରିଣତ କରେ ଏବଂ ମସ୍କୋକୁ ଡଲାର ଯୋଗାଇଥାଏ ।' ଡୋନାଲ୍ଡ ଟ୍ରମ୍ପ ଆରମ୍ଭରୁ ବ୍ରିକ୍ସ ଦେଶଗୁଡ଼ିକୁ ଧମକ ଦେଇ ଆସୁଛନ୍ତି । ସେ ଋଷକୁ ଧମକ ଦେଇ କହିଥିଲେ ଯେ ଯଦି ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ସେ ମସ୍କୋ ଉପରେ ମଧ କଟକଣା ଲଗାଇବେ । ସେ କହିଥିଲେ ଯେ ଏହାର ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ମଧ କଟକଣା ଲଗାଯିବ । ଆପଣଙ୍କୁ କହି ରଖୁଛୁ ଯେ ଚୀନ୍ ଏବଂ ଭାରତ ଋଷ ତେଲର ସବୁଠାରୁ ବଡ଼ କ୍ରେତା ।

### ଆଫଗାନିସ୍ତାନରେ ...

ଅତି କମ୍‌ରେ ୫୨ ଜଣଙ୍କର ମୃତ୍ୟୁ ହୋଇଥିଲା । ଆଫଗାନିସ୍ତାନ ପରେ ଆଉ ଏକ ଦୁଃଖଦ ଖବର ଉପରେ ନଜର ପକାଇବା, ଯାହା ନାଇଜେରିଆରୁ ଆସିଛି । ଉତ୍ତର ନାଇଜେରିଆର ବୋର୍ନୋ ରାଜ୍ୟରେ ଏକ ମସଜିଦ ଉପରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ଅତି କମ୍‌ରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଯେତେବେଳେ ଅଜଣା ଆକ୍ରମଣକାରୀମାନେ ମସଜିଦରେ ନମାଜ ପଢୁଥିବା ଲୋକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ । ଏହି ଆକ୍ରମଣରେ ଅନେକ ଲୋକ ଆହତ ହୋଇଥିବା ମଧ ରିପୋର୍ଟ ହୋଇଛି । ସ୍ଥାନୀୟ ପୁଲିସ ଓ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଆକ୍ରମଣ ପଛରେ କାହାର ହାତ ଅଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ସ୍ଥାନୀୟ ଲୋକମାନେ ଏହି ଘଟଣାକୁ ନିନ୍ଦା କରିଛନ୍ତି ଏବଂ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି ।

### ୧୮ ଶିଳ୍ପ ପ୍ରକଳ୍ପକୁ ...

ଯାହା ୨୭୦ କର୍ମନିଯୁକ୍ତି ସୃଷ୍ଟି କରିବ । ଏହି ନିବେଶ କରିବ ଗ୍ରାଭିଟି ଇଣ୍ଡିଆ ଲିମିଟେଡ୍ । ୮୦ କୋଟି ଟଙ୍କାରେ ଖୋର୍ଦ୍ଧାରେ ହେବ ଫାର୍ମା ପ୍ରକଳ୍ପ । ଜଗତସିଂହପୁରର ହେବ ଥ୍ରୀ-ଷ୍ଟାର ଓ ଫୋର-ଷ୍ଟାର ହୋଟେଲ । ପାରାଦୀପରେ ଫାଇଭ-ଷ୍ଟାର ହୋଟେଲ କରିବ ଓଡ଼ିଶା ଷ୍ଟିଭେଡ଼ର୍ସ । ଅନୁଗୁଳରେ ହେବ ଲଜିଷ୍ଟିକ୍ ପାର୍କ ଓ କୋଲ ଓ୍ୱାସେରୀ । ଖୋର୍ଦ୍ଧାରେ ୩୦୦ କୋଟି ଟଙ୍କାରେ ହେବ ଇଭି କାରଖାନା ବର୍ଷକୁ ଉତ୍ପାଦନ ହେବ ୧୦ ହଜାର ଇଲେକ୍‌ଟ୍ରିକ୍ ଭେଇକିଲ୍ ।

# ବୟାଳୀ ଗ୍ରାମରେ ସ୍ୱାଧୀନତା ଦିବସ ପାଳନ



ବୟାଳୀ, ୨୦/୮ (ନି.ପ୍ର): ବ୍ରହ୍ମପୁରଠାରୁ ଅଠର କିମି ଦୂରରେ ରହିଛି ମା' ସିଦ୍ଧ ଭୈରବୀଙ୍କ ସୁସମା ମଣ୍ଡିତ ମନ୍ଦିର ଓ ଐତିହାସିକ ପୀଠ ସ୍ଥଳ। ମନ୍ଦିରର ସାମାନ୍ୟ ପୂର୍ବ-ଉତ୍ତର ଦିଗରେ ବୟାଳୀ ଗ୍ରାମ ଅବସ୍ଥିତ । ଏହି ଗ୍ରାମ ଗଂଜାମ ଜିଲ୍ଲାର ଏକ ପ୍ରାଚୀନ ଇତିହାସ ପ୍ରସିଦ୍ଧ ଗ୍ରାମ । ପ୍ରାକ୍ତନ ବନ୍ଦର ନଗରୀ ମନ୍ତ୍ରିଡ଼ି ଠାରୁ କହିବାକୁ ଗଲେ ଏ ଗ୍ରାମର ଦୂରତା ମାତ୍ର ଅଧା କିମି କହିଲେ ଚଳେ । ଦୁଇମାସ ମଧ୍ୟରେ ରହିଛି କଳିଙ୍ଗ ନୌ-ବାଣିଜ୍ୟ ସମୟରେ ନିର୍ମିତ ଏକ ବିଶିଷ୍ଟ ଓ ବିରାଟ ପଦ୍ମ ପୁଷ୍କରିଣରୀ । ବୟାଳୀ ଗ୍ରାମରେ ରହିଛି ଗ୍ରାମଦେବତୀ ମା' ଭଣ୍ଡାର ଠାକୁରାଣୀ, ବୈଷ୍ଣବ ସଂପ୍ରଦାୟର ପ୍ରତିଷ୍ଠିତ ରାଧାକାନ୍ତ ତଥା ରାଧାରମଣ ମଠ, ତ୍ରିନାଥ ମଣ୍ଡପ, କୋଠୀଶାଳ (ଓଷାକୋଠୀ) ଘର ସହ ପୂର୍ବ ପଟରେ ବାଲି ନଈ ଧାରରେ ରହିଛି ମା' ହରଚଣ୍ଡୀଙ୍କ ପୂଜାସ୍ଥଳୀ ଓ ଭାରତର ଆଦ୍ୟ ସ୍ୱାଧୀନତା ସଂଗ୍ରାମର ସ୍ମାରକୀ- ଗାନ୍ଧି ମହାତ୍ମା ଗରଗଛ, ଗାମ ଲୋକେ ଆଖ ପାଖରୁ ଗ୍ରାମରେ ଏହାକୁ ଗାନ୍ଧୀ ମସ୍ତା ବରଗଛ ଭାବରେ ଜାଣିଥାନ୍ତି । ପ୍ରତିବର୍ଷ ଏହି ଗ୍ରାମରେ ସ୍ୱାଧୀନତା ଦିବସ ଓ ସାଧାରଣ ତନ୍ତ୍ର ଦିବସ ଦେଶ ମାତୃକାର ଭକ୍ତି ନୈବେଦ୍ୟ ସ୍ୱରୂପ ପାଳନ କରାଯାଇଥାଏ । ଏହି ବର୍ଷ ଅଗଷ୍ଟ ପନ୍ଦର- ସ୍ୱାଧୀନତା ଦିବସ ସ୍ଥାନୀୟ ଗ୍ରାମବାସୀ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷିକା ମାନଙ୍କଙ୍କ ଗହଣରେ ମହାସମାରୋହରେ ପାଳନ କରାଯାଉଛି । ଏହି ଉତ୍ସବରେ ଜାତୀୟ ପତାକା/ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ଏ ଅଞ୍ଚଳର ଜଣେ ସମାଜସେବୀ --- ଙ୍କ ଦ୍ୱାରା ପୁରସ୍କୃତ ଚାଷୀ ଓ ପୂର୍ବତନ ସରପଞ୍ଚ ଶ୍ରୀ ଦେବରାଜ ମହାନ୍ତି। ପତାକା ଉତ୍ତୋଳନ ପରେ ସେ ଆଜିର ସମୃଦ୍ଧ ଭାରତ ବିଷୟରେ କିଛି ବକ୍ତବ୍ୟ ରଖିଥିଲେ । ଅନ୍ୟ ଜଣେ ବ୍ୟକ୍ତି ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଏ ଦିବସର ମହତ୍ତ୍ୱ, ଅତୀତରେ ହୋଇଥିବା ସ୍ୱାଧୀନତା ସଂଗ୍ରାମର ବଳିଦାନ ବିଷୟରେ ସମବେତ ବ୍ୟକ୍ତି ବିଶେଷଙ୍କୁ ସଂବୋଧନ କରିଥିଲେ । ଶେଷରେ ଏହି ଗ୍ରାମର ରାଧାରମଣ ସାଂସ୍କୃତିକ ସଂସଦର ସଂପାଦିକ ଓ ଆୟୋଜକ ଶ୍ରୀ ସନ୍ତୋଷ ମହାପାତ୍ର- ଆମ ସ୍ୱାଧୀନତାକୁ କିଭଳି ଆଗାମୀ ଦିନରେ ବଂଚାଇ ରଖାଯାଇ ପାରିବ ଓ ଆମ ଦେଶ ସାରା ବିଶ୍ୱରେ ନାମ କରି ଏକ ସଫଳ ସମୃଦ୍ଧ ଦେଶରେ ପରିଣତ ହେବ ତା'ରି ସଂପୂର୍ଣ୍ଣ ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ମନ୍ତବ୍ୟ ଦେଇଥିଲେ । ଏଥିରେ ଗ୍ରାମ ଯୁବ ସଂଗଠନର ପରାମର୍ଶଦାତା ରାମନାୟକ, ସ୍ୱାଧୀନ ମହାନ୍ତି, ବାବୁ ମହାନ୍ତିଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବକ୍ତି, କୃଷକ ଭାଇ ଭଉଣୀମାନେ ଶ୍ରଦ୍ଧା ଓ ଭକ୍ତିର ସହ ହରଷରେ ତ୍ରିରଙ୍ଗା ଯାତ୍ରାରେ ଭାଗ ନେଇଥିଲେ । ଜାତୀୟ ସଂଗୀତ 'ଜନଗଣମନ' ବନ୍ଦେ ମାତରଂ ଆଦି ସମୂହ ଗାନ କରିବା ସହ ଛୋଟ ଛୋଟ ଛାତ୍ରଛାତ୍ରୀମାନେ ମଧ ଅତି ସରାଗରେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଜୟ ଭାରତ ମାତାର ଜୟ କହିବାରେ ଢେର୍ ଆନନ୍ଦ ଅନୁଭବ କରି ବେଣ୍ଡ ବାଜଣା ସହ ଗ୍ରାମ ପରିକ୍ରମା କରିଥିଲେ । ଗ୍ରାମରେ ଥିବା ୟୁପି ସ୍କୁଲରେ ମଧ ୭୯ ତମ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା ।


**GOVT. OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, RAIRANGPUR**

e-mail ID :- eerwrairangpur@yahoo.com

"e" procurement notice for Building works
Bid identification No- RWDRRP-06 of 2025-26

1. Name of the work : maintenance of building & periodical maintenance for the year 2025-26
2. Estimate Cost : Rs.1.68 lakhs 12.61 lakhs (approximately)
3. Class of Contractor : "D" & "C" Class or relevant of works license.
4. Period of Completion : 01 (One) calendar months
5. Tender Paper Cost : As per Annexure

The details are as follows:-

| Procurement Officer | Bid Identification No | Availability of tender On-line for bidding | | Last Date& Time of seeking Tender Clarification | Date & Time of Opening of Tender O/O Superintending EngineerRural Works Division, Rairangpur |
|---|---|---|---|---|---|
| | | From | To | | |
| S.E.R.W Division Rairangpur. | RWDRRP-06/2025-26 | 22.08.2025 at 11.00 A.M. | 02.09.2025 Up to 5.00 P.M. | 01.09.2025 Up to 5.00 P.M. | 03.09.2025 At 11.30 A.M |

Further details can be seen from the website www.tendersodisha.gov.in

OIPR: 25107/11/0026/2526

Sd-
Er. Sanjeet Naik
Executive Engineer,
R.W. Division, Rairangpur.

# ପଞ୍ଜିକରଣ ପାଇଁ ଚାଷି ଦୌଡିଦୌଡି ନୟାନ୍ତ: ରାତି ଅଧଯାଏ ସୋସାଇଟିରେ ଧାରଣା

ବାଲେଶ୍ୱର, ୨୦/୮ (ନି.ପ୍ର): ସଦରବ୍ଲକ ସାରଙ୍ଗା ସୋସାଇଟରେ ଧାନକିଣା ପଞ୍ଜିକରଣ ପାଇଁ ସହଜ ସରଳ ହେ୍ୱ ପାଇଁ ଅନଲାଇନ ବ୍ୟବସ୍ଥା ଏବେ ଚାଷିପାଇଁ ଅସୁବିଧାର କାରଣ ପାଲଟିଛି। ସର୍ଭର ଡାଉନ ଚାଷି ପାଇଁ ପାଲଟିଛି ବଡ଼ ଚ୍ୟାଲେଞ୍ଜ। ଏପଟେ କ୍ଷେତ ଡାକୁଥିବା ବେଳେ ସେପଟେ ବର୍ଷକର ବେଉଷଣ କୁ ବିକିବା ପାଇଁ ସରକାରୀ ପଞ୍ଜିକରଣ। ଗୋଟିଏ ଦିନ କାମକୁ ନଗଲେ କୁଟୁମ୍ବ ଉପାସ , ଦୁଇତିନଧରି ଶତାଧିକ ଚାଷି ନିଇତି ରାତି ଅଧପର୍ଯ୍ୟନ୍ତ ଅଧିଆ ପଡିବାକୁ ପଡୁଛି। ଫର୍ମ ସଂଗ୍ରହ କରିଛନ୍ତି ହଜାରେରୁ ଅଧିକ ଚାଷି, ନବାଗତଙ୍କ ପାଇଁ ଏ୍ୱେ ଫର୍ମ ବି ମିଳୁନାହିଁ। ଏମିତି ଯଦି ସର୍ଭର ଡାଉନରହେ କେବେ ହେ୍ୱ ପଞ୍ଜିକରଣ ,ମୁଁ ତିନିଦିନ ଧରି ଆସୁଛି ବସନ୍ତପୁରର ଚାଷି ଫକୀର ସେଠୀ କୁହନ୍ତି , ତିନିଦିନ କମେଇ, ଆଜିବି ସକାଳୁ ଆସି ବସିଛି ସନ୍ଧ୍ୟା ହେଲାଣି। ସବୁଠାରୁ ସମସ୍ୟା ନିଛାଟିଆ ରାସ୍ତା ବିପଦ ସଂକୁଳ , ଯନ୍ତ୍ରକୁ ଆଶ୍ରାକରିବା ଏ ଅବସ୍ଥା । ଯଦି ସାଧାରଣ ଭାବରେ ପଞ୍ଜିକୃତ ହେଉଥାନ୍ତା କେବେଠୁ ଘରେ ପହଁଚି ସାରନ୍ତେଣି। ସତରେ ଆମେ ଆଗଉଛୁ ନା ପଛଉଛୁ ଏ ଯନ୍ତ୍ରର ଖେଳ ଅପାଠୁଆ ଚାଷି ପାଇଁ ଅବୁଝା, ଶୀତତାପ କୋଠରିରେ ସୋସାଇଟର ବାବୁଭାୟାଙ୍କୁ ପ୍ରାଣପଣେ ଡରେ, ନା କହିପାରୁଛନ୍ତି ନା ସହି ପାରୁଛନ୍ତି ଆ୍ୱ କେହି ଅଦୃଶ୍ୟ ଶକ୍ତି ନିର୍ଦ୍ଦେଶରେ ଏମିତି ଘଟୁଛି ସାଧାରଣରେ ଚର୍ଚ୍ଚା ହେଉଛି। ଆଗାମୀଦିନରେ ଏ ପ୍ରକାର ଯେମିତି ଅସୁବିଧା ନହୁଏ, ସାଧାରଣ ଚାଷୀ ଟି ଯେପରି ଅସୁବିଧାରେ ନପଡେ, ବିଭାଗୀୟ ଅଧିକାରୀଙ୍କୁ ମାନବାଧିକାରକର୍ମୀ ସୁଧାକର ସେଠୀ ନିବେଦନ ରଖିଛନ୍ତି। ସାଧାରଣରେ ଚାଷିଟି ପେଟ ପାଇଁ ଦୌଡୁଥିବା ବେଳେ , ଗୋଟିଏ ଦିନ ତା ପାଇଁ ଗୋଟିଏ ମଜୁରୀ, ନମିଳିଲେ ସାରାପରିବାର ଉପାସ ,ଆଶା ବିଭାଗୀୟ ଅଧିକାରୀମାନେ ଏ ପ୍ରତି ଯତ୍ନବାନ ହେବେ।

# ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା: ବାପ ଘର ଆଣିଲେ ହତ୍ୟା ଅଭିଯୋଗ



ବସ୍ତା, ୨୦/୮ (ନି.ପ୍ର): ଫାସି ଲଗାଇ ମହିଳା ଆତ୍ମହତା ହେଲେ ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ । ପୋଷ୍ଟ ମାର୍ଟମ ପରେ ଶବ ସତ୍କାର କଲା ବସ୍ତା ପୋଲିସ। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ବସ୍ତା ଥାନା ଦୁଧହଂସା ପଞ୍ଚାୟତ ନଳବାହାର ଗ୍ରାମରେ । ନବ ବିବାହିତା ବୋହୁର ଆତ୍ମହତ୍ୟାକୁ ନେଇ ଚର୍ଚ୍ଚା। ସୂଚନା ଅନୁସାରେ ବଡ଼ ଧନାଡି ଗ୍ରାମର ତପନ ଜେନାଙ୍କ ଝିଅ ସବିତା(୨୧) ସହିତ ନଳବାହାର ଗ୍ରାମର ସନିଆ ମହାଲିକଙ୍କ ସହିତ ଛଅ ମାସ ତଳେ ବୈଦିକ ରୀତି ନିତିରେ ବାହାଘର ହୋଇଥିଲା। ସବୁ ଠିକ ଠାକ ଚାଲିଥିବା ବେଳେ ଆଜି ଅପରାହ୍ନ ସମୟରେ ଘର ଲୋକ କେହି ନଥିବା ଅବସ୍ଥାରେ ସବିତା ଘର ଭିତରେ ବେକରେ ଦଉଡି ଲଗାଇଥିବା ବଡ଼ ବୋହୁ ଜାଣିପାରି ଘରଲୋକ ଓ ସାହିପାଡିଶାକୁ ଡାକି ସବିତାକୁ ବସ୍ତା ମେଡିକାଲକୁ ଆଣିଥିଲେ । ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବାପ ଘର ଲୋକେ ଝିଅକୁ ଦେଖିବାକୁ ମେଡିକାଲରେ ପହଞ୍ଚି ଝିଅର ବେକ ରେ କ୍ଷତ ଚିହ୍ନ ଦେଖି ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ମେଡିକାଲ ରେ ପହଞ୍ଚି ଶବକୁ ଜବତ କରିବା ସହିତ ମୃତକଙ୍କ ସ୍ୱାମୀ ସନିଆକୁ ଥାନା ରେ ଅଟକ ରଖିଛି। ତେବେ ମୃତକଙ୍କ ଶାଶୁଙ୍କ କହିବା ଅନୁସାରେ ବୋହୁକୁ କିଛିଦିନ ଧରିପ୍ରେତାତ୍ମା ସବାର ହୋଇଥିଲା ଗୁଣିଆ ଆସି ଝଡା ଫୁଙ୍କା କରିଥିବା ବେଳେ ଗତ ପନ୍ଦର ଦିନ ତଳେ ଘରେ କେହି ନ ଥିବା ଅବସ୍ଥାରେ ଝିଅର କାକା ଜଣେ ଗୁଣିଆକୁ ନେଇ ଘରକୁ ଆସିଥିଲେ, ଉକ୍ତ ଗୁଣିଆ ଜଣକ ବନ୍ଦ ଘର ଭିତରେ ବୋହୁର ଇଜତ ଲୁଟ କରିଥିବା ବୋହୁ ବଞ୍ଚିଥିବା ବେଳେ ସମସ୍ତଙ୍କୁ ଜଣାଇଥିଲା। ଉକ୍ତ ଘଟଣାକୁ ତାର ବାପ ଘରକୁ ମଧ୍ୟ ଜଣାଇ ଥିବା ବେଳେ କେହି ବିଶ୍ୱାସ କରିନଥିଲେ। ବାରମ୍ୱାର ବୋହୁ ନିଜର ଇଜତ ଯାଇଥିବା କହିଆସୁଥିବା ବେଳେ ଆଜି ନିଜେ ଆତ୍ମହତ୍ୟା କରିଥିବା କହିଛନ୍ତି ଶାଶୁ ସଫେଇ ଦେଇଥିଲେ । ଘଟଣାକୁ ନେଇ ପୋଲିସ ଓ ସାଇଣ୍ଟିଫିକ ଟିମର ତଦନ୍ତ ପରେ ଶବକୁ ପୋଷ୍ଟ ମୋର୍ଟମ କରି ପୋଲିସ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ବେଳେ, ଶବକୁ କେହି ନେଇନଥିଲେ। ବାପ ଘର ଲୋକେ ଶବକୁ ନେଇ ନ ଥିବା ବେଳେ, ଶାଶୁ ଘର ଲୋକେ ପୋଲିସ ଭୟରେ ଫେରାର ଥିଲେ ଏବଂ ସ୍ୱାମୀ ପୋଲିସ ହେପାଜତ ରେ ଥିବାରୁ ଶବ ନେବାକୁ କେହି ନ ଥିଲେ । ଯାହାଫଳରେ ପୋଲିସ ଶବକୁ କାନ୍ଧେଇ ଏକ କିଲୋମିଟର ରାସ୍ତା ଚାଲି ଚାଲି ଆସି ରାଜପଥ ପାର୍ଶ୍ୱ ରେ ଦାହ କରିଥିଲେ। ଯାହାକୁ ନେଇ ଅଂଚଳରେ ଚର୍ଚ୍ଚା ଲାଗିରହିଛି। ବସ୍ତା ଥାନା ଅଧିକାରୀ ରଂଜିତ କୁମାର ସାହୁଙ୍କ ନେତୃତ୍ୱ ରେ ସମସ୍ତ ଏସ ଆଇ, ଏ ଏସ ଆଇ, କନେଷ୍ଟବଳ ସହ କିଛି ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଶବ ଦାହ କରିଥିଲେ ।

## ଟ୍ରକକୁ ପଛପଟୁ ଧକ୍କା ଦେଲା ଯାତ୍ରୀବାହି ବସ: ଅଳ୍ପକେ ବର୍ତ୍ତିଲେ ୭୦ ଯାତ୍ରୀ

ଜଳେଶ୍ୱର, ୨୦/୮ (ନି.ପ୍ର): ଜଳେଶ୍ୱର ଥାନା ମଧୁବନ ହୋଟେଲ ନିକଟରେ ମାଲକ୍ଷ୍ମୀ ନାମକ ଘୋରେଇ ବସ ଭୁବନେଶ୍ୱରରୁ ପଶ୍ଚିମବଙ୍ଗର ହଳଦିଆ ଯିବା ସମୟ ରେ ଏକ ଟ୍ରକ ଓଭର ଟେକ୍ କୁ ନେଇ ପଛ ପଟୁ ଟ୍ରକ ଧକ୍କା ଦେଇଥିଲା। ଫଳରେ ବସ ର ଆଗ କାଚ ଭାଙ୍ଗି ଯାଇଥିଲା । କିନ୍ତୁ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ସୂଚନା ଅନୁସାରେ ମଙ୍ଗଳବାର ରାତି ୧ ଟା ସମୟ ରେ ମା ଲକ୍ଷ୍ମୀ ନାମକ ଘୋରେଇ ବସ ( ଡଇ- ୫୭-ର-୫୦୧୪) ୭୦ ରୁ ଉର୍ଦ୍ଧ ଯାତ୍ରୀ ନେଇ ଭୁବନେଶ୍ୱର ରୁ ପଶ୍ଚିମବଙ୍ଗ ର ହଳଦିଆ ଅଭିମୁଖେ ଯିବା ସମୟ ରେ ୬୦ ନମ୍ବର ରାଜପଥ ହୋଟେଲ ମଧୁବନ ପାଖରେ ଉକ୍ତ ବସ ଟ୍ରକ କୁ ଓଭର୍ ଟେକ୍ କରିବା ସମୟ ରେ ଏକ ଟ୍ରକ (ଡଇ-୩୩ଔ-୫୧୮୫ ) ପଶ୍ଚିମବଙ୍ଗ ଯାଉଥିବା ସମୟ ରେ ପଛପଟୁ ଧକ୍କା ଦେଇ ବସ ଟି ସାଇଟ କରି ଦେଇଥିଲା ଏବଂ ବସ ର ଆଗ ଟି ନଷ୍ଟ ହୋଇଯାଇଛି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଘଟଣା ସ୍ଥଳରେ ଖବର ପାଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଏବଂ ଜଳେଶ୍ୱର ପୋଲିସ ପହଞ୍ଚି ସୁରକ୍ଷିତ ଭାବେ ଦୁର୍ଘଟଣା ଜନିତ ବସ ରୁ ଲୋକଙ୍କୁ ଉଦ୍ଧାର କରି ଅନ୍ୟ ବସ ଯୋଗେ ଯାତ୍ରୀ ଙ୍କୁ ହଳଦିଆ ଅଭିମୁଖେ ପଠାଇଥିଲେ ଏବଂ ଦୁର୍ଘଟଣାଗ୍ରସ୍ତ ଟ୍ରକ କୁ ଜଳେଶ୍ୱର କୋର୍ଟ ସମ୍ମୁଖରେ ଥିବା ଡମ୍ପିଂ ୱାର୍ଡ଼ି କୁ ପଠାଇଥିଲେ।

# ଓଡ଼ିଶା ବ୍ରାହ୍ମଣ ମହାସଂଘ ନିର୍ମାଣ କରିବ ଶ୍ରୀକ୍ଷେତ୍ର ବ୍ରାହ୍ମଣଭବନ




ଭଦ୍ରକ , ୨୦/୮ (ନି.ପ୍ର): ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ ପୁରୀରେ ଶ୍ରୀକ୍ଷେତ୍ର ବ୍ରାହ୍ମଣଭବନ ନିର୍ମାଣ ଉଦ୍ଦେଶ୍ୟରେ ଭଦ୍ରକ ଶାଖା ପକ୍ଷରୁ ସହଯୋଗ କରିଥିବା ବ୍ରାହ୍ମଣ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲା ସଭାପତି ମନ୍ଦରଧର ଦୀକ୍ଷିତଙ୍କ ସଭାପତିତ୍ୱରେ ସରସ୍ୱତୀ ବିହାର ଠାରେ ଆୟୋଜିତ ଆଦର୍ଶ ଶିକ୍ଷକ ଅଭିମନ୍ୟୁ ଦୀକ୍ଷିତଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ରାଷ୍ଟ୍ରପତି ସମ୍ମାନିତ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଯୋଗଦେଇ ରାଷ୍ଟ୍ର ଓ ରାଷ୍ଟ୍ରଧର୍ମର ମୂଳରେ ଥିବା ବ୍ରାହ୍ମଣମାନଙ୍କର ସଂଗଠନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସମଗ୍ର ଓଡ଼ିଶାରେ ବ୍ରାହ୍ମଣ ସଂଗଠନର ସ୍ଥିତି ଉପରେ ଆଲୋକପାତ କରିଥିଲେ । ରାଜ୍ୟ ସଭାପତି ଡ଼. ସଦାନନ୍ଦ ଦୀକ୍ଷିତଃ ପୁରୀ ଠାରେ ନିର୍ମାଣଧୀନ ବ୍ରାହ୍ମଣଭବନ ପାଇଁ ଭଦ୍ରକ ଜିଲ୍ଲାରୁ ପ୍ରଭୂତ ସହଯୋଗ କରିଥିବା ଶ୍ରୀମତୀ ବୀଣାପାଣି ପାଢ଼ୀ, ପ୍ରତାପ ଚନ୍ଦ୍ର ପଣ୍ଡା, ପ. ଭାଗୀରଥି ନନ୍ଦଶର୍ମା, ଶ୍ରୀକାନ୍ତ ପାଢ଼ୀ, ବିନୋଦ ଚନ୍ଦ୍ର ଦାଶ, ଡ଼. ବ୍ରଜମୋହନ ମିଶ୍ର, ଡ଼. ମଦନମୋହନ ଦାଶ, ସୁବାସ ଚନ୍ଦ୍ର ଦାଶ, ଡ଼. ନିତ୍ୟାନନ୍ଦ ମିଶ୍ର, ମନୋଜ କୁମାର ଆଚାର୍ଯ୍ୟ, ଉଦୟ ନାରାୟଣ ନନ୍ଦ , ରାଜେନ୍ଦ୍ର ପ୍ରସାଦ ପାଢ଼ୀ, କଳ୍ପତରୁ ଉଦ୍‌ଗାତାଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ବ୍ରାହ୍ମଣ ସଂଗଠନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଅଭିମନ୍ୟୁ ଦୀକ୍ଷିତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଡ଼. ସଦାନନ୍ଦ ଦୀକ୍ଷିତଃ ଆଦର୍ଶ ପିତା, ସଫଳ ଶିକ୍ଷକ, ଭଦ୍ରକାଳୀ ମନ୍ଦିର ପରିଚାଳକ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାନର ଉଦ୍ୟୋକ୍ତା ଭାବେ ଅଭିମନ୍ୟୁ ଦୀକ୍ଷିତଙ୍କ ଚରିତାବଳି ବର୍ଣ୍ଣନା କରିଥିଲେ । ଭଦ୍ରକ ଶାଖାର କୋଷାଧ୍ୟକ୍ଷ ରାଧାକାନ୍ତ ଦୀକ୍ଷିତ, ସ୍ୱାଗତ ଏବଂ ଶେଷରେ ଡ଼. ବସନ୍ତ କୁମାର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଣେଶ ପୂଜାର ସୁଚାରୁ ରୂପେ ପାଳନ ପାଇଁ ବାଲେଶ୍ୱରରେ ଶାନ୍ତି କମିଟି ସଭା



ବାଲେଶ୍ୱର, ୨୦/୮ (ନି.ପ୍ର): ଆଗାମୀ ୨୭ ଆଗଷ୍ଟରେ ପାଳିତ ହେବାକୁଥିବା ଗଣେଶ ପୂଜାକୁ ସୁଚାରୁ ରୂପେ ଓ ଶାନ୍ତିପୂର୍ଣ୍ଣ ଭାବରେ ପାଳନ ପାଇଁ ଗାନ୍ଧୀ ସ୍ମୃତି ଭବନରେ ଶାନ୍ତି କମିଟି ସଭା ଆୟୋଜିତ ହୋଇଛି। ସଭାରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ, ଜିଲ୍ଲାପାଳ, ପୋଲିସ ଅଧିକ୍ଷକ, ଜିଲ୍ଲା ପରିଷଦ ଅଧକ୍ଷ, ବାଲେଶ୍ୱର ମୁନିସିପାଲିଟି ଅଧକ୍ଷା, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସଦରଙ୍କ ସହ ବିଭିନ୍ନ ଅଧିକାରୀ, ଶାନ୍ତି କମିଟି ସଦସ୍ୟଗଣ, ବିଭିନ୍ନ କ୍ଲବର ପ୍ରତିନିଧି ଓ ସାମ୍ବାଦିକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ଅତିରିକ୍ତ ପୋଲିସ ଅଧିକ୍ଷକ ଦେବଜ୍ୟୋତି ଦାଶ ସଂଚାଳନା କରିଥିଲେ। ବାଲେଶ୍ୱର ସଦର ବିଧାୟକ ଘୋଷଣା କଲେ, ସୁଚିନ୍ତିତ ଯୋଜନା ସହିତ ଶାନ୍ତିପୂର୍ଣ୍ଣ ଭାବେ ନିୟମ ପାଳନ କରିଥିବା ଏବଂ ଉଚ୍ଚକୋଟୀର ଥିମ୍ ଡେକୋରେସନ୍ ପ୍ରଦର୍ଶନ କରିଥିବା କ୍ଲବ୍‌ମାନଙ୍କୁ ପୁରସ୍କାର ଦିଆଯିବ ।

## ରାଜଧାନୀରେ ମାତିଲେ ଲୁଟେରା

ଭୁବନେଶ୍ୱର, ୨୦/୮ (ନି.ପ୍ର): ରାଜଧାନୀରେ ମାତିଲେ ଲୁଟେରା। ପୁଣି ହେଲା ଭୁବନେଶ୍ୱରରେ ସିରିଜ୍ ଲୁଟ୍। ଧଉଳି ଥାନା ଅଂଚଳରେ ଏକାଧିକ ଘରେ ବୁଲାଇଲେ କଳାକନା। ଉପର ମହଲାରେ ଥିବା ଲୋକଙ୍କୁ ବାହାରୁ ତାଲା ପକାଇ ଲୁଟିଲେ ଲୁଟେରା । ଘରର ସମସ୍ତ ତାଲା ଓ ଗୋଦରେଜ୍ ଭାଙ୍ଗି ବିଜନେସ ମ୍ୟାନଙ୍କ ଘରୁ ୧୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍ ହୋଇଛି। ପୁଅର ଆଡମିସନ୍ କରିବା ପାଇଁ ପରିବାର ସହ ବୁର୍ଲା ଯାଇଥିଲେ ଘର ମାଲିକ ଶୁଭ୍ରାଂଶୁ ନାୟକ। ସିସିଟିଭିରେ ମୁଖାପିନ୍ଧା ଲୁଟେରା ଶାବଳ ଧରି ବୁଲୁଥିବାର ଦୃଶ୍ୟ କଏଦ୍ ହୋଇଛି ।

# ଉଦଳାରେ ରୋଟାରି ଖୋଲିଲା ପାରାମେଡ଼ିକାଲ ଇନଷ୍ଟିଚ୍ୟୁଟ

## ଲାବରେଟୋରି ଟେକନିସିଆନ କୋର୍ସ ପାଇଁ ଆରମ୍ଭହେଲା ପାଠପଢ଼ା




ଉଦଳା , ୨୦/୮ (ନି.ପ୍ର): ଉଦଳା ରୋଟାରି କ୍ଲବର ଉଦ୍ୟମରେ ଖୋଲାଯାଇଥିବା ପାରାମେଡ଼ିକାଲ ଇନଷ୍ଟିଚ୍ୟୁଡ଼ର ଲାବରେଟୋରି ଟେକନିସିଆନ କୋର୍ସ ପାଇଁ ଆଜି ଅଗଷ୍ଟ ୨୦ ତାରିଖ ବୁଧବାର ଦିନ ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କର ପାଠପଢ଼ା ଆରମ୍ଭ ହୋଇଛି । ଏହି ଅବସରରେ ପ୍ରଥମବ୍ୟାଚ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଆୟୋଜିତ ଉତ୍ସବରେ ଉଦଳା ରୋଟାରି କ୍ଲବର ପ୍ରତିଷ୍ଠାତା ତଥା ଇନଷ୍ଟିଚ୍ୟୁଡ଼ର ଚେୟାରମେନ ଇଂ. ସୁବାଷଚନ୍ଦ୍ର ପଣ୍ଡା ଅଧକ୍ଷତା କରି ଅନୁଷ୍ଠାନକୁ ଆଗେଇନେବା ପାଇଁ ସମସ୍ତଙ୍କ ସହଯୋଗ କମନା କରିଥିଲେ । ଅବସରପ୍ରାପ୍ତ ଚିପ ଡ଼ିଷ୍ଟ୍ରିକ ମେଡ଼ିକାଲ ଅଫିସର ଡ଼ା. ଶିବାନନ୍ଦ ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଳାରେ ବିତାଇଥିବା ଚାକିରି ଜୀବନର ଅନୁଭବ ଓ ରୋଟାରି କ୍ଲବ ସହିତ ସମ୍ପର୍କ ବିଷୟରେ ବିସ୍ତୃତ ବର୍ଣ୍ଣନା କରିବା ସହ ଅନୁଷ୍ଠାନର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରି କ୍ଲବ – ୩୨୬୨ ର ଆସିଷ୍ଟାଣ୍ଡ ଗଭର୍ଣ୍ଣର ପ୍ରଦିପ୍ତ କୁମାର ପଣ୍ଡା, ଉଦଳା ରୋଟାରି କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଡ଼ା. ଭାଗବତ ବେହେରା, ଡ଼ା. ପ୍ରଜ୍ଞାପ୍ରିୟଦର୍ଶିନି ବେହେରା ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗଦେଇ ଏହି ଅନୁଷ୍ଠାନଟି ଭବିଷ୍ୟତରେ ଏକ ମେଡ଼ିକାଲ କଲେଜରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ ବୋଲି ଭାଷଣ ମାଧ୍ୟମରେ ବ୍ୟକ୍ତ କରିଥିଲେ । ଉଦଳା ରୋଟାରି କ୍ଲବର ପୁର୍ବତନ ସଭାପତି ପ୍ରହ୍ଲାଦ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ସୁଦର୍ଶନ ପ୍ରଧାନ ମଂଚପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଏହାପରେ ଅନୁଷ୍ଠାନରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ଶେଷରେ ଉଦଳା ରୋଟାରି କ୍ଲବର ପୁର୍ବତନ ସଭାପତି ଅଶୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି ସ୍ୱାଗତ ଉତ୍ସବକୁ ସଫଳ କରିବାରେ ଡ଼ା.ସଚିଦାନନ୍ଦ ପରିଡ଼ା, ବ୍ରହ୍ମାନନ୍ଦ ନାୟକ, ଚିତରଂଜନ ବାରିକ, ସୁଶାନ୍ତ ପଟ୍ଟନାୟକ, ଡ଼ା. ପ୍ରଶାନ୍ତ ସେନ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଜୟ ବେହେରା, ଦୁଳମଣି ପୁହାଣ, ଦୀପକ ଦାସ, ଜୟନ୍ତି ପଟ୍ଟନାୟକ, ହରେନ ପଟ୍ଟନାୟକ, ରାଜଲକ୍ଷ୍ମୀ ମହାନ୍ତି, ମନୋରଂଜନ ପାଢ଼ି ପ୍ରମୁଖ ସହଯୋଗ କରିଥିଲେ ।

# ବାଲେଶ୍ୱରରେ ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ଦାବିରେ ୩ୟ ଦିନରେ

## ଗଣଧାରଣା ସ୍ଥଳରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ବିଭିନ୍ନ ଗଣସଂଗଠନ




ବାଲେଶ୍ୱର, ୨୦/୮ (ନି.ପ୍ର): ମେଡ଼ିକାଲ୍ କଲେଜ୍ ଓ ହସପିଟାଲ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ୩ୟ ଦିନର ଗଣଧାରଣାରେ ବହୁ ସାମାଜିକ ସଂଗଠନ ଓ ଗଣ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଗଣଧାରଣା ସ୍ଥଳରୁ ପୂର୍ବତନ ସେନା କର୍ମଚାରୀ ସଂଘ, ବାଲେଶ୍ୱର ସାମ୍ବାଦିକ ସଂଘ ଓ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟସେବା ସଂପର୍କିତ ୧୮ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାବାସୀଙ୍କ ସାମଗ୍ରୀକ ସରକାରୀ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ମେଡ଼ିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ଉପସଭାପତି ନିରଞ୍ଜନ ରାଉତ ଧାରଣା ସ୍ଥଳରେ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କ୍ରିୟାନୁଷ୍ଠାନ କମିଟି ସମେତ ବିଭିନ୍ନ ସଂଗଠନ ପକ୍ଷରୁ ବିପ୍ଳବ କୁମାର ମହାନ୍ତି, ମହେଶ୍ୱର ବେହେରା, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ଗୋପୀନାଥ ଶତପଥୀ, ଶରତ କୁମାର ମହାପାତ୍ର, ମାୟାଧର ନାୟକ, ଡ. କେଶବ ଯଶୋଦାନନ୍ଦନ ଆଶ୍, ଦୁଷ୍ମନ୍ତ ଦାସ, ପଦ୍ମଲୋଚନ ଦତ୍ତ, ସୂର୍ଯ୍ୟକାନ୍ତ ପଣ୍ଡା, ପ୍ରଫୁଲ୍ଲ ଦାସ, କୁମୁଦ ରଂଜନ ଗିରି ଓ ତରୁଣ ପଣ୍ଡା, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଭାସ୍କର ଚନ୍ଦ୍ର ପଣ୍ଡା, ନିରାକାର ପାଣ୍ଡବ, ପୂର୍ବତନ ସରପଞ୍ଚ ଷ୍ଟାଲିନ୍ ମିଶ୍ର, ଅନିଲ୍ ପଟ୍ଟନାୟକ, ପ୍ରଭାକର ବେହେରା, ବସନ୍ତ ଲତା ପଟ୍ଟନାୟକ, ମହମ୍ମଦ ଇସଲାମ୍, ସପନ ବିଶ୍ୱାଳ, ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦୃଢ଼ ଦାବି କରିଥିଲେ। ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରୋଟାରୀ କ୍ଲବ ମିଡଟାଉନର ଅଧିଷ୍ଠାନ ଦିବସ

ଭଦ୍ରକ, ୨୦/୮ (ନି.ପ୍ର): ରୋଟାରୀ କ୍ଲବ ମିଡଟାଉନ ଭଦ୍ରକ ତରଫରୁ ୨୧ତମ ଅଧିଷ୍ଠାନ ଦିବସ ହୋଟେଲ ଆଦ୍ୟାଶାରେ ରୋଟାରୀଆନ୍ ଗୌରବ ଅଗ୍ରୱାଲଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳନ କରାଗଲା । ଉକ୍ତ ସଭାରେ ରୋ. ଚୈତାଳୀ ଖିଲାର ଅଧକ୍ଷତା କରିଥିଲେ । ଅନୁଷ୍ଠିତ ସଭାକୁ ୨୦୨୭-୨୮ ପାଇଁ ରୋଟାରୀ ଗଭର୍ଣ୍ଣର ଇନ୍ଦ୍ରଜିତ୍ ସାହୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇ କ୍ଲବର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେବା ସହ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଉକ୍ତ କ୍ଲବକୁ ପୂର୍ଣ୍ଣ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ନିମନ୍ତ୍ରିତ ଅତିଥି ଯିଏ କି ଧାମରା ବନ୍ଦରର ଏଚ.ସି.ଏ ଆଶିଷ ଦାସ କ୍ଲବର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଉକ୍ତ କ୍ଲବର ସଦସ୍ୟତା ଗ୍ରହଣ କରିଥିଲେ । ପୂର୍ବତନ ସଭାପତି ଗୌରବ ଅଗ୍ରୱାଲ ଓ ସମ୍ପାଦକ ନିରଞ୍ଜନ ମଲ୍ଲିକ ଚଳିତ ବର୍ଷର ସଭାପତି ଭାବେ ସନ୍ଧ୍ୟା ଗୁପ୍ତାଙ୍କୁ ଓ ସମ୍ପାଦକ ଭାବେ ସିଲୁ ଲଖାନୀଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ନୂତନ ସଭାପତି ସନ୍ଧ୍ୟା ଗୁପ୍ତା ଚଳିତ ବର୍ଷର କ୍ଲବ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବାର ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ୩୨୬୨ର ପ୍ରାକ୍ତନ ସମ୍ପାଦକ, ସମାଜସେବୀ ରୋଟାରିଆନ ଡଃ. ଶିଶିର ମିଶ୍ର, ସମାଜର ସବୁ ବର୍ଗର ଲୋକଙ୍କୁ କ୍ଲବ କିପରି ସେବା ଯୋଗାଉଛି ସେ ସମ୍ବନ୍ଧରେ ନିଜର ସବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ନିର୍ବାହ କରିବା ସହ ସାଧାରଣ ଜନତାଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ଏସ୍.ପି.ସି. ହୋମଗାର୍ଡ, ଦଳଗୋବିନ୍ଦ ମହାପାତ୍ର, ସହକାରୀ ଅଗ୍ନି ନିର୍ବାହ ଅଧିକାରୀ ପୋରନ ସୋରେନ, ଟ୍ରାଫିକ ହାବିଲଦାର ଅଜୟ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଓ ଫଳକ ପ୍ରଦାନ କରାଯାଇଥିଲା । ସେହିପରି ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାର ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖିଥିବା ପଲ୍ଲୀଶ୍ରୀ ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ କରଙ୍କୁ କ୍ଲବ ଓ ବାସୁଦେବ ନାୟକ ସ୍ମୃତିରେ ଦୁଇ ହଜାର ଟଙ୍କା ସହ ସାର୍ଟିଫିକେଟ୍ ଓ ଫଳକ ପ୍ରଦାନ କରାଯିବା ସହ ରାମଚନ୍ଦ୍ର ବିହାରୀଲାଲ ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଅଂଶୁମାନ ଚୌଧୁରୀଙ୍କୁ ସାର୍ଟିଫିକେଟ ଓ ଫଳକ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ରୋଟାରିଆନ୍ ଅତିସ ବେହେରା ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୧୫ଟି ରୋଟାରୀ କ୍ଲବ, ୨ଟି ଲାୟସ୍ କ୍ଲବ, ମାରୱାଡି ଯୁବ ମୋର୍ଚ୍ଚା, ବରିଷ୍ଠ ନାଗରିକ ସଂଘର ସଭ୍ୟମାନେ ଯୋଗଦେଇଥିଲେ ଓ କ୍ଲବ ତରଫରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ରୋ. ବେଦ ପ୍ରକାଶ ଗୁପ୍ତା, ପ୍ରମୋଦ ଲଖାନୀ, ଅଶୋକ ଲଖାନୀ, ରତନ ଲାଲ ଗୁପ୍ତା, ସନାତନ ଜେନା, ଅଶୋକ ବିଶ୍ୱାଳ, ମନୋଜ ଅଗ୍ରୱାଲ୍, ଜିତେନ୍ଦ୍ର ଅଗ୍ରୱାଲ୍, ସମୀତା ମିଶ୍ର, ଅନୀଲ ଦେ, ସଂଗୀତା ଦେ, ପବିତ୍ର ମୋହନ ଖିଲାର, ପ୍ରୀତି ଅଗ୍ରୱାଲ, ଶଶୀ ଲଖାନୀ, ପ୍ରଣିତା ପଲାର, ଇନ୍ଦ୍ରଜିତ ସିଂ ଆଦି ରୋଟାରିଆନ୍ ସହଯୋଗ କରିଥିଲେ । ପରିଶେଷରେ ରୋ. ମହେଶ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ପରିସମାପ୍ତି ଘୋଷଣା କରାଯାଇଥିଲା ।




❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida